CMYK

- Vol.- 45, Issue No. 26
- Saturday, 26 April 2025
- ଶନିବାର, ୨୬ ଏପ୍ରିଲ ୨୦୨୫
- Bhubaneswar
- Price: Rs. 2.00, Page: 8
- R.N.I. Regd. No. 34063/81
- Postal Regd. No. BN/79/18-20
- Online Portal: www.dinalipi.com
- Mail ID: dinalipinews@gmail.com

ଏକ ନିରପେକ୍ଷ ପ୍ରଗତିଶୀଳ ସମ୍ବାଦପତ୍ର

# ଦିନଲିପି
THE DINALIPI

- https://www.facebook.com/dinalipilive
- www.youtube.com/@dinalipilive
- https://www.dinalipi.com
- https://www.dinalipiepaper.com
- https://www.dinalipi.in
- twitter.com/DinalipiOnline

Web: www.dinalipi.com, E-mail: dinalipinews@gmail.com


### ସ୍କାଏ ନ୍ୟୁଜ୍‌ରେ ପାକ୍ ପ୍ରତିରକ୍ଷା ମନ୍ତ୍ରୀଙ୍କ ସ୍ୱୀକାରୋକ୍ତି

# ପାକିସ୍ତାନ ଆତଙ୍କବାଦୀଙ୍କୁ ସମର୍ଥନ ଦେଇଆସୁଛି

**୩ ଦଶନ୍ଧି ହେଲା ଆମେରିକା ଓ ବ୍ରିଟେନ ପାଇଁ ଏପରି କରି ଆସୁଛୁ**

**ପହଲଗାମ କାଣ୍ଡ ଭାରତର ଷଡ଼ଯନ୍ତ୍ର**

**ଏଲ୍‌ଇଟିର ଅନ୍ତ ଘଟିସାରିଛି**



ନୂଆଦିଲ୍ଲୀ, ୨୫ ।୪: ଗତ ମଙ୍ଗଳବାର ପହଲ୍‌ଗାମ ଆକ୍ରମଣ ଘଟଣା ପରେ ଘଟଣାକୁ ନାନା ଭାବେ ଭୁଆଁ ବୁଲାଇଥିବା ପାକିସ୍ତାନ ବହୁ ସ୍ୱୀକାରୋକ୍ତି ଦେଇଛି । ପ୍ରତିରକ୍ଷାମନ୍ତ୍ରୀ ଖ୍ୱାଜା ଆସିଫ ବ୍ରିଟେନର ସ୍କାଏ ନ୍ୟୁଜକୁ ସାକ୍ଷାତକାର ଦେବା ବେଳେ ସ୍ୱୀକାର କରିଛନ୍ତି ଯେ ପାକିସ୍ତାନ ଆତଙ୍କବାଦକୁ ସମର୍ଥନ କରିବା ଓ ଆତଙ୍କ ପାଣ୍ଠିରେ ପାକିସ୍ତାନର ଦୀର୍ଘ ଇତିହାସ ରହିଛି । ଆମେ ୩୦ ବର୍ଷ ହେଲା ଆମେରିକା ଲାଗି ଏହି କାର୍ଯ୍ୟ କରିଆସୁଛୁ । ଅତୀତରେ ପାକିସ୍ତାନ ସହିତ ଲସ୍କର-ଇ-ତୋଇବା (ଏଲଇଟି)ର କିଛି ଲିଙ୍କ୍ ମିଳିଥିଲା । ହେଲେ ଏବେ ଏହି ଆତଙ୍କବାଦ ସଂଗଠନର ଅନ୍ତ ଘଟିସାରିଛି । ସେ କହିଛନ୍ତି ଯେ ପାକିସ୍ତାନ ସହିତ ଲସ୍କରର ଲିଙ୍କ୍ ମିଳିବାର ଅର୍ଥ ଏହା ନୁହେଁ ଯେ ଆମେ ତାକୁ ସହଯୋଗ କରୁଛୁ । ଯେତେବେଳେ ଖ୍ୱାଜା ଆସିଫଙ୍କୁ ଲସ୍କରରୁ ସୃଷ୍ଟ ଏକ ଆତଙ୍କବାଦ ସଂଗଠନ ପହଲଗାମ ଆକ୍ରମଣ ପାଇଁ ନିଜକୁ ଦାୟୀ କରିଛି ବୋଲି ପ୍ରଶ୍ନ କରାଯିବା ପରେ ସେ କହିଛନ୍ତି ଯେ ଯେତେବେଳେ ମୂଳ ସଙ୍ଗଠନ ହିଁ ଆଉ ନାହିଁ ଏଥିରେ ଅଫସଟ୍ ସଂଗଠନ କଥା ଉଠୁଛି କେଉଁଠୁ ? ଉଲ୍ଲେଖଯୋଗ୍ୟ ଯେ ଲସ୍କରରୁ ବାହାରିଥିବା ଦି ରେଜିଷ୍ଟାନସ ଫ୍ରଣ୍ଟ(ଟିଆରଏଫ) ପହଲଗାମ ଗୁଳିକାଣ୍ଡ ପାଇଁ ନିଜକୁ ଦାୟୀ କରିଛି । ଏହି ଗୁଳିକାଣ୍ଡରେ ୨୬ ଜଣ ପର୍ଯ୍ୟଟକଙ୍କ ମୃତ୍ୟୁ ଘଟିଛି । ଅନ୍ୟ ଏକ ପ୍ରଶ୍ନ ଥିଲା ଯେ ଆପଣ ସ୍ୱୀକାର କରୁଛନ୍ତି କି ପାକିସ୍ତାନର ସେହି ଆତଙ୍କବାଦୀ ସଂଗଠନ ପ୍ରତି ସମର୍ଥନ, ପ୍ରଶିକ୍ଷଣ ଓ ଆର୍ଥିକ ସହଯୋଗର ଦୀର୍ଘ ଇତିହାସ ରହିଛି ? ଏଥିରେ ପ୍ରତିରକ୍ଷା ମନ୍ତ୍ରୀ ଆସିଫ ସ୍ୱୀକାର କରିଛନ୍ତି ଯେ ପାକିସ୍ତାନ ଆତଙ୍କବାଦୀଙ୍କୁ ସମର୍ଥନ ଦେଇଆସୁଛି । ସେ କହିଛନ୍ତି ଯେ ଆମେ ଗତ ୩ ଦଶନ୍ଧି ହେଲା ଯୁକ୍ତରାଷ୍ଟ୍ର ଆମେରିକା ପାଇଁ ଏପରିକି ବ୍ରିଟେନ ପାଇଁ ଏହି ଘୃଣ୍ୟ କାର୍ଯ୍ୟ କରି ଆସୁଛୁ । ସେ କହିଛନ୍ତି ଯେ ଏହା ଆମର ଭୁଲ ଥିଲା, ଏଥି ପାଇଁ ଆମର ବହୁତ କ୍ଷତି ହୋଇଛି । ସେ କହିଛନ୍ତି ଯେ ଯଦି ଆମେ ସୋଭିଏତ ୟୁନିୟନ ବିରୋଧରେ ଆଫଗାନିସ୍ତାନକୁ ସହଯୋଗ କରି ନ ଥାନ୍ତୁ ତେବେ ୯/୧୧ ରେ ଆମର ସଂପୃକ୍ତି ନ ଥାନ୍ତା ଏବଂ ପାକିସ୍ତାନ ଉପରକୁ ଏବେ କେହି ଅଙ୍ଗୁଳି ଉଠାଇ ପାରୁନଥାନ୍ତେ । ତେବେ ଖ୍ୱାଜା ଆସିଫ ପହଲଗାମ କାଣ୍ଡକୁ ଭାରତର ଷଡ଼ଯନ୍ତ୍ର ବୋଲି କହିଛନ୍ତି । ସେ କହିଛନ୍ତି ଯେ ଆମ ଏଜେନ୍ସି ମାନେ ଭାବୁଛନ୍ତି ଯେ ଏହି କାମ ଭାରତ ନିଜେ ହିଁ କରିଛି ।

# ଏଲ୍‌ଓସିରେ ଗୁଳି ବିନିମୟ

## ପହଲଗାମ୍ ଆକ୍ରମଣ: ଜଣେ ସନ୍ଦିଗ୍ଧ ଗିରଫ

ନୂଆଦିଲ୍ଲୀ, ୨୫ ।୪: ପାକିସ୍ତାନ ସେନା ଜାମ୍ମୁ-କାଶ୍ମୀର ସ୍ଥିତ ଏଲଓସି ଠାରେ ଏକାଧିକ ସ୍ଥାନରେ ଶୁକ୍ରବାର ଗୁଳି ବିନିମୟ ଜାରି ରଖିଛି । ଯୁଦ୍ଧବିରତି ଚୁକ୍ତି ଭାଙ୍ଗିବା ପାଇଁ ଏପରି କରାଯାଉଥିବା ସ୍ଥାନୀୟ ସୂତ୍ରରୁ ପ୍ରକାଶ । ଅପରପକ୍ଷେ ଭାରତୀୟ ସେନା ତାହାର ଠିକଣା ଜବାବ ଦେଉଥିବା ପରିଲକ୍ଷିତ ହୋଇଛି । ଶୁକ୍ରବାର ସେନା ମୁଖ୍ୟ ଉପେନ୍ଦ୍ର ଦ୍ୱିବେଦୀ ଶ୍ରୀନଗର ଓ ଉଧାମପୁରକୁ ସେଠାକାର ବରିଷ୍ଠ ଆର୍ମି କମାଣ୍ଡର ମାନଙ୍କ ସହ ଓ ଅନ୍ୟାନ୍ୟ ସୁରକ୍ଷା ଅଧିକାରୀଙ୍କ ସହ ଆଲୋଚନା କରି ଯିବାର କିଛି ଘଣ୍ଟା ପୂର୍ବରୁ ଏଲଓସିରେ ଗୁଳି ବିନିମୟ ହୋଇଛି । ଜାମ୍ମୁ-କାଶ୍ମୀର ଗାନ୍ଦରବଲ ଜିଲା ପୋଲିସ ସାମାଜିକ ଗଣମାଧ୍ୟମରେ ଭାଇରାଲ ହେଉଥିବା ଏକ ଫଟୋ ଆଧାରରେ ତୁରନ୍ତ କାର୍ଯ୍ୟାନୁଷ୍ଠାନ ନେବା ସହିତ ଜଣେ ସନ୍ଦିଗ୍ଧ ଖଚ୍ଚର ଚାଳକଙ୍କୁ ଗିରଫ କରିଛି । ତା' ନାଁ ଅୟାଜ ଅହମ୍ମଦ । ସେ ସୋନମାର୍ଗର ଥାଜବାସ ଗ୍ଲାସିୟରରେ ଖଚ୍ଚର ଚାଳକ ରୂପେ କାମ କରୁଥିଲା । ପୋଲିସ ତା'କୁ ପଚରାଉଚରା କରି ଗିରଫ କରିଛି । ସୂଚନା ଅନୁସାରେ, ଜଣେ ମହିଳା ପର୍ଯ୍ୟଟକ ସାମାଜିକ ଗଣମାଧ୍ୟମରେ ଅୟାଜ ଅହମ୍ମଦର ଫଟୋ ଶେୟାର କରିଥିଲେ । ସେ ଲେଖିଥିଲେ ଯେ, ପହଲଗାମ୍‌ରେ ଆକ୍ରମଣ ପୂର୍ବରୁ ଏପ୍ରିଲ ୨୦ ତାରିଖରେ ସେ ବୈସରନ ଭ୍ୟାଲି ବୁଲିବାକୁ ଯାଇଥିଲେ । ଅୟାଜ ତାଙ୍କୁ ଖଚ୍ଚରରେ ବସାଇ ବୁଲାଇଥିଲେ । ଏହି ସେ ତାଙ୍କୁ ଅନେକ ଅଜବ ପ୍ରଶ୍ନ କରିଥିଲେ । ଯେଉଁଥିରେ ଧର୍ମ, ଧାର୍ମିକ ସ୍ଥଳର ଯାତ୍ରା ଏବଂ ବନ୍ଧୁମାନଙ୍କ ଧାର୍ମିକ ପରିଚୟ ସମ୍ବନ୍ଧୀୟ ପ୍ରଶ୍ନ ସାମିଲ ଥିଲା । ସେନା ପକ୍ଷରୁ



ଆକ୍ରମଣକାରୀଙ୍କ ସ୍କେଚ ଜାରି ହେବା ପରେ ମହିଳା ପର୍ଯ୍ୟଟକ ତାହାକୁ ଦେଖିଥିଲେ । ଏହା ପରେ ସେ ଉକ୍ତ ଖଚ୍ଚର ଚାଳକର ଫଟୋ ନିଜ ସାଙ୍ଗମାନଙ୍କୁ ପଠାଇ ଉଭୟଙ୍କ ଚେହେରାରେ ଥିବା ସାଦୃଶ୍ୟସମାନ ଅଛି କି ନାହିଁ ପଚାରିଥିଲେ । ସାଙ୍ଗମାନେ ବି ସ୍କେଚରେ ଥିବା ସନ୍ଦିଗ୍ଧ ଏବଂ ଖଚ୍ଚର ଚାଳକର ଚେହେରା ମିଶୁଥିବା ଅନୁମାନ କରିଥିଲେ ।

## 'ଛୁଟିରେ ସ୍କୁଲ ଖୋଲିଲେ କଡ଼ା କାର୍ଯ୍ୟାନୁଷ୍ଠାନ'

ଭୁବନେଶ୍ୱର, ୨୫।୪: ସରକାରଙ୍କ ଗ୍ରୀଷ୍ମ ପ୍ରବାହ ଏସ୍‌ଓପି ନ ମାନି ସ୍କୁଲ, କଲେଜ ଖୋଲିଲେ କଡ଼ା କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ । ବେସରକାରୀ ସ୍କୁଲ ଓ କଲେଜକୁ ରାଜସ୍ୱ ମନ୍ତ୍ରୀ ସୁରେଶ ପୂଜାରୀ କଡ଼ା ଚେତାବନୀ ଦେଇଛନ୍ତି । ମନ୍ତ୍ରୀ କହିଛନ୍ତି, ଗ୍ରୀଷ୍ମ ପ୍ରବାହକୁ ନେଇ ପଦକ୍ଷେପ ନିଆଯାଇଛି, ସ୍ଥିତି ନିୟନ୍ତ୍ରଣରେ ରହିଥିବା ମନ୍ତ୍ରୀ କହିଛନ୍ତି । ସୂଚନାଯୋଗ୍ୟ ଯେ ୨୩ ତାରିଖଠାରୁ ଅଙ୍ଗନବାଡ଼ି, ଶିଶୁବାଟିକାଠାରୁ ଆରମ୍ଭ କରି ଦ୍ୱାଦଶ ଶ୍ରେଣୀ ପର୍ଯ୍ୟନ୍ତ ରାଜ୍ୟର ସମସ୍ତ ସରକାରୀ ଓ ବେସରକାରୀ ଶିକ୍ଷାନୁଷ୍ଠାନ ବନ୍ଦ ରହିଛି । ଏହି ସମୟ ମଧ୍ୟରେ ଅଙ୍ଗନବାଡ଼ି ପିଲାମାନଙ୍କୁ ସେମାନଙ୍କ ଘରେ ଶୁଖିଲା ଖାଦ୍ୟ ଯୋଗାଇ ଦେବା ପାଇଁ ମଧ୍ୟ ନିର୍ଦ୍ଦେଶ ଦିଆଯାଇଛି ।

## ମେ'ରେ ବଣ୍ଟାଯିବ ଆଉ ଲକ୍ଷେ ଘର: ମନ୍ତ୍ରୀ

ଭୁବନେଶ୍ୱର, ୨୫ ।୪: ମେ ମାସରେ ଆଉ ଲକ୍ଷେ ଘର ବାଣ୍ଟିବେ ସରକାର । ଏନେଇ ପଞ୍ଚାୟତିରାଜ ମନ୍ତ୍ରୀ ରବିନାରାୟଣ ନାୟକ ସୂଚନା ଦେଇଛନ୍ତି । ସେ କହିଛନ୍ତି , ଅନ୍ତ୍ୟୋଦୟ ଗୃହ ଯୋଜନାରେ ଏହି ଘର ମିଳିବ । ୩ ବର୍ଷରେ ୫ ଲକ୍ଷ ଲୋକଙ୍କୁ ମିଳିବ ଘର । ମନ୍ତ୍ରୀ କହିଛନ୍ତି, ମୁଖ୍ୟମନ୍ତ୍ରୀ ଅନ୍ତ୍ୟୋଦୟ ଗୃହ ଯୋଜନାରେ ଆଉ ଲକ୍ଷେ ହିତାଧିକାରୀଙ୍କୁ ସାମିଲ କରାଯିବ । ଶାରୀରିକ ଅକ୍ଷମ, ପ୍ରାକୃତିକ ବିପର୍ଯ୍ୟୟରେ କ୍ଷତିଗ୍ରସ୍ତ, ପଦ୍ମଶ୍ରୀ ଭଳି ପୁରସ୍କାରପ୍ରାପ୍ତ ବ୍ୟକ୍ତିଙ୍କୁ ଏଥିରେ ସାମିଲ କରାଯାଉଛି । ପ୍ରଥମ ପର୍ଯ୍ୟାୟରେ ୬୦ ହଜାର ହିତାଧିକାରୀଙ୍କୁ ସାମିଲ କରାଯାଇଥିଲା । ମେ ମାସ ଶେଷ ଯାଏଁ ଆବାସ ସର୍ଭେ ଚାଲିବ । ଏବେ ସୁଦ୍ଧା ୨୯ ଲକ୍ଷ ହିତାଧିକାରୀ ସର୍ଭେରେ ଯୋଡ଼ି ହେଲେଣି । ସର୍ଭେରେ ଯୋଡ଼ି ହେବାକୁ ବ୍ୟାପକ ସଚେତନତା କରାଯାଇଥିଲା ।

## ଇସ୍ରୋର ପୂର୍ବତନ ଅଧ୍ୟକ୍ଷ କସ୍ତୁରୀରଙ୍ଗନଙ୍କ ପରଲୋକ

ବେଙ୍ଗାଲୁରୁ, ୨୫ ।୪: ଭାରତୀୟ ମହାକାଶ ଗବେଷଣା ସଂଗଠନ (ଇସ୍ରୋ)ର ପୂର୍ବତନ ଅଧ୍ୟକ୍ଷ କେ. କସ୍ତୁରୀରଙ୍ଗନ (୮୪)ଙ୍କ ପରଲୋକ ହୋଇଯାଇଛି । ସେ ବେଙ୍ଗାଲୁରୁରେ ଶେଷ ନିଶ୍ୱାସ ତ୍ୟାଗ କରିଛନ୍ତି କୁହାଯାଉଛି ଯେ ସେ କିଛି ଦିନ ଧରି



ଅସୁସ୍ଥ ଥିଲେ । ତାଙ୍କ ପାର୍ଥିବ ଶରୀରକୁ ୨୭ ଏପ୍ରିଲରେ ସାଧାରଣ ଦର୍ଶନ ପାଇଁ ରମଣ ଗବେଷଣା ପ୍ରତିଷ୍ଠାନ (ଆର୍‌ଆର୍‌ଆଇ)ରେ ରଖାଯିବ । ପୂର୍ବତନ ଇସ୍ରୋ ମୁଖ୍ୟଙ୍କ ପରଲୋକରେ ପ୍ରଧାନମନ୍ତ୍ରୀ ମୋଦି ଶୋକ ପ୍ରକାଶ କରିଛନ୍ତି । ସେ କହିଛନ୍ତି ଯେ କେ. କସ୍ତୁରୀରଙ୍ଗନ ଇସ୍ରୋରେ ବହୁତ କଠିନ ପରିଶ୍ରମ କରିଥିଲେ ଏବଂ ଭାରତର ମହାକାଶ କାର୍ଯ୍ୟକ୍ରମକୁ ନୂତନ ଶିଖରରେ ପହଞ୍ଚାଇଥିଲେ । ଜାତୀୟ ଶିକ୍ଷା ନୀତି ପ୍ରସ୍ତୁତ କରିବା ପାଇଁ ଭାରତ ସର୍ବଦା ଡକ୍ଟର କସ୍ତୁରୀରଙ୍ଗନଙ୍କ ପ୍ରତି କୃତଜ୍ଞ ରହିବ । ସୂଚନାଯୋଗ୍ୟ ଯେ ପ୍ରଖ୍ୟାତ ବୈଜ୍ଞାନିକ କେ କସ୍ତୁରିରଙ୍ଗନଙ୍କ ଜନ୍ମ ୨୪ ଅକ୍ଟୋବର ୧୯୪୦ ମସିହାରେ କେରଳର ଏର୍ଣ୍ଣାକୁଲମରେ ହୋଇଥିଲା । ସେ ଭାରତୀୟ ମହାକାଶ ଗବେଷଣା ସଂଗଠନ (ଇସ୍ରୋ)ରେ ଦୀର୍ଘ ବର୍ଷ ଧରି କାର୍ଯ୍ୟ କରିଥିଲେ ।

## ରାଜ୍ୟରେ ଗଠିତ ହେଲା ୪୬ ସିଭିଲ୍ ଜଜ୍ କୋର୍ଟ

ଭୁବନେଶ୍ୱର, ୨୫ ।୪: ରାଜ୍ୟରେ ୪୬ଟି ନୂଆ ସିଭିଲ୍ ଜଜ୍ କୋର୍ଟ (ଜୁନିୟର ଡିଭିଜନ୍)ଗଠିତ ହୋଇଛି । ଏହି କୋର୍ଟଗୁଡ଼ିକ ବାଲେଶ୍ୱର ଜିଲ୍ଲାର ବାଲିଆପାଳ, ସିମୁଳିଆ, ସୋରୋ, ବାହାନଗା ଓ ଜଳେଶ୍ୱର, ସମ୍ବଲପୁର ଜିଲ୍ଲାର ରେଙ୍ଗାଲି, ବାମରା, କୁଚିଣ୍ଡା ଓ ଜମନକିରା, ରାୟଗଡ଼ା ଜିଲ୍ଲାର ରାୟଗଡା, ପୁରୀ ଜିଲ୍ଲାର ସତ୍ୟବାଦୀ, କେନ୍ଦୁଝର ଜିଲ୍ଲାର ସହରପଡ଼ା ଓ ହରିଚନ୍ଦନପୁର, ମୟୂରଭଞ୍ଜ ଜିଲ୍ଲାର ବହଳଦା, ରରୁଆଁ, ବିଶୋଇ ଓ



ବାରିପଦା, ଜଗତସିଂହପୁର ଜିଲ୍ଲାର ବାଲିକୁଦା ଓ ନୂଆଗାଁ, ସୁନ୍ଦରଗଡ଼ ଜିଲ୍ଲାର ବାଲିଶଙ୍କରା, ଲେଫ୍ରିପଡ଼ା, ବରଗାଁ ଓ କୁଆଁରମୁଣ୍ଡା ପାଇଁ ଉଦ୍ଦିଷ୍ଟ । ସେହିପରି କଟକ ଜିଲ୍ଲାର ବାରଙ୍ଗ ଓ କଣ୍ଟାପଡ଼ା, ସୋନପୁର ଜିଲ୍ଲାର ଉଲୁଣ୍ଡା, ବରଗଡ଼ ଜିଲ୍ଲାର ଭଟଲି, ଝାରସୁଗୁଡ଼ା ଜିଲ୍ଲାର କୋଲାବିରା, ଖୋର୍ଦ୍ଧା ଜିଲ୍ଲାର ବାଣପୁର, କୋରାପୁଟ ଜିଲ୍ଲାର ପଟାଙ୍ଗୀ, ଯାଜପୁର ଜିଲ୍ଲାର ରସୁଲପୁର, କୋରେଇ ଓ ଧର୍ମଶାଳା, କେନ୍ଦ୍ରାପଡ଼ା ଜିଲ୍ଲାର ମହାକାଳପଡ଼ା, ଗରଦପୁର ଓ ମାର୍ଶାଘାଇ, କନ୍ଧମାଳ ଜିଲ୍ଲାର ଟିକାବାଲି, କେ ନୂଆଗାଁ ଓ ଖଜୁରିଆପଡ଼ା, ଭଦ୍ରକ ଜିଲ୍ଲାର ତିହିଡି ପାଇଁ ନିର୍ଦ୍ଧାରିତ ହୋଇଛି । ଏଥିସହ ମାଲକାନଗିରି ଜିଲ୍ଲାର ଖଇରପୁଟ, ଢେଙ୍କାନାଳ ଜିଲ୍ଲାର ଢେଙ୍କାନାଳ, ବଲାଙ୍ଗୀର ଜିଲ୍ଲାର ପାଟଣାଗଡ ଏବଂ ଗଞ୍ଜାମ ଜିଲ୍ଲାର କୁକୁଡ଼ାଖଣ୍ଡି, ଧରାକୋଟ ଓ ଗଞ୍ଜାମ ପାଇଁ ଏହି କୋର୍ଟ ଗଠିତ ହୋଇଛି । ଓଡିଶା ଉଚ୍ଚ ନ୍ୟାୟାଳୟ ସହିତ ପରାମର୍ଶ କ୍ରମେ ରାଜ୍ୟ ସରକାର ଏହି କୋର୍ଟ ଗୁଡିକ ଗଠନ କରିଛନ୍ତି । ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଏ ସଂକ୍ରାନ୍ତ ପ୍ରସ୍ତାବକୁ ଅନୁମୋଦନ ଦେବା ପରେ ବିଜ୍ଞପ୍ତି ପ୍ରକାଶ ପାଇଛି । ଏହି ୪୬ଟି କୋର୍ଟ ଗଠନ ହେବା ପରେ ଏହି ସବୁ ରାଜସ୍ୱ ତହସିଲ ଉପରେ କ୍ଷେତ୍ରାଧିକାର ଥିବା ଅନ୍ୟ ସମସ୍ତ ଜୁନିୟର ଡିଭିଜନ୍ ସିଭିଲ୍ ଜଜ୍ କୋର୍ଟଗୁଡିକର ଅଧିକାର ଶେଷ ହୋଇଛି ।

### ଓଡ଼ିଶା ଷ୍ଟେଟ୍ ରାଉଣ୍ଡଟେବୁଲ ସମ୍ମେଳନରେ ମୁଖ୍ୟମନ୍ତ୍ରୀ

# କ୍ରୁଡ୍ ଷ୍ଟିଲ ଓ ଷ୍ଟେନ୍‌ଲେସ ଷ୍ଟିଲ ଉତ୍ପାଦନରେ ଓଡ଼ିଶା ପ୍ରଥମ

ମୁମ୍ବାଇ/ଭୁବନେଶ୍ୱର, ୨୫ ।୪: ଦେଶରେ ଇସ୍ପାତ ଉଦ୍ୟୋଗର ସଫଳତାରେ ଓଡ଼ିଶା ଗୁରୁତ୍ୱପୂର୍ଣ୍ଣ ଭୂମିକା ନିର୍ବାହ କରୁଛି । ଦେଶରେ ଆଇରନ ଓର୍ ଉତ୍ପାଦନରୁ ଆମ ରାଜ୍ୟ କେବଳ ଉତ୍ପାଦନ କରୁଛି ୫୫ ପ୍ରତିଶତ । ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ମୁମ୍ବାଇଠାରେ ଆୟୋଜିତ ଓଡ଼ିଶା ଷ୍ଟେଟ୍ ରାଉଣ୍ଡଟେବୁଲ ସମ୍ମେଳନରେ ଶୁକ୍ରବାର ଏପରି କହିଛନ୍ତି । ସେ କହିଛନ୍ତି ଯେ ଇସ୍ପାତ ହେଉଛି ଓଡ଼ିଶାର ମୂଳ ଶିଳ୍ପ । ଦେଶରେ ସର୍ବବୃହତ୍ ଆଇରନ ଓର୍ ପ୍ରସ୍ତୁତକାରୀ । ମୋ ଜନ୍ମିତ ଜିଲ୍ଲା କେନ୍ଦୁଝର ଖଣିଜପଦାର୍ଥରେ ସମୃଦ୍ଧ । ଏହି ଜିଲ୍ଲା କେବଳ୫୦ ପ୍ରତିଶତରୁ ଅଧିକ ଆଇରନ ଓର୍ ଉତ୍ପାଦନ କରିଥାଏ । ରାଜ୍ୟ ସରକାର କଞ୍ଚାମାଲ ସୁନିଶ୍ଚିତ କରାଇବାରେ ପ୍ରତିଶ୍ରୁତିବଦ୍ଧ । ଏଥି ସହିତ ନିବେଶକ ମାନଙ୍କୁ ଭୂମି, ସଡ଼କ,ବିଦ୍ୟୁତ,ଜଳ ଓ ଅନ୍ୟାନ୍ୟ ସଂଯୋଗିକତା ଯୋଗାଇ ଦିଆଯିବ । ମୁଖ୍ୟମନ୍ତ୍ରୀ ଆହୁରି କହିଥିଲେ ଯେ ଦେଶର ସର୍ବବୃହତ୍ କୋଇଲା ଖଣି ମଧ୍ୟରୁ ଓଡ଼ିଶାର ଏକ




ବଡ଼ ଭାଗ ରହିଛି । ଉଭୟ କ୍ରୁଡ଼ ଷ୍ଟିଲ ଓ ଷ୍ଟେନଲେସ ଷ୍ଟିଲ ଉତ୍ପାଦନରେ ଓଡ଼ିଶା ପ୍ରଥମ ସ୍ଥାନରେ ରହିଛି । ୨୦୩୦ ସୁଦ୍ଧା ରାଜ୍ୟ ବାର୍ଷିକ ଉତ୍ପାଦନ ୧୩୦ ନିୟୁତ ଟନରୁ ଅଧିକ କରିବାକୁ ଲକ୍ଷ୍ୟଧାର୍ଯ୍ୟ କରିଥିବା ମୁଖ୍ୟମନ୍ତ୍ରୀ ଶ୍ରୀ ମାଝୀ କହିଥିଲେ । ରାଜ୍ୟରେ କେମିକାଲ ଓ ଫାର୍ମାସ୍ୟୁଟିକାଲ ଉଦ୍ୟୋଗରେ ବିକାଶ ପାଇଁ ଇଣ୍ଡିଆନ କେମିକାଲ କାଉନସିଲ (ଆଇସିସି) ଓ ଇଣ୍ଡିଆନ ଡ୍ରଗ ମାନୁଫାକଚରସ ଆସୋସିଏସନର ପ୍ରତିନିଧିମାନଙ୍କ ସହ ମୁଖ୍ୟମନ୍ତ୍ରୀ କଥାବାର୍ତ୍ତା ହୋଇଥିଲେ ।

# ଗୁଣି ଗାରେଡ଼ିକୁ ନେଇ ହତ୍ୟା ମାମଲା: ୫ ଦୋଷୀଙ୍କୁ ଆଜୀବନ କାରାଦଣ୍ଡାଦେଶ

ଝାରସୁଗୁଡ଼ା, ୨୫ ।୪: ଗୁଣିଗାରେଡି ହତ୍ୟା ମାମଲା ନେଇ ୫ ଦୋଷୀଙ୍କୁ ନ୍ୟାୟାଳୟ ଆଜୀବନ କାରାଦଣ୍ଡ ଶୁଣାଇଛନ୍ତି । ୨୦୧୭ ମସିହା ମାର୍ଚ୍ଚ ୨ ତାରିଖରେ ଝାରସୁଗୁଡ଼ା ଜିଲ୍ଲା ରେଙ୍ଗାଲି ଥାନା ବିଜାପାଲି ଗ୍ରାମରେ ଜଣେ ଅସୁସ୍ଥ କଲେଜ ଛାତ୍ରୀଙ୍କ ଚିକିତ୍ସା କରିବାକୁ ଯାଇ ତାଙ୍କ ଉପରେ ଶିବ ତାଣ୍ଡବ ନୃତ୍ୟ କରାଯାଇଥିଲା । ଏହି ଘଟଣାରେ ଯୁବତୀ ସଂଯୁକ୍ତା ଜୟପୁରିଆଙ୍କର ଘଟଣାସ୍ଥଳରେ ମୃତ୍ୟୁ ଘଟିଥିଲା । ଏହି ଘଟଣା ସେତେବେଳେ ସମଗ୍ର ରାଜ୍ୟରେ ତୀବ୍ର ଆଲୋଡ଼ନ ସୃଷ୍ଟି କରିଥିବା ବେଳେ କ୍ରାଇମବ୍ରାଞ୍ଚ ମାମଲାର ତଦନ୍ତ କରି ଶିବ ତାଣ୍ଡବ କରିଥିବା ୨ ଯୁବତୀ, ତାଙ୍କର ୩ ସହଯୋଗୀ ଓ ଛାତ୍ରୀଙ୍କ ବାପ ମା'ଙ୍କୁ ଗିରଫ କରିଥିଲା । ଶୁକ୍ରବାର ଝାରସୁଗୁଡ଼ା ଏଡିଜେ କୋର୍ଟ ଏହି ମାମଲାର ଶୁଣାଣି କରିବା ସହ ସମସ୍ତ ସାକ୍ଷ୍ୟ ପ୍ରମାଣ ଆଧାରରେ ଉକ୍ତ ୨ ଯୁବତୀଙ୍କ ସମେତ ୫ ଜଣଙ୍କୁ ଆଜୀବନ କାରାଦଣ୍ଡରେ ଦଣ୍ଡିତ କରିଛନ୍ତି । ଛାତ୍ରୀଙ୍କ ବାପ ମା ନିର୍ଦ୍ଦୋଷରେ ଖଲାସ ହୋଇଛନ୍ତି । ଦୋଷୀମାନେ ହେଲେ ସୌଦାମିନୀ ଜୟପୁରିଆ(୨୨), ସନ୍ତୋଷିନୀ ଜୟପୁରିଆ(୨୩), ନବୀନ ଭୋଇ(୨୨), ସହଦେବ ଜୟପୁରିଆ(୧୯)ଓ ଅକ୍ଷୟ ଜୟପୁରିଆ(୧୯) ।

### ସବୁ ମୁଖ୍ୟମନ୍ତ୍ରୀଙ୍କୁ ଶାହଙ୍କ ନିର୍ଦ୍ଦେଶ

# ପାକିସ୍ତାନୀଙ୍କୁ ନିଜ ନିଜ ରାଜ୍ୟରୁ ବିଦା କର

ନୂଆଦିଲ୍ଲୀ/ଭୁବନେଶ୍ୱର, ୨୫ ।୪: ପହଲଗାମ୍ ଆତଙ୍କବାଦୀ ଆକ୍ରମଣ ନେଇ ଭାରତ ଓ ପାକିସ୍ତାନ ମଧ୍ୟରେ କୂଟନୈତିକ ବିବାଦ ବଢ଼ିବାରେ ଲାଗିଛି । ପାକିସ୍ତାନକୁ ପ୍ରତିଜବାବ

**ଓଡ଼ିଶାରେ ଅଛନ୍ତି ୧୨ ପାକ୍ ନାଗରିକ**

ଦେବାକୁ ସିନ୍ଧୁ ଜଳଚୁକ୍ତି ରଦ୍ଦ, ଭିସା ବାତିଲ, ସୀମା ବନ୍ଦ ଭଳି କଠୋର କାର୍ଯ୍ୟାନୁଷ୍ଠାନ ସହିତ ଆତଙ୍କବାଦୀଙ୍କୁ ମାଟିରେ ମିଶାଇବାକୁ ଭାରତ ପକ୍ଷରୁ ଜୋରଦାର୍ ଅପରେସନ ଜାରି ରହିଛି । ଘନ ଘନ ଉଚ୍ଚସ୍ତରୀୟ ବୈଠକ, ତା'ସାଙ୍ଗକୁ ଭାରତ ପକ୍ଷରୁ ଏକପ୍ରକାର ସମରସଜ୍ଜା ଚାଲିଛି । ଏହି କ୍ରମରେ ଶୁକ୍ରବାର ଦେଶର ସବୁ ମୁଖ୍ୟମନ୍ତ୍ରୀଙ୍କ ସହ କେନ୍ଦ୍ର ଗୃହମନ୍ତ୍ରୀ ଅମିତ ଶାହ ଆଲୋଚନା କରିଛନ୍ତି । ଏହି ଆଲୋଚନା ବେଳେ ସେ ପାକିସ୍ତାନ ନାଗରିକଙ୍କୁ ଚିହ୍ନଟ କରି ବିତାଡନ କରିବାକୁ ନିର୍ଦ୍ଦେଶ ଦେଇଛନ୍ତି । ପାକ୍ ନାଗରିକଙ୍କ ଭିସା ରଦ୍ଦ କରି ତୁରନ୍ତ ସେମାନଙ୍କୁ ନିଜ ନିଜ



ରାଜ୍ୟରୁ ବାହାର କର ବୋଲି ନିର୍ଦ୍ଦେଶ ଦିଆଯାଇଛି । ଏସବୁ ମଧ୍ୟରେ ଓଡ଼ିଶାରେ ୧୨ ଜଣ ପାକିସ୍ତାନୀ ନାଗରିକ ରହିଥିବା ଜଣାପଡିଛି । ଦୀର୍ଘକାଳୀନ ଭିସାରେ ଏହି ପାକିସ୍ତାନୀମାନେ ଓଡ଼ିଶାରେ ଅଛନ୍ତି । ଗୃହ ମନ୍ତ୍ରଣାଳୟର ନିର୍ଦ୍ଦେଶ ପରେ ସେମାନଙ୍କୁ ଭାରତ ଛାଡ଼ିବାକୁ ନୋଟିସ୍ ଦେବା ପ୍ରକ୍ରିୟା ଆରମ୍ଭ ହୋଇଛି । ପହଲଗାମ୍ ଆତଙ୍କୀ ଆକ୍ରମଣ ଘଟଣା ପରେ ଭାରତର ବଡ଼ କାର୍ଯ୍ୟାନୁଷ୍ଠାନ ପୂର୍ବକ ଭିସା ବାତିଲ ସହ ସାର୍କ ଭିସାରେ ଥିବା ପାକିସ୍ତାନ ନାଗରିକଙ୍କୁ ୪୮ ଘଣ୍ଟାରେ ଭାରତ ଛାଡ଼ିବାକୁ ମହଲତ ଦିଆଯାଇଛି ।

### କାଶ୍ମୀରରେ ବଡ଼ ତଲାସୀ ଅଭିଯାନ

# ଘରକୁ ଘର ଏବଂ ଗଳିକୁ ଗଳି ବୁଲି ଖୋଳତାଡ଼

ନୂଆଦିଲ୍ଲୀ, ୨୫ ।୪: ପହଲଗାମ ଆତଙ୍କବାଦୀ ଆକ୍ରମଣ ଘଟଣା ପରେ ଭାରତୀୟ ସେନା, ପୁଲିସ ଏବଂ ସିଆରପିଏଫ୍ ପକ୍ଷରୁ ଜମ୍ମୁ-କାଶ୍ମୀରରେ ବଡ଼ ଧରଣର ତଲାସି ଅଭିଯାନ ଆରମ୍ଭ ହୋଇଛି । ଉଦ୍ଧମପୁର ଜଙ୍ଗଲ, ରାଜୌରୀ ଓ ପୁଞ୍ଚରେ ଏହି ଅପରେସନ ଜାରି ରହିଛି । କାଠୁଆରେ ୪ ସନ୍ଦିଗ୍ଧଙ୍କ ବାବଦରେ ମହିଳାଙ୍କ ତଥ୍ୟ ପରେ ସର୍ଚ୍ଚ ଅପରେସନ ଜୋରଦାର କରାଯାଇଛି । ଭାରତୀୟ ସେନା, ପୁଲିସ ଏବଂ ସିଆରପିଏଫ୍ ପକ୍ଷରୁ ତଲାସି ଅଭିଯାନ ଜାରି ରଖାଯାଇଛି । ଘରକୁ ଘର ଏବଂ ଗଳିକୁ ଗଳି ବୁଲି ଅପରେସନ ଚାଲିଛି ।ଶୁକ୍ରବାର ୩ ଜଣ ପଳାୟନ କରିଥିବା ଆତଙ୍କବାଦୀଙ୍କୁ ଠାବ କରିବା ପାଇଁ ଚାଲିଥିବା କମ୍ବିଂ ଅପରେସନ୍ ଦ୍ୱିତୀୟ ଦିନରେ ପହଞ୍ଚିଛି, ସୁରକ୍ଷା ଏଜେନ୍ସିଗୁଡ଼ିକ ବହୁସ୍ତରୀୟ ଘେରାବନ୍ଦୀକୁ ସୁଦୃଢ଼ କରିଛନ୍ତି । ଆତଙ୍କବାଦୀମାନେ ଲୁଚି ରହିଥିବା ସନ୍ଦେହ କରାଯାଉଥିବା ଉଧମପୁର ଜିଲ୍ଲାର ଜଙ୍ଗଲ ଅଞ୍ଚଳ ସହିତ କିସ୍ତୱାର, କାଠୁଆ, ରାଜୌରୀ ଏବଂ ପୁଞ୍ଚର ଅଞ୍ଚଳଗୁଡ଼ିକୁ ଖୋଳତାଡ଼ କରୁଛନ୍ତି । ଜଣେ ସୁରକ୍ଷା ଅଧିକାରୀ କହିଛନ୍ତି,ଡୁଡୁ-ବସନ୍ତଗଡ଼ରେ ସେନା, ପୋଲିସ ଏବଂ ସିଆରପିଏଫ ସ୍ୱତନ୍ତ୍ର ବାହିନୀ ଦ୍ୱାରା ସନ୍ଧାନ ଅଭିଯାନ ଜାରି ରହିଛି । ପଳାୟନ କରୁଥିବା ଆତଙ୍କବାଦୀମାନଙ୍କୁ ଠାବ କରିବା ପାଇଁ ଏହା ଚାଲିଛି । ଏହି ଅଭିଯାନକୁ ଏକ ଚପର ଏବଂ ଡ୍ରୋନ୍ ଦ୍ୱାରା ଆକାଶ ମାର୍ଗରେ ନଜର ରଖାଯାଇଛି ।


CMYK

ନବପ୍ରଭାତ



# ପୂଜାରେ ଲକ୍ଷ୍ମୀ ଗାୟତ୍ରୀ ମନ୍ତ୍ର

## ଦୂର ହୁଏ ଅଶୁଭ ଶକ୍ତି

*ମାଆ ଲକ୍ଷ୍ମୀ ହେଉଛନ୍ତି ପ୍ରାଚୁର୍ଯ୍ୟର ଦେବୀ । ସେ ଶକ୍ତି, ଧନ, ପ୍ରଗତି ଓ ସୌନ୍ଦର୍ଯ୍ୟର ଆଧାର । ହିନ୍ଦୁ ଧର୍ମରେ ବିଶ୍ୱାସ ରହିଛି, ମାଆ ଲକ୍ଷ୍ମୀ ଯାହାଙ୍କ କାନ୍ଧରେ ବସନ୍ତି ବା ଯାହାଙ୍କ ଘରେ ବିଜେ ହୁଅନ୍ତି, ସେହି ଘରଟି ପ୍ରାଚୁର୍ଯ୍ୟରେ ଭରିଉଠେ । ସେଥିପାଇଁ ପ୍ରତି ହିନ୍ଦୁ ଘରେ ମାଆ ଲକ୍ଷ୍ମୀଙ୍କର ପୂଜାର୍ଚ୍ଚନା ସୁନିଶ୍ଚିତ ହୋଇଥାଏ ।*



ମାଆ ଲକ୍ଷ୍ମୀ ହେଉଛନ୍ତି ପ୍ରଭୁ ବିଷ୍ଣୁଙ୍କର ପ୍ରାଣପ୍ରିୟା ପତ୍ନୀ । ପୁରାଣ କୁହେ, ପ୍ରଭୁ ବିଷ୍ଣୁ, ସବୁ ଯୁଗରେ ନୂଆ ନୂଆ ଅବତାରରେ ସର୍ବଦା ମାଆ ଲକ୍ଷ୍ମୀଙ୍କର ସ୍ୱାମୀ ଭାବରେ ରହି ଆସିଛନ୍ତି । ଗୁରୁବାର ହେଉଛି ମାଆ ଲକ୍ଷ୍ମୀଙ୍କର ବାର । କିନ୍ତୁ କେତେକ ଯୁକ୍ତି କୁହେ, ମାଆ ଲକ୍ଷ୍ମୀଙ୍କର ପୂଜାର୍ଚ୍ଚନା ପାଇଁ ଶୁକ୍ରବାର ମଧ୍ୟ ଏକ ସୁନ୍ଦର ଅବସର । ହିନ୍ଦୁ ଧର୍ମର ପଣ୍ଡିତମାନେ କୁହନ୍ତି, ଏହି ୮ଟି ଉପାୟରେ ଆରାଧନା କଲେ ମାଆ ଲକ୍ଷ୍ମୀ ଖୁସି ହୋଇଥାନ୍ତି ।



### ୧. ଘରେ ଲକ୍ଷ୍ମୀପାଦ ଆଙ୍କନ୍ତୁ

ଘରେ ମାଆ ଲକ୍ଷ୍ମୀଙ୍କ ଉପସ୍ଥିତି ହିଁ ଆମକୁ ତାଙ୍କ ମନସ୍କ କରିଥାଏ । ସେଥିପାଇଁ ପଣ୍ଡିତମାନଙ୍କ ପରାମର୍ଶ ହେଲା, ପୂଜା ଘରେ ମାଆ ଲକ୍ଷ୍ମୀଙ୍କ ପାଦପଦ୍ମ ଆଙ୍କନ୍ତୁ । ଏହାଦ୍ୱାରା ପ୍ରତୀତ ହେବ ଯେ, ଆମେ ମାଆଙ୍କୁ ଆମ ଘରକୁ ସ୍ୱାଗତ କରୁଛନ୍ତି । ଏହାଦ୍ୱାରା ପ୍ରଭୁ ବିଷ୍ଣୁ ମଧ୍ୟ ଆମ ଘରକୁ ଆସିଥାନ୍ତି । କାରଣ ମାଆ ଲକ୍ଷ୍ମୀ ଓ ପ୍ରଭୁ ବିଷ୍ଣୁ ଏକକ, ଗୋଟିଏ ସ୍ଥାନରେ ଅବସ୍ଥାନ କରିଥାନ୍ତି, ସେମାନେ ଅଲଗା ରୁହନ୍ତି ନାହିଁ । ସେମାନଙ୍କ ଆଶୀର୍ବାଦ ଆମକୁ ସବୁପ୍ରକାର ଅଶୁଭ ଶକ୍ତିରୁ ଦୂରେଇ ଦେବ । ଘରେ ଶାନ୍ତି ବିରାଜମାନ କରିବ ।

### ୨. ଲକ୍ଷ୍ମୀ ଗାୟତ୍ରୀ ମନ୍ତ୍ର ଉଚ୍ଚାରଣ କରନ୍ତୁ

ମାଆ ଲକ୍ଷ୍ମୀଙ୍କ ଆବିର୍ଭାବ ପାଇଁ ଘର ଭିତରେ ଶାନ୍ତ ପରିବେଶ ସୃଷ୍ଟି ହେବା ଜରୁରି । ସେଥିପାଇଁ ରେକର୍ଡରରୁ ଲକ୍ଷ୍ମୀ ଗାୟତ୍ରୀ ମନ୍ତ୍ର ବଜାନ୍ତୁ । କୁହାଯାଏ ଦୈନିକ ଲକ୍ଷ୍ମୀ ଗାୟତ୍ରୀ ମନ୍ତ୍ର ୧୦୮ଥର ବଜେଇଲେ ଓ ଶୁଣିଲେ ମାଆ ଲକ୍ଷ୍ମୀ ସନ୍ତୁଷ୍ଟ ହୁଅନ୍ତି ଓ ଘରେ ସକାରାତ୍ମକ ପରିବେଶ ସୃଷ୍ଟି ହୋଇଥାଏ । ମନେମନେ ଏହି ମନ୍ତ୍ର ୧୦୮ଥର ଉଚ୍ଚାରଣ କରନ୍ତୁ । ପଦ୍ମମାଳି ଗଡ଼େଇ ଗଡ଼େଇ ୧୦୮ଥର ଲକ୍ଷ୍ମୀ ଗାୟତ୍ରୀ ମନ୍ତ୍ର ଉଚ୍ଚାରଣ କରନ୍ତୁ ।

### ୩. ଘିଅ ଦୀପ ଜାଳନ୍ତୁ

ଘରେ ଘିଅ ଦୀପ ଦୁଇଟି ଜାଳନ୍ତୁ । ମାଆ ଲକ୍ଷ୍ମୀଙ୍କୁ ପଦ୍ମଫୁଲଟିଏ ଯାଚନ୍ତୁ, ତା ସହିତ ନଡ଼ିଆ ଓ ମିଠା ଚାଉଳ କ୍ଷୀରି ଟିକିଏ ଭୋଗ ଲଗାନ୍ତୁ ।

### ୪. ପଦ୍ମ ଆକୃତିର ଦୀପ ଜାଳନ୍ତୁ

ମାଆ ଲକ୍ଷ୍ମୀ ପଦ୍ମ ଉପରେ ଉପବେସନ କରନ୍ତି । ତେଣୁ ପ୍ରତି ଶୁକ୍ରବାର ଏକ ମାଟି ଘିଅ ଦୀପ ଜାଳନ୍ତୁ, ଯେଉଁଥିରେ ବଳିତା ଗୁଡ଼ିକୁ ପଦ୍ମଫୁଲ ପରି ସଜେଇଥିବେ । ପୂରା ଦୀପଟି ପଦ୍ମଫୁଲ ଆକୃତି ପରି ଦିଶୁଥିବ । କୁହାଯାଏ ଏହା ଆମକୁ ବସ୍ତୁଗତ ଭାବରେ ସଫଳତା ଆଣି ଦେଇଥାଏ ।

### ୫. ଘରେ ଶଙ୍ଖ ଓ କଉଡ଼ି ରଖନ୍ତୁ

ଘରେ ଶଙ୍ଖ ଓ କଉଡ଼ି ରଖିଲେ ଏହା ସକାରାତ୍ମକ ପରିବେଶ ସୃଷ୍ଟି କରିଥାଏ । ମାତା ଲକ୍ଷ୍ମୀଙ୍କର ପୂଜାର୍ଚ୍ଚନା ପାଇଁ ପୂଜା ଘରେ ଏକ ଦକ୍ଷିଣାବର୍ତ୍ତୀ ଶଙ୍ଖ ରଖନ୍ତୁ । କୁହାଯାଏ, ମାତାଙ୍କର ଆଶୀର୍ବାଦ ଏହି ଶଙ୍ଖ ମାଧ୍ୟମରେ ଆସିଥାଏ । ତେଣୁ ଶଙ୍ଖଟିକୁ ପୂଜା ଘରର ଏକ ପବିତ୍ର ସ୍ଥାନରେ ରଖନ୍ତୁ । ଶଙ୍ଖଟି ରଖିବା ଦ୍ୱାରା ଘର ଚାରିପଟେ ଥିବା ସମସ୍ତ ନକାରାତ୍ମକ ଶକ୍ତି ଦୂରେଇ ଯାଇଥାଏ । ପ୍ରତିବଦଳରେ ଘରକୁ ପ୍ରାଚୁର୍ଯ୍ୟଭରା ଶକ୍ତିକୁ ଆକୃଷ୍ଟ କରିଥାଏ । କାରଣ ଶଙ୍ଖ ହେଉଛି କୁବେରଙ୍କର ସହଯୋଗୀ । ଶଙ୍ଖଟିକୁ ସଫା କରି ଏହାକୁ ଏକ ସଫା କପଡ଼ା ଉପରେ ରଖିବେ । କପଡ଼ାର ରଙ୍ଗ ଧଳା, ହଳଦିଆ କିମ୍ବା ଲାଲ୍ ହୋଇଥିବା ଜରୁରି । କିମ୍ବା ଶଙ୍ଖଟିକୁ ଏକ ରୁପା କିମ୍ବା ମାଟିର ପାତ୍ର ଉପରେ ରଖିପାରିବେ । ପୂଜା ସମୟରେ ଶଙ୍ଖରୁ ପାଣି ନେଇ ଏହାକୁ ଛିଞ୍ଚିବା ଉଚିତ । ଏହାଦ୍ୱାରା ପୂଜା ଘରଟି ପବିତ୍ର ହୋଇଯାଏ ।

> ମାଆ ଲକ୍ଷ୍ମୀଙ୍କର ପୂଜାର୍ଚ୍ଚନା ପାଇଁ ଶୁକ୍ରବାର ମଧ୍ୟ ଏକ ସୁନ୍ଦର ଅବସର । ହିନ୍ଦୁ ଧର୍ମର ପଣ୍ଡିତମାନେ କୁହନ୍ତି । ମାଆଙ୍କ ଆଶିର୍ବାଦ ପାଇବାକୁ ତାଙ୍କର ଏକ ଚିତ୍ର ପ୍ରତିମା ବା ଫଟୋ ରଖି ପୂଜା ନିୟମିତ ଭକ୍ତିର ସହ ପୂଜା କଲେ ଫଳ ନିଶ୍ଚୟ ମିଳିଥାଏ ।



### ୬. ତୁଳସୀ ଗଛ କିମ୍ବା ତୁଳସୀ ଚଉରାକୁ ପୂଜା କରନ୍ତୁ

ଦୈନିକ ତୁଳସୀ ଚଉରାରେ ଦୀପଟିଏ ଜାଳନ୍ତୁ । ତୁଳସୀ ବୃକ୍ଷ ମାଆ ଲକ୍ଷ୍ମୀଙ୍କ ପ୍ରିୟ । କୁହାଯାଏ ଯେଉଁଠି ତୁଳସୀ ବୃକ୍ଷ ରହିଥାଏ ସେଠାରେ ଦେବଦେବୀମାନେ ବାସ କରିଥାନ୍ତି । ତୁଳସୀର ବାସ୍ନା ସକାରାତ୍ମକ ଶକ୍ତି ବୃଦ୍ଧି କରିଥାଏ । ତୁଳସୀ ଗଛକୁ ପୂଜା କଲେ ଏହା ଆମର ସମସ୍ତ ମନସ୍କାମନା ପୂରଣ କରିଥାଏ ।

### ୭. ଘରେ ବାଉଁଶ ତିଆରି ବଂଶୀ ରଖନ୍ତୁ

ଘରେ ଶାନ୍ତି ଓ ସୌହାର୍ଦ୍ଦ୍ୟ ବଜାୟ ରଖିବା ପାଇଁ ଗୋଟିଏ ବାଉଁଶ ତିଆରି ବଂଶୀକୁ ରେଶମ କପଡ଼ାରେ ବାନ୍ଧି ଘରେ ରଖନ୍ତୁ । ବଂଶୀ ହେଉଛି ପ୍ରଭୁ ଶ୍ରୀକୃଷ୍ଣଙ୍କର ସହଚର ଏବଂ ପ୍ରଭୁ ବିଷ୍ଣୁଙ୍କର ଅବତାର । ଯେହେତୁ ବଂଶୀଟିଏ ପ୍ରଭୁ ଶ୍ରୀକୃଷ୍ଣଙ୍କୁ ସନ୍ତୁଷ୍ଟ କରିପାରେ ବା ଖୁସି କରିପାରେ, ତେଣୁ ଏହା ମଧ୍ୟ ତାଙ୍କ ଦେବୀ ଲକ୍ଷ୍ମୀଙ୍କୁ ଖୁସି କରିପାରେ । ଏହା ଘରର ସଦସ୍ୟମାନଙ୍କ ଭିତରେ ସଂପର୍କକୁ ଘନିଷ୍ଠ କରିଥାଏ ।

### ୮. ଗାଈକୁ ଖାଇବାକୁ ଦିଅନ୍ତୁ

ଗୋମାତାକୁ ହିନ୍ଦୁ ଧର୍ମରେ ଦେବୀ ଭାବରେ ଗ୍ରହଣ କରାଯାଏ । କୁହାଯାଏ, ଶୁକ୍ରବାର ଦିନ ଗୋଟିଏ ଗାଈକୁ ଭାତ ରାନ୍ଧି ଖାଇବାକୁ ଦେଲେ ଏହାକୁ ଶୁଭ ବୋଲି ବିଚାର କରାଯାଏ । କୁହାଯାଏ ଯେତେବେଳେ ଗାଈଗୋରୁଙ୍କୁ ଆମେ ପେଟ ପୂରା ଖାଇବାକୁ ଦିଅନ୍ତି ତେବେ ଈଶ୍ୱର ସନ୍ତୁଷ୍ଟ ହୋଇ ଆଶୀର୍ବାଦ ଦିଅନ୍ତି । ଆମ ପାଇଁ ଆସୁଥିବା ସମସ୍ୟା ଦୂରେଇ ଯିବ ବୋଲି ବିଶ୍ୱାସରହିଛି ।

# ମା’ଙ୍କ ମନ୍ଦିରରେ ଆଧ୍ୟାତ୍ମିକ ପରିବେଶ

ସପ୍ତସତୀ ଚଣ୍ଡି ବିଶ୍ୱଶାନ୍ତି ମହାଯଜ୍ଞରେ ଦୁଲୁକିଲା ବଡ଼ମଙ୍ଗଳପୁରର ଗ୍ରାମ ଦେବତୀ ମା’ କରଞ୍ଜେଇଙ୍କ ମନ୍ଦିର ଗ୍ରାମର ଅଧିଷ୍ଠାତ୍ରୀ ଦେବୀ ହେଉଛନ୍ତି ଗ୍ରାମ ଦେବତୀ । କୌଣସି ଶୁଭ କାର୍ଯ୍ୟ ଅବା ଅନିଷ୍ଟ ଦେଖାଦେଲେ ଗ୍ରାମ ଦେବତୀଙ୍କ ନିକଟରେ ସ୍ୱତନ୍ତ୍ର ପୂଜାର୍ଚ୍ଚନା କରାଯାଇଥାଏ । କାହିଁ କେଉଁ ଆବାହମାନ କାଳରୁ ଏଭଳି ପରମ୍ପରା ରହିଆସିଛି । ଏହି କ୍ରମରେ ଯାଜପୁର ଜିଲ୍ଲା ଧର୍ମଶାଳା ବ୍ଲକ ଚୋରମୁହାଁ ପଞ୍ଚାୟତ ବଡମଙ୍ଗଳପୁର ଗ୍ରାମର ଗ୍ରାମ ଦେବତୀ ମା’ କରଞ୍ଜେଇଙ୍କ ମନ୍ଦିର ପରିସରରେ ସପ୍ତସତୀ ଚଣ୍ଡି ବିଶ୍ୱଶାନ୍ତି ମହାଯଜ୍ଞ ଅନୁଷ୍ଠିତ ହୋଇଯାଇଛି । ପ୍ରାତଃ ସମୟରେ ନିକଟସ୍ଥ ବ୍ରାହ୍ମଣୀ ନଦୀରୁ ପବିତ୍ର ଜଳ ଅଣାଯାଇ ଏକ ଶୋଭାଯାତ୍ରାରେ ଗ୍ରାମ ପରିକ୍ରମା କରାଯାଇଥିଲା । କଳସ ଯାତ୍ରା ଯିବା ସମୟରେ ଗ୍ରାମବାସୀମାନେ ରାସ୍ତାରେ ନୂତନ ଶାଢ଼ୀ ବିଛାଇ ସ୍ୱାଗତ କରିବା ବେଶ ଭାବବିହ୍ୱଳ ପରିବେଶ ସୃଷ୍ଟି କରିଥିଲା । ପରେ ଘଟ ସ୍ଥାପନା କରାଯାଇ ସୂର୍ଯ୍ୟ ପୂଜା, ଗୋ ପୂଜା, ଯଜ୍ଞକାର୍ଯ୍ୟ ଆଦି ରୀତିନୀତି ଅନୁଯାୟୀ ଆରମ୍ଭ କରାଯାଇଥିଲା । ପଣ୍ଡିତ ବିଜୟ କୁମାର କରଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ବ୍ରାହ୍ମଣ ପଣ୍ଡିତ ମାନେ ଉପସ୍ଥିତ ଯଜ୍ଞ କାର୍ଯ୍ୟ ସଂଚାଳନ କରିଥିଲେ । ଏହି ଅବସରରେ ମା’ଙ୍କର ମହାସ୍ନାନ କରାଯିବା ସହ ଷୋଡ଼ଶ ଉପଚାରରେ ପୂଜା କରାଯାଇଥିଲା । ଯାହାକୁ ନେଇ ଏକ ଆଧ୍ୟାତ୍ମିକ ପରିବେଶ ସୃଷ୍ଟି ହୋଇଥିଲା । ଏହି ସମୟରେ ମା’ଙ୍କୁ ଦର୍ଶନ କରିବା ପାଇଁ ବଡ଼ମଙ୍ଗଳପୁର ଗ୍ରାମବାସୀଙ୍କ ସମେତ ଆଖପାଖ ଗ୍ରାମରୁ ବହୁ ଭକ୍ତ ଶ୍ରଦ୍ଧାଳୁଙ୍କ ଭିଡ଼ ଜମିଥିଲା । ରାତିରେ ଯଜ୍ଞ କାର୍ଯ୍ୟ ସମାପନ ସହ ପୂର୍ଣ୍ଣାହୁତି ଦିଆଯାଇଥିଲା । ଏଥିରେ ବଡ଼ମଙ୍ଗଳପୁର ଗ୍ରାମର ଆବାଳ ବୃଦ୍ଧ ବନୀତା ସାମିଲ ହେବା ସହ ଯୁବକ ମାନେ ପରିଚାଳନାରେ ସହଯୋଗ କରିଥିଲେ । ମା’ କରଞ୍ଜେଇଙ୍କ ମହିମା କହିଲେ ନସରେ । ଯାଜପୁର ଜିଲ୍ଲା ବଡମଙ୍ଗଳପୁର ଗ୍ରାମର ଗ୍ରାମ ଦେବତୀ ଭଗବତୀ ମା’ କରଞ୍ଜେଇ ଦେବୀଙ୍କ ପୀଠରେ ସପ୍ତସତୀ ଚଣ୍ଡି ବିଶ୍ୱଶାନ୍ତି ମହାଯଜ୍ଞ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ଏହି ଅବସରରେ ଶହଶହ ମହିଳା ପୁରୁଷ ଏକାଠି ହୋଇଥିଲେ ଏବଂ ମା’ ଆଶିର୍ବାଦ ନେଇଥିଲେ ।







## ପବିତ୍ର ଶଙ୍ଖ

- ☐ ଶଙ୍ଖ ଅତ୍ୟନ୍ତ ପବିତ୍ର ବସ୍ତୁ ହୋଇଥିବା ବେଳେ ଏହାର ଧ୍ୱନି ଅତି ପବିତ୍ର ବୋଲି ବିବେଚନା କରାଯାଇଥାଏ । ପ୍ରଥମ ପ୍ରହରରେ ଶଙ୍ଖ ପୂଜା କରିବା ଦ୍ୱାରା ମାନ-ସମ୍ମାନ ପ୍ରାପ୍ତି ହୋଇଥାଏ । ଦ୍ୱିତୀୟ ପ୍ରହରରେ ଶଙ୍ଖ ପୂଜା ଦ୍ୱାରା ଧନ-ସମ୍ପତ୍ତି ମିଳିଥାଏ । ତୃତୀୟ ପ୍ରହରରେ ଶଙ୍ଖ ପୂଜା ଯଶ ଏବଂ କୀର୍ତ୍ତି ପ୍ରଦାନ କରିଥାଏ । ଚତୁର୍ଥ ପ୍ରହରରେ ଶଙ୍ଖ ପୂଜା ଦ୍ୱାରା ସନ୍ତାନ ପ୍ରାପ୍ତି ହୁଏ ।
- ☐ ଶଙ୍ଖକୁ ଘରେ ପ୍ରତିଷ୍ଠାକଲେ ବାସ୍ତୁଦୋଷରୁ ମିଳେ ମୁକ୍ତି
- ☐ ଦକ୍ଷିଣାବର୍ତ୍ତୀ ଶଙ୍ଖ ପୂଜା ଦ୍ୱାରା ଘରେ ଖୁସି ଏବଂ ଲକ୍ଷ୍ମୀ ପ୍ରାପ୍ତି ସହିତ ସମ୍ପତ୍ତି ବୃଦ୍ଧି ହୋଇଥାଏ ।
- ☐ ଯେଉଁ ଘରେ ଶଙ୍ଖନାଦ ଏବଂ ଶଙ୍ଖ ପୂଜା ହୋଇଥାଏ, ସେଠାରେ ଦେବୀ ଲକ୍ଷ୍ମୀ ରହିଥାନ୍ତି ।
- ☐ ମଙ୍ଗଳ ଚିହ୍ନ ଶଙ୍ଖ ଘରେ ପ୍ରତିଷ୍ଠା କଲେ, ରିଷ୍ଟ ଏବଂ ଅନିଷ୍ଟ ଦୂର ହୋଇ ସୌଭାଗ୍ୟ ବୃଦ୍ଧି ହୁଏ ।
- ☐ ଶଙ୍ଖରୁ ବାହାରୁଥିବା ଧ୍ୱନି ବାତାବରଣରୁ ରୋଗ ସୃଷ୍ଟିକାରୀ ତତ୍ତ୍ୱ ନଷ୍ଟ କରିଦେଇଥାଏ ।

# ‘ଶ୍ରୀମଦ୍‌ଭାଗବତ’ ଅନୁସାରେ ରିଷ୍ଟଶାନ୍ତି

*ପୂତନାର ବିନାଶ ପରର ବର୍ଣ୍ଣନା ଅତ୍ୟନ୍ତ ରୋଚକ । ‘ଶ୍ରୀମଦ୍‌ଭାଗବତ’ର ବର୍ଣ୍ଣନା ଅନୁସାରେ, ସେହି ରିଷ୍ଟ କଟିଯିବା ପରେ ଯଶୋଦା ଓ ଗୋପନାରୀମାନଙ୍କର ପରାମର୍ଶକ୍ରମେ ଶିଶୁକୃଷ୍ଣଙ୍କର ରିଷ୍ଟ ଶାନ୍ତି କରାଯାଇଥିଲା ।*



ପୂତନାବଧ ‘ଶ୍ରୀମଦ୍ ଭାଗବତ’ର ଗୋପଲୀଳା ଅନ୍ତର୍ଗତ ଏକ ରୋଚକ ପ୍ରସଙ୍ଗ । ଦଶମ ସ୍କନ୍ଧ, ସପ୍ତମ ଅଧ୍ୟାୟରେ ଏ ପ୍ରସଙ୍ଗ ବର୍ଣ୍ଣିତ ହୋଇଛି । କଂସର ଆଦେଶରେ ଏହି ଅସୁରୀ ନିଜର ସ୍ତନ ଯୁଗଳରେ ବିଷ ଭରି ବହୁ ଶିଶୁଙ୍କୁ ନାଶ କରିଥିଲା । ମାତ୍ର ଶ୍ରୀକୃଷ୍ଣ କ୍ଷୀର ସହିତ ତାହାର ପଞ୍ଚପ୍ରାଣ ଶୋଷିନେଇ ତାହାକୁ ବିନାଶ କରିଥିଲେ । ପୂତନାର ବିନାଶ ପରର ବର୍ଣ୍ଣନା ଅତ୍ୟନ୍ତ ରୋଚକ । ‘ଶ୍ରୀମଦ୍‌ଭାଗବତ’ର ବର୍ଣ୍ଣନା ଅନୁସାରେ, ସେହି ରିଷ୍ଟ କଟିଯିବା ପରେ ଯଶୋଦା ଓ ଗୋପନାରୀମାନଙ୍କର ପରାମର୍ଶକ୍ରମେ ଶିଶୁକୃଷ୍ଣଙ୍କର ରିଷ୍ଟ ଶାନ୍ତି କରାଯାଇଥିଲା । ଗୋଟିଏ ବାଛୁରୀକୁ ଆଣି ତାହାର ଲାଞ୍ଜରେ ସେମାନେ ଶିଶୁକୃଷ୍ଣଙ୍କୁ ଝାଡ଼ିଥିଲେ । ତାହାଙ୍କୁ ଗୋମୂତ୍ରରେ ସ୍ନାନ କରାଇବା ସହିତ ତାଙ୍କ ଦେହରେ ଗୋରଜ ଲେପନ କରିଥିଲେ । ଗୋମୟ ବା ଗୋବର ଦ୍ୱାରା ତାଙ୍କ କପାଳରେ ଠିଆଚିତା ଆଙ୍କିଥିଲେ । ହାତରେ ଦୂବଧରି ତାଙ୍କର କଲ୍ୟାଣ କାମନା କରିଥିଲେ । କେବଳ ଏତିକି ନୁହେଁ; ଦ୍ୱାଦଶ ଅଙ୍ଗନ୍ୟାସ ମଧ୍ୟ ସେହି ରିଷ୍ଟ ଖଣ୍ଡନ କର୍ମର ଅନ୍ତର୍ଭୁକ୍ତ ଥିଲା । ପାଦକୁ ଅନନ୍ତ, ଦୁଇ ଜଙ୍ଘକୁ ଯଜ୍ଞପୁରୁଷ, କଟୀକୁ ଅଚ୍ୟୁତ, ଉଦରକୁ ପଦ୍ମନାଭ, ହୃଦୟକୁ ହୟଗ୍ରୀବ, ବକ୍ଷକୁ ଗ୍ରହରାଜ (ବୃହସ୍ପତି), ଲଲାଟକୁ ସଦାଶିବ, ମୁଖକୁ ମାଧବ ଏବଂ ଶାରଙ୍ଗଧର ତାଙ୍କ ଶରୀରର ଏକ ପାର୍ଶ୍ୱ ଓ ଖଡ଼୍‌ଗଧାରୀ ଅନ୍ୟ ପାର୍ଶ୍ୱ ରକ୍ଷା କରନ୍ତୁ ବୋଲି ସେମାନେ କହିଥିଲେ । ସେହିପରି, ଶଙ୍ଖ ତାଙ୍କର ଚାରିକୋଣକୁ, ନାରାୟଣ ଊର୍ଦ୍ଧ୍ୱକୁ, ବିଷ୍ଣୁ ଅଧଃଭାଗକୁ, ମଧୁସୂଦନ ଅନ୍ତରାଳକୁ, ହୃଷୀକେଶ ଇନ୍ଦ୍ରିୟମାନଙ୍କୁ, ଗୋବିନ୍ଦ ପଞ୍ଚପ୍ରାଣକୁ, ଶ୍ୱେତଦ୍ୱୀପ ପତି (ବିଷ୍ଣୁ) ଚିତ୍ତକୁ ଓ ମାଧବ ମତିକୁ ରକ୍ଷା କରନ୍ତୁ ବୋଲି ସେମାନେ କହିଥିଲେ । ପୁଣି ଖେଳିବା ବେଳେ ବନମାଳୀ, ଶୋଇବାବେଳେ କୃଷ୍ଣ, ଚାଲିବା ଓ ଖାଇବା ବେଳେ ମଧୁସୂଦନ ତାଙ୍କୁ ରକ୍ଷାକରନ୍ତୁ ବୋଲି ବି କହିବା ସହ ଦୁଃସ୍ୱପ୍ନ ଓ ଗ୍ରହପୀଡ଼ାକୁ ବିଷ୍ଣୁ ନାଶ କରନ୍ତୁ ଏବଂ ନୃସିଂହ ନିର୍ଭୟ କରନ୍ତୁ ବୋଲି ମଧ୍ୟ କାମନା କରିଥିଲେ ।

# ମ୍ୟାଲେରିଆରୁ ମୁକ୍ତି



ସ୍ୱାସ୍ଥ୍ୟକୁ ସମ୍ପଦ ବୋଲି ଆମେ କହିଥାଉ । ଅନେକ ଜିନିଷକୁ ମନେରଖିବା ଏବଂ ସଚେତନ କରେଇବା ପାଇଁ ଆମେ କିଛି ଦିବସ ପାଳନ କରିଥାଉ । ସେହିପରି ପ୍ରତିବର୍ଷ ଏପ୍ରିଲ ୨୫କୁ ବିଶ୍ୱ ମ୍ୟାଲେରିଆ ଦିବସ ଭାବେ ପାଳନ କରିଆସୁଛୁ । ଏହି ଦିବସ ପାଳନ କରିବାର ଉଦ୍ଦେଶ୍ୟ ହେଉଛି ମ୍ୟାଲେରିଆକୁ ରୋକି ଲୋକଙ୍କ ଜୀବନ ବଞ୍ଚାଇବା । ମାଇ ଆନୋଫେଲିସ ମଶା କାମୁଡିବା ଦ୍ୱାରା ମ୍ୟାଲେରିଆ ରୋଗ ବ୍ୟାପିଥାଏ । ମ୍ୟାଲେରିଆ ରୋଗ ଶହ ଶହ ଲକ୍ଷ ଲକ୍ଷ ଲୋକଙ୍କ ଜୀବନ ନେଇଯାଏ । ଏହାକୁ ଏକ ମାରାତ୍ମକ ରୋଗ ଭାବେ ବିବେଚନା କରାଯାଇଥାଏ ।

### ମ୍ୟାଲେରିଆ ହେବାର କାରଣ:

ବର୍ଷା ପାଣି କୌଣସି ସ୍ଥାନରେ ଜମି ରହିବା ଦ୍ୱାରା ସେଠାରୁ ମଶା ଜନ୍ମ ନେଇଥାନ୍ତି । ବିଜ୍ଞାପନ ମାଧ୍ୟମରେ ଏହି ରୋଗ ପ୍ରତି ଲୋକଙ୍କୁ ସଚେତନ କରାଯାଇଥାଏ । ଏହି ରୋଗ ସାଧାରଣତଃ ଛୋଟ ପିଲାଙ୍କୁ ଶୀଘ୍ର ବ୍ୟାପିଯାଇଥାଏ । ମାରାତ୍ମକ ରୋଗରେ ଅନେକ ପ୍ରାଣ ଚାଲିଯାଇଥିଲା । ତେଣୁ ମ୍ୟାଲେରିଆ ରୋଗୀ ଖାଦ୍ୟପେୟ ଉପରେ ବିଶେଷ ଧ୍ୟାନ ଦେବା ଆବଶ୍ୟକ । ଡବ୍ଲ୍ୟୁଏଚଓ ସୂଚନାନୁଯାୟୀ, ମ୍ୟାଲେରିଆ ରୋଗ ୨ ସପ୍ତାହ ମଧ୍ୟରେ ଭଲ ହୋଇଯାଇଥାଏ କିନ୍ତୁ ଯଦି ଠିକ୍ ସମୟରେ ରୋଗର ଉପଚାର କରାନଯିବ ତେବେ ଜୀବନ ପ୍ରତି ବିପଦ ସୃଷ୍ଟି କରିପାରେ ।

### ମ୍ୟାଲେରିଆ ରୋଗର ଲକ୍ଷଣ:

ସଂକ୍ରମିତ ମଶା କାମୁଡିବାର ୧୦-୧୫ଦିନ ମଧ୍ୟରେ ରୋଗର ଲକ୍ଷଣ ଦେଖାଦେଇଥାଏ । ମ୍ୟାଲେରିଆ ରୋଗର ଲକ୍ଷଣ ହେଉଛି ଥଣ୍ଡା, ଜ୍ୱର, ମୁଣ୍ଡବିନ୍ଧା, ବାନ୍ତି, ଶରୀରରେ ବ୍ୟଥା ଅନୁଭବ ହେବା । ଅନେକାଂଶ ଲୋକ ଏହାକୁ ସାଧାରଣ ଭାବି ଅଣଦେଖା କରିଥାନ୍ତି । ଯାହାକି ତାଙ୍କ ପାଇଁ ବିପଦ ହୋଇପାରେ ।

### ମ୍ୟାଲେରିଆ ରୋଗୀ କ’ଣ ଖାଇବା ଆବଶ୍ୟକ:

ମ୍ୟାଲେରିଆ ରୋଗୀମାନେ ହାଇ କାର୍ବୋହାଇଡ୍ରେଟ୍, ଭିଟାମିନ୍, ପ୍ରୋଟିନଯୁକ୍ତ ଖାଦ୍ୟ ଖାଇବା ଉଚିତ୍ । ପିଡିତ ଥିବା ସମୟରେ ଉପଯୁକ୍ତ ପାଣି ପିଇବା ଜରୁରୀ । ନିଜକୁ ଶୀଘ୍ର ସୁସ୍ଥ କରିବା ପାଇଁ ହେଲେ ନଡିଆ ପାଣି, ଫ୍ରେସ୍ ଫଳ ଜୁସ, ଲେମ୍ବୁ ପାଣି, ଆଖୁ ରସ, ଉଷୁମ ସୁପ ପିଇବା ଆବଶ୍ୟକ । ଗରମ ଜିନିଷ ଖାଇବା ଦ୍ୱାରା ମ୍ୟାଲେରିଆ ଭଳି ବ୍ୟାକ୍ଟେରିଆକୁ ମାରିଥାଏ ।

### କିପରି ଏହି ରୋଗରୁ ମୁକ୍ତି ପାଇବେ :

ମ୍ୟାଲେରିଆ ନହେବା ପାଇଁ ମଶାଙ୍କଠାରୁ ଦୂରେଇ ରୁହନ୍ତୁ । ମଶାଙ୍କଠାରୁ ରକ୍ଷା ପାଇବା ପାଇଁ ମଶାରୀର ବ୍ୟବହାର କରନ୍ତୁ । ଘର ଆଖପାଖରେ ପାଣି ଜମା ହେବାକୁ ଦିଅନ୍ତୁ ନାହିଁ । ପାଣି ଜମା ହେବା ଦ୍ୱାରା ମଶା ବଂଶବିସ୍ତାର କରିଥାନ୍ତି । ଫଳରେ ରୋଗ ସଂକ୍ରମିତ ହୋଇଥାଏ । ମଶା ନହେବା ପାଇଁ ମଶା ସ୍ପ୍ରେ ବ୍ୟବହାର କରନ୍ତୁ ।

# ବିଶ୍ୱର କେଉଁ ଦେଶ କରିଥାଏ ସର୍ବାଧିକ କଫି ରପ୍ତାନି ?

ସମଗ୍ର ବିଶ୍ୱରେ କଫି ପସନ୍ଦ କରୁଥିବା ଲୋକମାନଙ୍କର କୌଣସି ଅଭାବ ନାହିଁ । ବିଶେଷ କରି ୟୁରୋପୀୟ ଦେଶମାନଙ୍କରେ ଲୋକମାନେ ବହୁତ କଫି ପିଇଥାନ୍ତି । କିନ୍ତୁ ଆପଣ ଜାଣନ୍ତି କି କେଉଁ ଦେଶ ଦୁନିଆରେ ସର୍ବାଧିକ କଫି ଉତ୍ପାଦନ କରେ ? ଆଜି ଆମେ ଆପଣଙ୍କୁ ମଧ୍ୟ ଜଣାଇବୁ ଭାରତରେ କଫି ବଜାର ବିଶ୍ୱ ସ୍ତରରେ କେତେ ବଡ଼ । ଭାରତର ଅଧିକାଂଶ ଲୋକ ଚା ପିଉଛନ୍ତି । ସେହିଭଳି, ୟୁରୋପୀୟ ଦେଶ ସମେତ ବିଶ୍ୱର ଅଧିକାଂଶ ଦେଶ ଅଧିକ କଫି ପିଇବାକୁ ପସନ୍ଦ କରନ୍ତି । ଏପରି କିଛି ଲୋକ ଅଛନ୍ତି ଯେଉଁମାନେ ବିଦେଶରେ କଫି ପସନ୍ଦ କରନ୍ତି, ଯେଉଁମାନେ ଦିନସାରା ଅନେକ କଫି ପିଅନ୍ତି । କେବଳ ଏତିକି ନୁହେଁ, ଟା’ ଷ୍ଟଲଗୁଡ଼ିକ ବିଦେଶରେ ଦେଖାଯାଏ ନାହିଁ । କିନ୍ତୁ କଫି ଦୋକାନ ସବୁଠାରେ ଦେଖାଯାଏ । ବିଶ୍ୱର ଅଧିକାଂଶ ଦେଶରୁ ୟୁରୋପରେ କଫି ରପ୍ତାନି ହେବାର ଏହି କାରଣ । କଫି ହେଉଛି ବିଶ୍ୱର ସବୁଠାରୁ ଲୋକପ୍ରିୟ ଡ୍ରିଙ୍କ । କିନ୍ତୁ ଆପଣ ଜାଣନ୍ତି କି କେଉଁ ଦେଶରେ ଅଧିକ କଫି ଅଛି ? କଫି ଉତ୍ପାଦନ କ୍ଷେତ୍ରରେ ବ୍ରାଜିଲ ଶୀର୍ଷରେ ଅଛି, ତା’ପରେ ଭିଏତନାମ ଏବଂ କଲମ୍ବିଆ । କେବଳ ଏତିକି ନୁହେଁ, ଇଥିଓପିଆ ଏବଂ ଇଣ୍ଡୋନେସିଆରେ କଫି ଚାଷ



କରାଯାଏ, ଏହି ଦେଶଗୁଡିକ ଟପ୍ ୫ କଫି ଉତ୍ପାଦକ ତାଲିକାରେ ସାମିଲ ରହିଛି । ଭାରତରେ ମଧ୍ୟ କଫି ବହୁ ପରିମାଣରେ ଉତ୍ପାଦିତ ହୁଏ । କେବଳ ଏତିକି ନୁହେଁ ଅନ୍ତର୍ଜାତୀୟ ବଜାରରେ ଭାରତୀୟ କଫିର ବହୁତ ଚାହିଦା ରହିଛି । କିନ୍ତୁ ଗତ କିଛି ବର୍ଷ ମଧ୍ୟରେ ଭାରତୀୟ କଫି ବଜାରରେ ବହୁତ ଅଭିବୃଦ୍ଧି ଘଟିଛି । ଏହାର ସବୁଠାରୁ ବଡ କାରଣ ହେଉଛି ୟୁରୋପୀୟ ଦେଶମାନଙ୍କରେ ଭାରତୀୟ କଫିର ଚାହିଦା ବୃଦ୍ଧି ପାଇଛି । ଭାରତୀୟ ଅର୍ଥନୀତିର ମନିଟରିଂ କେନ୍ଦ୍ରର ତଥ୍ୟ ଅନୁଯାୟୀ, ଏହି ଆର୍ଥିକ ବର୍ଷର ନଭେମ୍ବର ମାସ (୨୦୨୪-୨୫) ସୁଦ୍ଧା କଫି ପ୍ରଥମ ଥର ପାଇଁ ମୋଟ ରପ୍ତାନିରେ ଏକ ବିଲିୟନ ଡଲାରର ଆକଳନ ଅତିକ୍ରମ କରିଛି । ରିପୋର୍ଟ ଅନୁଯାୟୀ, ଏପ୍ରିଲରୁ ନଭେମ୍ବର ମଧ୍ୟରେ କଫି ରପ୍ତାନି ୧୧୪୬.୯ ମିଲିୟନ ଡ଼ଲାରରେ ପହଞ୍ଚିଛି, ଯାହା ଗତ ବର୍ଷ ତୁଳନାରେ ୨୯ ପ୍ରତିଶତ ବୃଦ୍ଧି ଘଟିଛି । ବିଶେଷତଃ ୟୁରୋପୀୟ ଦେଶମାନଙ୍କରେ ଭାରତୀୟ କଫିର ଚାହିଦା ସର୍ବାଧିକ । ଏଥିରେ ମଧ୍ୟ ରୋବଷ୍ଟା କଫିର ସର୍ବାଧିକ ଚାହିଦା ରହିଛି । କେବଳ ଏତିକି ନୁହେଁ, ୟୁରୋପରୁ ରୋବଷ୍ଟା କଫିର ଅଧିକ ଚାହିଦା ଯୋଗୁଁ ଏହାର ମୂଲ୍ୟରେ ବୃଦ୍ଧି ଘଟିଛି ।

## ବାଲ୍ୟ ବିବାହ ନିଷେଧ ସଚେତନତା

ଖଣ୍ଡପଡା,(ନି.ପ୍ର) ଖଣ୍ଡପଡା ମିଶନ ଶକ୍ତି ଭବନରେ ବାଲ୍ୟ ବିବାହ ନିଷେଧ ନେଇ ଏକ ସଚେତନତା କାର୍ଯ୍ୟକ୍ରମ ଗୁରୁବାର ଅନୁଷ୍ଠିତ ହୋଇଯାଇଛି । କାର୍ଯ୍ୟକ୍ରମରେ ଖଣ୍ଡପଡା ବ୍ଲକ ଅଂଚଳର(ପୁରୋହିତ) ବ୍ରାହ୍ମଣମାନଙ୍କୁ ନେଇ ବାଲ୍ୟ ବିବାହର କାରଣ, କୁପରିଣାମ ଓ ନିରାକରଣ ଉପାୟ ସଂପର୍କରେ ବିସ୍ତୃତ ଭାବେ ଆଲୋଚନା କରାଯାଇଥିଲା । ମୁଖ୍ୟ ଅତିଥି ଭାବେ ଖଣ୍ଡପଡା ବ୍ଲକ ଶିଶୁ ସୁରକ୍ଷା ଅଧିକାରିଣୀ କେ.କୋଟେଶ୍ୱରୀ ଯୋଗଦେଇ ବାଲ୍ୟ ବିବାହ ନିଷେଧ ଆଇନ ୨୦୦୬ରେ ଥିବା ଦଣ୍ଡବିଧାନ ସଂପର୍କରେ ଆଲୋକପାତ କରିଥିଲେ । ସମ୍ମାନିତ ଅତିଥି ଭାବେ ମିଶନ ଶକ୍ତି ବିପିସି ଦିଲ୍ଲୀପ କୁମାର ନାୟକ ଯୋଗଦେଇଥିଲେ । ବିବାହ କାର୍ଯ୍ୟରେ ବ୍ରାହ୍ମଣମାନଙ୍କର ଗୁରୁତ୍ୱପୂର୍ଣ୍ଣ ଭୂମିକାକୁ ଦୃଷ୍ଟିରେ ରଖି କାର୍ଯ୍ୟକ୍ରମରେ ଯୋଗଦେଇଥିବା ୨୦ ଜଣ ବ୍ରାହ୍ମଣଙ୍କ ସହ ବାଲ୍ୟ ବିବାହ ରୋକିବା ଉପରେ ଆଲୋଚନାଚକ୍ର ଅନୁଷ୍ଠିତ ହୋଇଥିଲା । କାର୍ଯ୍ୟକ୍ରମ ଶେଷରେ ସମସ୍ତେ ବାଲ୍ୟ ବିବାହ ରୋକିବା ପାଇଁ ଶପଥ ଗ୍ରହଣ କରିଥିଲେ । କାର୍ଯ୍ୟକ୍ରମକୁ ସି ଥ୍ରୀର ଖଣ୍ଡପଡା ବ୍ଲକ ସଂଯୋଜକ ସୁଦୀପ୍ତ କୁମାର ସାହୁ ପରିଚାଳନା କରିଥିବା ବେଳେ ଦଶପଲ୍ଲା ବ୍ଲକ ସଂଯୋଜକ ଶୁଭାଶିଷ ମିଶ୍ର ତାଙ୍କୁ ସହଯୋଗ କରିଥିଲେ ।

## ୧୦ରେ ରାଷ୍ଟ୍ରୀୟ ଲୋକ ଅଦାଲତ

କଟକ,(ନିପ୍ର): ଆସନ୍ତା ୧୦ ତାରିଖ କଟକ ଜିଲ୍ଲା ଆଇନସେବା ପ୍ରାଧୀକରଣ ଓ ସମସ୍ତ ତାଲୁକା ଆଇନ ସେବା କମିଟି ପରିସରରେ ୨୦୨୫ ମସିହାର ଦ୍ୱିତୀୟ ରାଷ୍ଟ୍ରୀୟ ଲୋକ ଅଦାଲତ ଅନୁଷ୍ଠିତ ହେବ । ବହୁ ସଂଖ୍ୟାରେ ଜନ ସାଧାରଣ ଏହି ଲୋକ ଅଦାଲତର ସୁଯୋଗ ନେବାକୁ ଅନୁରୋଧ କରାଯାଇଛି । ଏହି ରାଷ୍ଟ୍ରୀୟ ଲୋକ ଅଦାଲତରେ ପ୍ରାୟ ସମସ୍ତ ପ୍ରକାରର ପ୍ରାକ୍ ବିଚାରଧୀନ ମକଦ୍ଦମା ଯଥା ଦେଓ୍ୱାନୀ ଓ ଫୌଜଦାରୀ (ସାଲିସଯୋଗ୍ୟ), ମୋଟର ଦୁର୍ଘଟଣା, ଶ୍ରମ ବିବାଦ, ଜମି ଅଧିଗ୍ରହଣ, ଚେକ୍ ବାଉନ୍ସ ମାମଲା ଇତ୍ୟାଦିର ଆପୋସ ସହମତିରେ ସମାଧାନ କରାଯାଇପାରିବ । କେବଳ ବିଚାରାଧୀନ ମାମଲା ନୁହେଁ ପ୍ରାକ୍ ମକୋଦ୍ଦମା ସ୍ତରୀୟ ବ୍ୟାଙ୍କ ଋଣ ବିବାଦ, ଶ୍ରମ ବିବାଦ, ଚେକ ବାଉନ୍ସ ଓ ପାରିବାରିକ ବିବାଦ ଇତ୍ୟାଦିର ମଧ୍ୟ ସମାଧାନ ଏହି ରାଷ୍ଟ୍ରୀୟ ଲୋକ ଅଦାଲତରେ ହୋଇପାରିବ । ଯଦି କୌଣସି ବିଚାରାଧୀନ ମକୋଦ୍ଦମାର ସମାଧାନ ଲୋକ ଅଦାଲତ ମାଧ୍ୟମରେ ହୁଏ, ଆଗରୁ ପୈଠ ହୋଇଥିବା କୋର୍ଟ ଫି ଫେରସ୍ତ ହୋଇପାରିବ । ଏହି ଲୋକ ଅଦାଲତରେ ମକୋଦ୍ଦମା ଓ ବିବାଦର ସମାଧାନ ପାଇଁ କୌଣସି ଆର୍ଥିକ ଖର୍ଚ୍ଚ ପଡ଼େ ନାହିଁ । ଲୋକ ଅଦାଲତର ରାୟ ବୈଧ, ଚୂଡ଼ାନ୍ତ ଏବଂ ଅମଳ ଯୋଗ୍ୟ ଅଟେ । ବିସ୍ତୃତ ସୂଚନା ନିମନ୍ତେ ଜନସାଧାରଣ ଜିଲ୍ଲା ବା ତାଲୁକ ସ୍ତରୀୟ ଆଇନସେବା କାର୍ଯ୍ୟାଳୟ ସହ ଯୋଗସୂତ୍ର ରକ୍ଷା କରିପାରିବେ କିମ୍ବା ଟେଲିଫୋନ ନମ୍ବର ୦୬୭୧-୨୩୬୮୩୮୩ ରେ ମଧ୍ୟ ଯୋଗାଯୋଗ କରିବାକୁ କଟକ ଜିଲ୍ଲା ଆଇନସେବା ପ୍ରାଧୀକରଣ ପକ୍ଷରୁ ସୂଚନା ଦିଆଯାଇଛି ।

## ମନ୍ଦିର ପ୍ରତିଷ୍ଠା ପାଇଁ କଳସ ଶୋଭାଯାତ୍ରା

କୃଷ୍ଣପ୍ରସାଦ (ନି ପ୍ର ): ପୁରୀ ଜିଲ୍ଲା କୃଷ୍ଣପ୍ରସାଦ ବ୍ଲକ ଅନ୍ତର୍ଗତ ରାମଲେଙ୍କା ପଞ୍ଚାୟତ ନନ୍ଦଳା ଗ୍ରାମର ଆରାଧ୍ୟ ଠାକୁର ଗୋପୀନାଥ ଦେବଙ୍କ ନୂତନ ମନ୍ଦିର ଏବଂ ବିଗ୍ରହ ସହିତ ଭାଗବତ ଗାଦି ପ୍ରତିଷ୍ଠା ଉତ୍ସବ ଆରମ୍ଭ ହୋଇଛି । ଏନେଇ ଗଞ୍ଜାମ ଜିଲ୍ଲା ପ୍ରୟାଗି ବତୀଘର ନିକଟ ମହୋଦଧିରୁ ୫ଶହରୁ ଊର୍ଦ୍ଧ୍ୱ ମହିଳା ସାମିଲ ହୋଇ କଳସ ଶୋଭାଯାତ୍ରାରେ ଜଳ ଆଣି ଯଜ୍ଞ ସ୍ଥଳରେ ପହଞ୍ଚିଥିଲେ । ସମର କଳା ପାଇକ ଆଖଡ଼ା, ସଂକୀର୍ତ୍ତନ ଆଦି ପାଟୁଆର ପରିବେଷଣରେ ଶୋଭାଯାତ୍ରା ଗ୍ରାମ ପରିକ୍ରମା କରିଥିଲେ । ଶନିବାର ପ୍ରତ୍ୟୁଷରୁ ପାରମ୍ପରିକ ରୀତିନୀତି ଅନୁଯାୟୀ ୪୮ ପ୍ରହର ନାମଯଜ୍ଞ, ଘୃତ ଯଜ୍ଞ, ଅନ୍ନ ଯଜ୍ଞ, ଜ୍ଞାନ ଯଜ୍ଞ ଆଦି ଅନୁଷ୍ଠିତ ହେବ ।

## ଛାତ୍ରୀମାନେ କୌଣସି ଗୁଣରେ କମ୍ ନୁହନ୍ତି: ଉପ-ମୁଖ୍ୟମନ୍ତ୍ରୀ

ନିମାପଡ଼ା, (ନି.ପ୍ର.): ଛାତ୍ରୀମାନେ କୌଣସି ଗୁଣରେ ଛାତ୍ରଙ୍କ ଠାରୁ କମ୍ ନୁହଁନ୍ତି ଏବଂ ଦେଶର ବିଭିନ୍ନ କ୍ଷେତ୍ରରେ ଛାତ୍ରୀମାନେ ନିଜର ପାରଦର୍ଶିତା ପ୍ରଦର୍ଶନ କରି ଉଦାହରଣ ସୃଷ୍ଟି କରିଛନ୍ତି ବୋଲି ଉପ-ମୁଖ୍ୟମନ୍ତ୍ରୀ ପ୍ରଭାତି ପରିଡ଼ା ପ୍ରକାଶ କରିଥିଲେ । ଶୁକ୍ରବାର ଦିନ ସ୍ଥାନୀୟ ଇନ୍ଦିରାଗାନ୍ଧୀ ଡ଼ିଗ୍ରୀ ମହିଳା ମହାବିଦ୍ୟାଳୟର ଇ-ଲାଇବ୍ରେରୀ ଏବଂ ଐତିହ୍ୟ ଭବନ ଉଦଘାଟନ କରି ରାଜ୍ୟ ସରକାର ଶିକ୍ଷାର ଉନ୍ନତି ଦିଗରେ ବିଭିନ୍ନ ପଦକ୍ଷେପ ଗ୍ରହଣ କରିଥିବା ସୂଚନା ଦେଇ ମହିଳାମାନଙ୍କୁ ଅଗ୍ରାଧିକାର ଦିଆଯାଉଥିବା ସଂପର୍କରେ ବକ୍ତବ୍ୟ ରଖିଥିଲେ । ମହାବିଦ୍ୟାଳୟ ଅଧକ୍ଷା ଶ୍ରୀମତି ଶ୍ରଦ୍ଧାଞ୍ଜଳୀ ସାହୁ, ଉପାଧକ୍ଷ ଚପଳାଛନ୍ଦା ବିଶ୍ୱାଳ, ଅଧ୍ୟାପକ ରତିକାନ୍ତ ଓଝା ପ୍ରମୁଖ ଉପ-ମୁଖ୍ୟମନ୍ତ୍ରୀଙ୍କୁ ସ୍ୱାଗତ ଜଣାଇବା ସହିତ ବିଭିନ୍ନ ବିଭାଗ ବୁଲାଇ ଦେଖାଇଥିଲେ । ୫-ଟି ଦେଇଥିବା ୧କୋଟି ଟଙ୍କା ଅନୁଦାନରେ ନିର୍ମିତ ଐତିହ୍ୟ ଭାବେ ନିର୍ମାଣ ସଂପର୍କରେ ସୂଚନା ଦେଇ ଅଧକ୍ଷା ଶ୍ରୀମତି ସାହୁ ଅନ୍ୟାନ୍ୟ ଅଭାବ ଅସୁବିଧା ସଂପର୍କରେ ଉପ-ମୁଖ୍ୟମନ୍ତ୍ରୀଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ । ଏନ୍‌ଏସି ଅଧକ୍ଷା ସସ୍ମିତା ସାହୁ, ବିଡ଼ିଓ ଡ଼ଃ ଅଭିଜିତ ଷଡ଼ଙ୍ଗୀ, ସାଂସଦ ପ୍ରତିନିଧି ମୀନଲତା ମହାନ୍ତି ପ୍ରମୁଖ କାର୍ଯ୍ୟକ୍ରମରେ ଯୋଗ ଦେଇ ମହିଳା ମହାବିଦ୍ୟାଳୟର ପାଠପଢ଼ା ଓ ଶୃଙ୍ଖଳିତ ପରିବେଶ ପାଇଁ ଅଧକ୍ଷା ଓ ସମସ୍ତ କର୍ମଚାରୀଙ୍କୁ ଉଚ୍ଚ ପ୍ରଶଂସା କରିଥିଲେ ।




## ଭାପୁର - ବିଜିପୁର ରାସ୍ତା ନିର୍ମାଣ ତ୍ୱରାନ୍ୱିତ, ୨.୫ କୋଟି ଅର୍ଥ ମଞ୍ଜୁର

ଭାପୁର,(ନି ପ୍ର) ନୟାଗଡ ଜିଲ୍ଲା ଭାପୁର ବ୍ଲକ ସଦର ମହକୁମା ଠାରୁ ବିଜିପୁର ଗ୍ରାମକୁ ସଂଯୋଗ କରୁଥିବା ଗ୍ରାମ୍ୟ ଉନ୍ନୟନ ରାସ୍ତାଟି ଯାତାୟାତ ପାଇଁ ମରଣଯନ୍ତା ପାଲଟିଯାଇଛି । ଭାପୁର - ମାଳିବେରେଣି ଗ୍ରାମ ରାସ୍ତା ସାମୟିକ ଭାବେ ମରାମତି ସରିଥିବାବେଳେ ମାଳିବେରେଣୀ ଗ୍ରାମ ଠାରୁ ବିଜିପୁର ଗ୍ରାମ ପର୍ଯ୍ୟନ୍ତ ପ୍ରାୟ ୨ କିଲୋମିଟର ରାସ୍ତା ସମ୍ପୂର୍ଣ୍ଣ ଭାବରେ ଖାଲଖମାରେ ପରିଣତ ହୋଇ ଅଚଳଅବସ୍ଥା ସୃଷ୍ଟି ହୋଇଛି । ପୂର୍ବରୁ ରାସ୍ତା ସାରା ୧ଫୁଟ ରୁ ୨ଫୁଟ ପର୍ଯ୍ୟନ୍ତ ଗର୍ତ୍ତ ସୃଷ୍ଟି ହେବା ସହ ରାସ୍ତାରୁ ପିଚୁ ଉଠିଯାଇ କେବଳ ମେଟାଲ ଗୁଡିକ ରାସ୍ତାରେ ବିଛେଇ ହୋଇ ପଡ଼ିରହିଥିବାରୁ ଯାତାୟାତ ବାଧାପ୍ରାପ୍ତ ସୃଷ୍ଟି ହୋଇଥିଲା । ଭାପୁର ମହୋତ୍ସବ ପାଇଁ ସେ ରାସ୍ତାରେ ପ୍ରାୟ ୪/୫ ଟି ପଞ୍ଚାୟତବାସୀଙ୍କ ରାତ୍ରୀ ସମୟରେ ଯାତାୟାତର ସୁବିଧା ପାଇଁ ବ୍ଲକ ଉପାଧକ୍ଷ ବେଣୁଧର ପ୍ରଧାନ ଏକ ଲକ୍ଷ ଟଙ୍କାରୁ ଉର୍ଦ୍ଧ୍ୱ ଖର୍ଚ୍ଚ କରି ମୋରମ୍ ପକେଇ ଯାତାୟାତ ପାଇଁ ସୁବିଧା କରିଥିଲେ । କିନ୍ତୁ,ତାହା ବର୍ତ୍ତମାନ ଉଠିଯାଇ ସେ ରାସ୍ତା ବିପଦସଙ୍କୁଳ ଅବସ୍ଥାକୁ ଚାଲି ଆସିଛି । ଏହି ବିପର୍ଯ୍ୟସ୍ତ ରାସ୍ତାର ଉନ୍ନତିକରଣ କାର୍ଯ୍ୟ କରିବା ନିମନ୍ତେ ଗତ ୭ ମାସ ତଳେ ୩ଟି ସ୍କିମ୍‌ରେ ଅନୁଦାନ ପାଇଁ ଆର୍ଥିକ ସହାୟତା ରାଜ୍ୟ ସରକାରଙ୍କୁ ଅନୁରୋଧ କରାଯାଇଥିଲା ଏବଂ ରାଜ୍ୟ ସରକାର ଆର୍ଥିକ ଅନୁଦାନ ସାଢ଼େ ୨ କୋଟି ଟଙ୍କା ମଞ୍ଜୁର କରିଥିବା ସୂଚନା ମିଳିଛି । ଉଲ୍ଲେଖଯୋଗ୍ୟ, ନୟାଗଡ ଜିଲ୍ଲା ଗ୍ରାମ୍ୟ ଉନ୍ନୟନ ବିଭାଗର ଜଣେ ଯନ୍ତ୍ରୀ ଗତବର୍ଷ ଅକ୍ଟୋବର ମାସ ୨୭ ତାରିଖ ଦିନ ଏହି ରାସ୍ତାରେ ପହଞ୍ଚି ରାସ୍ତା ମରାମତି ପାଇଁ ମାପଚୁପ ଆରମ୍ଭ କରିଥିଲେ ଏବଂ ଚଳିତ ବର୍ଷ ୪ ମାସ ମଧ୍ୟରେ ଦୁଇଦୁଇ ଥର ଆସି ମାପଚୁପ କରିସାରିଲେଣି କିନ୍ତୁ କାର୍ଯ୍ୟଫଳ ଶୂନ୍ । ପୂର୍ବରୁ ରାସ୍ତାର ଓସାର ୩.୭୫୦ ମିଟର ଥିଲାବେଳେ ବର୍ତ୍ତମାନ ୫.୫୦ ଓସାର ଏବଂ ରାସ୍ତାର ଲମ୍ବ ୩.୫ କିମି ନିର୍ମାଣ ହେବ ବୋଲି ସୂଚନା ମିଳିଥିଲା କିନ୍ତୁ ଦୁଃଖର ବିଷୟ ଗତବର୍ଷ ନଭେମ୍ବର ମାସ ଯାଇ ୨୦୨୫ ଏପ୍ରିଲ ମାସ ହେଲା ପଛେ ୬ ମାସ ହେଲା ରାଜ୍ୟସ୍ତରରେ ଟେଣ୍ଡର ପକ୍ରିୟା କାର୍ଯ୍ୟ ଚାଲୁ ରହିଥିବା ନେଇ ସୂଚନା ମିଳିଥିବାବେଳେ ବର୍ତ୍ତମାନ ସାଢ଼େ ୨ କୋଟି ଟଙ୍କା ମଞ୍ଜୁର ହୋଇଥିବା ନେଇ ବିଭାଗୀୟ ଯନ୍ତ୍ରୀ କେଶବ ଚନ୍ଦ୍ର ସୁବୁଦ୍ଧିଙ୍କ ଠାରୁ ସୂଚନା ମିଳିଛି ।

## ୪ ବର୍ଷ ପରେ ବି ମିଳୁନି ବକେୟା ବିଲ୍
## ଆଦର୍ଶ ଗୁହାଳ ନିର୍ମାଣ କରି ୨ ହିତାଧିକାରୀ ହନ୍ତସନ୍ତ

ଖଣ୍ଡପଡା,(ନି.ପ୍ର): ଖଣ୍ଡପଡା ବ୍ଲକ ଅଧୀନ କୁମ୍ଭାରପଡା ଗ୍ରାମର ପ୍ରତାପ କୁମାର ପଣ୍ଡା ଓ ରାକେଶ କୁମାର ସେଠୀ ପ୍ରମୁଖ ୨ ଜଣ ହିତାଧିକାରୀ ଆଦର୍ଶ ଗୁହାଳ ନିର୍ମାଣ କରିବାର ୪ ବର୍ଷ ପରେ ବି ଗୁହାଳ ନିର୍ମାଣ ବାବଦ ବକେୟା ବିଲ୍ ପାଉନଥିବା ଜଣାପଡିଛି । ଗୁହାଳ ନିର୍ମାଣ ବାବଦ ବିଲ୍ ପାଇବାରୁ ବଞ୍ଚିତ ୨ ହିତାଧିକାରୀ କୁମ୍ଭାରପଡା ପଞ୍ଚାୟତ କର୍ତ୍ତୃପକ୍ଷଙ୍କ ଠାରୁ ଆରମ୍ଭ କରି ଖଣ୍ଡପଡା ବ୍ଲକ ପ୍ରଶାସନର ବାରମ୍ବାର ଦୃଷ୍ଟି ଆକର୍ଷଣ କରିଥିଲେ ହେଁ କୌଣସି ସୁଫଳ ମିଳି ନଥିବା କୁହାଯାଇଛି । ଖଣ୍ଡପଡା ବ୍ଲକ ପ୍ରଶାସନ ପକ୍ଷରୁ ଉକ୍ତ ୨ ହିତାଧିକାରୀଙ୍କୁ ଗତ ୨୦୨୧-୨୨ ଆର୍ଥିକ ବର୍ଷରେ କାର୍ଯ୍ୟାଦେଶ ପତ୍ର ପ୍ରଦାନ କରାଯାଇଥିଲା । ମହାତ୍ମାଗାନ୍ଧୀ ଜାତୀୟ ଗ୍ରାମୀଣ ନିଶ୍ଚିତ କର୍ମ ନିଯୁକ୍ତି ଯୋଜନା ଜରିଆରେ ଆଦର୍ଶ ଗୁହାଳ ନିର୍ମାଣ ବାବଦରେ କେନ୍ଦ୍ରୀୟ ଅନୁଦାନ ଅର୍ଥ ୧.୧୩ ଲକ୍ଷ ଟଙ୍କା ହିତାଧିକାରୀମାନଙ୍କୁ ପ୍ରଦାନ କରାଯିବାର ବ୍ୟବସ୍ଥା ଥିବା ବେଳେ ଉଭୟେ ହିତାଧିକାରୀଙ୍କୁ ପ୍ରଥମ ପର୍ଯ୍ୟାୟରେ ମାତ୍ର ୧୬ ହଜାର ଟଙ୍କା ଲେଖାଁଏ ପ୍ରଦାନ କରାଯାଇଥିବା ଜଣାପଡିଛି । ତେବେ ଆଦର୍ଶ ଗୁହାଳ ନିର୍ମାଣ ବାବଦ ବକେୟା ବିଲ ଏବେବି ବ୍ଲକ ପ୍ରଶାସନ ନିକଟରେ ପଡିରହିଛି । ବାରମ୍ବାର ବ୍ଲକ ପ୍ରଶାସନର ଦୃଷ୍ଟି ଆକର୍ଷଣ ସତ୍ତ୍ୱେ ଆଦର୍ଶ ଗୁହାଳ ନିର୍ମାଣ ବାବଦ ବିଲ ମିଳୁନଥିବାରୁ ଉକ୍ତ ୨ ହିତାଧିକାରୀ ତୀବ୍ର ଅସନ୍ତୋଷ ପ୍ରକାଶ କରିଛନ୍ତି । ଧାର ଉଧାର କରି ଆଦର୍ଶ ଗୁହାଳ ନିର୍ମାଣ କରିଥିବା ହିତାଧିକାରୀଙ୍କୁ ତୁରନ୍ତ ବିଲ୍ ପ୍ରଦାନ ନିମନ୍ତେ ଖଣ୍ଡପଡା ବ୍ଲକ ଉନ୍ନୟନ ଅଧିକାରୀ ଓ ନୟାଗଡ ଜିଲ୍ଲାପାଳ ଦୃଷ୍ଟି ଦେବାକୁ କୁମ୍ଭାରପଡା ଗ୍ରାମବାସୀ ଦାବି କରିଛନ୍ତି ।

## ଆତଙ୍କବାଦୀ ଆକ୍ରମଣ ଘଟଣାକୁ ନିନ୍ଦା: କଂଗ୍ରେସ ପକ୍ଷରୁ କ୍ୟାଣ୍ଡେଲ ଶୋଭାଯାତ୍ରା

ଆସିକା,(ନିପ୍ର): କାଶ୍ମୀର ଅନନ୍ତନାଗ ଜିଲ୍ଲାର ପହଲଗାମ ପର୍ଯ୍ୟଟକଙ୍କ ଉପରେ ହୋଇଥିବା ଆତଙ୍କବାଦୀ ଘଟଣାରେ ପର୍ଯ୍ୟଟକଙ୍କ ଉପରେ ହୋଇଥିବା ଆଖିବୁଜା ଗୁଳିକାଣ୍ଡ ଘଟଣାରେ ୨୬ରୁ ଊର୍ଦ୍ଧ୍ୱ ପର୍ଯ୍ୟଟକ ପ୍ରାଣ ହରାଇବା ଓ ଅନେକ ଆହତ ହେବା ଘଟଣାକୁ ତୀବ୍ର ନିନ୍ଦା କରିବା ସହ ନିରୀହ ବ୍ୟକ୍ତିଙ୍କ ହତ୍ୟା ଘଟଣାରେ ସଂପୃକ୍ତ ଆତଙ୍କବାଦୀଙ୍କୁ ଖୋଜି ବାହାର କରିବା ସହ ଆତଙ୍କବାଦ ବିରୋଧରେ କଠୋର




ଆଭିମୁଖ୍ୟ ଗ୍ରହଣ କରିବାକୁ ଦାବି କରି ଗୁରୁବାର ସନ୍ଧ୍ୟାରେ ପଶ୍ଚିମ ଭାଗ ସଭାପତି ରବୀନ୍ଦ୍ର ନାଥ ଶର୍ମାଙ୍କ ନେତୃତ୍ୱରେ ଆସିକା ବିଜୁପଟ୍ଟନାୟକ ଛକଠାରୁ ଏକ ବିରାଟ କ୍ୟାଣ୍ଡେଲ ଶୋଭାଯାତ୍ରାରେ ବାହାରି ପାକିସ୍ତାନ ମୁର୍ଦାବାଦରେ ପ୍ରକମ୍ପିତ ହୋଇଥିଲା । ଏହି ଶୋଭାଯାତ୍ରା କଳିଙ୍ଗ ରୋଡ ଦେଇ ଲକ୍ଷ୍ମୀ ବଜାର ଦେଇ ହାଟପଦା ଠାରେ ଥିବା ଗାନ୍ଧିଜୀଙ୍କ ପ୍ରତିମୂର୍ତ୍ତିରେ ପୁଷ୍ପମାଲ୍ୟ ଅର୍ପଣ କରି ଆସିକା ଟାଉନ ହଲ ଠାରେ ଏକ ସଭାର ଆୟୋଜନ କରାଯାଇ ପାକିସ୍ତାନର ବର୍ବରତା ଉପରେ ବର୍ଷି ଥିଲେ ଉପସ୍ଥିତ କଂଗ୍ରେସ କର୍ମୀ । ଆତଙ୍କବାଦୀଙ୍କ ଅମାନବୀୟ ଘଟଣାକୁ ତୀବ୍ର ନିନ୍ଦା କରିଥିବା ଲକ୍ଷ୍ୟ କରାଯାଇଥିଲା । ଏହି ଆକ୍ରମଣ ଘଟଣାକୁ ତୀବ୍ର ନିନ୍ଦା କରିବା ସହ ଏହି ଘଟଣା ଅତ୍ୟନ୍ତ ଅମାନବୀୟ ଓ ଅକ୍ଷମଣୀୟ ହୋଇଥିଲା ବେଳେ ଆକ୍ରମଣରେ ପ୍ରାଣ ହରାଇଥିବା ମୃତକଙ୍କ ପରିବାରବର୍ଗଙ୍କୁ ଗଭୀର ସମବେଦନା ଜଣାଇବା ସହ ଆହତଙ୍କ ଆଶୁ ଆରୋଗ୍ୟ କାମନା କରିଥିବା ଲକ୍ଷ୍ୟ କରାଯାଇଥିଲା । ଏହି ପ୍ରତିବାଦ ଶୋଭାଯାତ୍ରାରେ ସାନଖେମୁଣ୍ଡି ବିଧାୟକ ରମେଶ ଚନ୍ଦ୍ର ଜେନା, ପଶ୍ଚିମ ଭାଗ ସଭାପତି ରବୀନ୍ଦ୍ର ନାଥ ଶର୍ମା, ଆସିକା ସାଂସଦ ପାର୍ଥି ଦେବକାନ୍ତ ଶର୍ମା, ଆସିକା ବିଧାୟକ ପାର୍ଥି ସୁରଭି ବିଷୋୟୀ, ନାରୀ ନେତ୍ରୀ ସୁଦୀପ୍ତା ଦାସ, ଦାମୋଦର ପଲ୍ଲୀ କମଳ ରେଡ୍ଡୀ, ସୋରଡ଼ା ବିଧାୟକ ହରେକୃଷ୍ଣ ରଥଙ୍କ ସମେତ ବହୁ ଯୁବ ଓ ବରିଷ୍ଠ କର୍ମୀ ଉପସ୍ଥିତ ଥିଲେ ।

## ପହଲଗ୍ରାମ ଆତଙ୍କୀ ହମଲା: ମୃତ ବ୍ୟକ୍ତିଙ୍କୁ ଶ୍ରଦ୍ଧାଞ୍ଜଳି

ରଣପୁର,(ନିପ୍ର): ସାରା ଦେଶ ଓ ବିଶ୍ୱକୁ ସ୍ତମ୍ଭୀଭୂତ କରିଥିବା ଜାମୁ କାଶ୍ମୀର ପହଲଗ୍ରାମ ଆତଙ୍କୀ ହାମଲାରେ ମୃତ୍ୟୁବରଣ କରିଥିବା ଓଡ଼ିଆ ତଥା ସମସ୍ତଙ୍କ ଆତ୍ମାର ସଦ୍‌ଗତି ପାଇଁ ରଣପୁର ଜଗନ୍ନାଥ ସେନା ଓ ରଣପୁର ଭାରତୀୟ ଜାତୀୟ କଂଗ୍ରେସ ତରଫରୁ ଏକ କ୍ୟାଣ୍ଡେଲ ଶୋଭାଯାତ୍ରା ଅପ୍ରେଲ ୨୪ ସନ୍ଧ୍ୟାରେ ଅନୁଷ୍ଠିତ ହୋଇଯାଇଛି । ଜଗନ୍ନାଥ ସେନାର ଆବାହକ ବିରାଜ ମିଶ୍ର ଓ ସମସ୍ତ କର୍ମକର୍ତ୍ତା, ସହିତ ରଣପୁର ଜାତୀୟ କଂଗ୍ରେସର ବିଧାୟକ ପ୍ରାର୍ଥୀ ବିଭୁ ପ୍ରସାଦ ମିଶ୍ର, ରଣପୁର ବ୍ଲକ୍ କଂଗ୍ରେସ କାର୍ଯ୍ୟକାରୀ ସଭାପତି ଆଇନଜୀବି ଶତୃଘ୍ନ ପାଇକରାୟ ଓ ବିଭିନ୍ନ ଗ୍ରାମ ପଞ୍ଚାୟତରୁ ଆସିଥିବା କଂଗ୍ରେସ କର୍ମୀମାନେ ରଣପୁର ପଞ୍ଚୁଦୋଳ ପଡିଆ ସହିଦ୍ ରଘୁ ଦିବାକର ପ୍ରତିମୂର୍ତ୍ତି ନିକଟରୁ ଶୋଭାଯାତ୍ରାରେ ବାହାରି ରଣପୁର ଜଗନ୍ନାଥ ମନ୍ଦିର ସିଂହ ଦ୍ୱାରକୁ ଯାଇଥିଲେ । ହିନ୍ଦୁସ୍ଥାନ ଜିନ୍ଦାବାଦ, ପାକିସ୍ଥାନ ମୁର୍ଦ୍ଦାବାଦ ନାରା ଦେଉଥିଲେ । ପାକିସ୍ଥାନକୁ ଉଚିତ୍ ଶିକ୍ଷା ଦେବା ପାଇଁ ଆହ୍ୱାନ କରିଥିଲେ । ମୃତ ବ୍ୟକ୍ତିଙ୍କ ଅନ୍ତରାତ୍ମା ସଦଗତି ପାଇଁ ଶ୍ରଦ୍ଧାଞ୍ଜଳି ପ୍ରଦାନ ସହ ନିରବ ପ୍ରାର୍ଥନା କରିଥିଲେ ।

## ୫ଦିନ ପରେ ବିଦ୍ୟୁତ ସେବା ପାଇଲେ ୨ ଗ୍ରାମବାସୀ

ଖଣ୍ଡପଡା,(ନି.ପ୍ର): କାଳବୈଶାଖୀ ପ୍ରଭାବରେ ବିଦ୍ୟୁତ ସେବା ବ୍ୟାହତ ଯୋଗୁଁ ଗତ ୫ଦିନ ଧରି ଖଣ୍ଡପଡା ବ୍ଲକର କୋସକା ପଞ୍ଚାୟତ ଅଧିନ ଆଦିବାସୀ ଗ୍ରାମ ରତାଖଣ୍ଡି ଓ ଗୁରିଆବାରୀର ବାସିନ୍ଦା ନାହିଁ ନଥିବା ଅସୁବିଧାର ସମ୍ମୁଖିନ ହେଉଥିଲେ । ବିଦ୍ୟୁତ ବିତରଣ କଂପାନୀ(ଟିପିସିଓଡିଏଲ) ପକ୍ଷରୁ ବିଦ୍ୟୁତ ଖୁଣ୍ଟ ଓ ତାର ସଜଡା ଯିବା ପରେ ଉକ୍ତ ୨ ଗ୍ରାମର ବାସିନ୍ଦା ୫ ଦିନ ପରେ ବିଦ୍ୟୁତ ସେବା ପାଇଥିବା ଜଣାଯାଇଛି । ପ୍ରକାଶଥାଉକି ଗଣିଆ ଅଞ୍ଚଳରୁ ଉକ୍ତ ୨ ଗ୍ରାମକୁ ବିଦ୍ୟୁତ ସେବା ଯୋଗାଇ ଦିଆଯାଇଥିବାରୁ ବିଭିନ୍ନ ସମସ୍ୟା ସୃଷ୍ଟି ହେଉଛି । ତେଣୁ ଗଣିଆ ପରିବର୍ତ୍ତେ ଖଣ୍ଡପଡା ନତୁବା କଣ୍ଟିଲୋ ସେକ୍ସନରୁ ଉକ୍ତ ୨ ଗ୍ରାମକୁ ବିଦ୍ୟୁତ ସେବା ଯୋଗାଇ ଦିଆଗଲେ ଗ୍ରାମବାସୀ ବିଶେଷ ଭାବେ ଉପକୃତ ହୋଇପାରନ୍ତେ ବୋଲି ଜଣାପଡିଛି । ଏଥିପ୍ରତି ବିଦ୍ୟୁତ ବିତରଣ କଂପାନୀ କର୍ତ୍ତୃପକ୍ଷ ଓ ପ୍ରଶାସନ ଦୃଷ୍ଟି ଦେବାକୁ ସାଧାରଣରେ ଦାବି ହେଉଛି ।

## ବ୍ଲକସ୍ତରୀୟ ପୋଷଣ ପକ୍ଷ କାର୍ଯ୍ୟକ୍ରମ

ବୁଗୁଡ଼ା(ନିପ୍ର): ସ୍ଥାନୀୟ ରାଜିବ ଗାନ୍ଧୀ ସେବା କେନ୍ଦ୍ର ପରିସରରେ ସମନ୍ୱିତ ଶିଶୁ ବିକାଶ ପ୍ରକଳ୍ପ କାର୍ଯ୍ୟାଳୟ ପକ୍ଷରୁ ବ୍ଲକ୍‌ସ୍ତରୀୟ ପୋଷଣ ପଖୱାଡା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ସିଡିପିଓ ବବିତା କୁମାରୀ ପଣ୍ଡାଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ଉକ୍ତ କାର୍ଯ୍ୟକ୍ରମରେ ଅତିଥି ଭାବେ ଭାରପ୍ରାପ୍ତ ବିଡିଓ ଧର୍ମରାଜ ପରିଡା ଯୋଗ ଦେଇଥିବା ବେଳେ ଅଞ୍ଚଳ ପରିଦର୍ଶିକା ଜି.ରଶ୍ମି , ମମତା ଶାବର, କୁସୁମ ପଣ୍ଡା, ଲିଲି ଶାବର, ସ୍ୱର୍ଣ୍ଣମୟୀ ନାୟକ ଓ ଜାନକୀ ଶାବର ପ୍ରମୁଖ ମଞ୍ଚାସୀନ ରହିଥିଲେ । ଏ ଅବସରରେ ଗୋଦଭରାଇ, ମୋ ଗେହ୍ଲା ଝିଅ, ଅନ୍ନପ୍ରାଶନ ଆଦି କାର୍ଯ୍ୟକ୍ରମମାନ ଅନୁଷ୍ଠିତ ହୋଇଥିଲା । ଏଥିସହ ମାଣ୍ଡିଆ, ଗହମ, ଛତୁଆରେ ପ୍ରସ୍ତୁତ ବିଭିନ୍ନ ପ୍ରକାର ପୁଷ୍ଟିକର ଓ ସୁସ୍ୱାଦୁ ଖାଦ୍ୟ ସାଙ୍ଗକୁ ଅନେକ ପ୍ରକାର ଖାଦ୍ୟଶସ୍ୟ ଓ ପନିପରିବା ପ୍ରଦର୍ଶିତ ହୋଇଥିଲା । ଏହି ସବୁ ଖାଦ୍ୟ ପଦାର୍ଥରରୁ ପ୍ରସ୍ତୁତ ସୁଷମ ଖାଦ୍ୟ ଖାଇବା ଦ୍ୱାରା ମାଆ ଶିଶୁ ଉଭୟେ ଅପପୁଷ୍ଟି ରୋଗରୁ ମୁକ୍ତି ପାଇବା ସହଜ ହେବ ବୋଲି ମତ ପ୍ରକାଶ ପାଇଥିଲା । ଏହି କାର୍ଯ୍ୟକ୍ରମରେ ବିଭିନ୍ନ ସେକ୍ଟରର ଅଙ୍ଗନୱାଡି କର୍ମୀ, ସହାୟିକା, କିଶୋରୀ ବାଳିକା ଓ ଗର୍ଭବତୀ ମାଆ ଉପସ୍ଥିତ ରହିଥିଲେ ।

## ଡ୍ରେନ ପାଣି ଯୋଗୁଁ କୁସୁମୀ ନଦୀ ଜଳ ଦୂଷିତ



ଖଣ୍ଡପଡା, (ନି.ପ୍ର) ଖଣ୍ଡପଡା ସହର ପାର୍ଶ୍ୱ ଦେଇ ପ୍ରବାହିତ ହେଉଛି କୁସୁମୀ ନଦୀ । ଏକଦା କୁସୁମୀ ନଦୀର ଜଳରେ ସହରବାସୀ ଦୈନିକ ସ୍ନାନ ଆଦି କରିବା ସହ ଏହାର ପାଣିକୁ ବ୍ୟବହାର କରୁଥିଲେ । କୁସୁମୀ ନଦୀର ସ୍ୱଚ୍ଛ ଜଳରାଶି ନଦୀ ତଟବର୍ତ୍ତୀ ଗ୍ରାମର ବାସିନ୍ଦାଙ୍କ ତୃଷା ମେଣ୍ଟାଉଥିଲା । ମାତ୍ର ଏବେ ସମୟ ବଦଳି ଯାଇଛି । ଡ୍ରେନ ଯୋଗେ ଖଣ୍ଡପଡା ସହରାଞ୍ଚଳର ଆବର୍ଜନା ପାଣି କୁସୁମୀ ନଦୀରେ ମିଶୁଛି । ଫଳରେ ନଦୀର ଜଳ ଦୂଷିତ ହେବାରେ ଲାଗିଛି । ନଦୀର ଦୂଷିତ ଜଳରେ ସହରବାସୀ ସ୍ନାନ କରିବା ପାଇଁ ଅନିଚ୍ଛା ପ୍ରକାଶ କରୁଛନ୍ତି । ସହରାଞ୍ଚଳର ଡ୍ରେନେଜ ପାଣି କୁସୁମୀ ନଦୀକୁ ନ ଛାଡିବା ପାଇଁ ୮ ଓ ୯ ନଂ ୱାର୍ଡ ବାସିନ୍ଦା ଖଣ୍ଡପଡା ଏନଏସି କର୍ତ୍ତୃପକ୍ଷଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ ହେଁ ଫଳଘର ଶୂନ ବୋଲି ଲୋକେ କହିଛନ୍ତି । ଡ୍ରେନେଜ ପାଣି ଯୋଗୁଁ ନଦୀର ଜଳ ଦୂଷିତ ହେଉଥିବାରୁ ପରିବେଶବିତ୍‌ମାନେ ଏ ନେଇ ଉଦ୍‌ବେଗ ପ୍ରକାଶ କରିଛନ୍ତି । ତେଣୁ ଅଞ୍ଚଳବାସୀଙ୍କ ସ୍ୱାର୍ଥକୁ ଦୃଷ୍ଟିରେ ରଖି କୁସୁମୀ ନଦୀକୁ ଡ୍ରେନପାଣି ନଛାଡିବା ନିମନ୍ତେ ପ୍ରଶାସନ ଦୃଷ୍ଟି ଦେବାକୁ ଦାବି ହେଉଛି । ଖଣ୍ଡପଡା ଏନଏସି କର୍ତ୍ତୃପକ୍ଷ ଓ ଜିଲ୍ଲା ପ୍ରଶାସନ ଏଥିପ୍ରତି ଦୃଷ୍ଟି ଦେବାକୁ ସହରବାସୀ ଦାବି କରିଛନ୍ତି ।

## ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ସମସ୍ୟା ସମାଧାନ ହୋଇପାରୁନାହିଁ !

ଭାପୁର,(ନିପ୍ର): ପ୍ରାୟେ ୫ ମାସ ପୂର୍ବେ ଭାପୁର ଓ ଖଣ୍ଡପଡ଼ା ବ୍ଲକର ସ୍ୱାସ୍ଥ୍ୟ ସମସ୍ୟା ଓ ତାର ପ୍ରତିକାର ନେଇ ଖଣ୍ଡପଡ଼ା ବିଧାୟକଙ୍କ ଅଧକ୍ଷତାରେ ଏକ ଉଚ୍ଚସ୍ତରୀୟ ସ୍ୱାସ୍ଥ୍ୟ ବିଭାଗର ପ୍ରଶାସନିକ ଅଧିକାର ମାନଙ୍କୁ ନେଇ ସମୀକ୍ଷା ବୈଠକ ଭାପୁର ଡାକବଙ୍ଗଳାରେ ଅନୁଷ୍ଠିତ ହୋଇଥିଲା । ବିଧାୟକ ସାଧାରଣରେ ବାହାବା ନେବା ପାଇଁ ଏହି ବୈଠକକୁ କେବଳ ନୟାଗଡ ଜିଲ୍ଲା ସ୍ୱାସ୍ଥ୍ୟ ଅଧିକାରୀଙ୍କ ସହିତ ଭାପୁର ଓ ଖଣ୍ଡପଡ଼ା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରର କର୍ମଚାରୀ ଯୋଗଦେଇ ନିଜନିଜର ସ୍ୱାସ୍ଥ୍ୟକେନ୍ଦ୍ର,ଉପକେନ୍ଦ୍ର ଗୁଡ଼ିକର ସମସ୍ୟାକୁ ବିଧାୟକଙ୍କୁ ଅବଗତ କରେଇ ତାର ପ୍ରତିକାର ନିମନ୍ତେ ପଦକ୍ଷେପ ନେଇଥିଲେ ବୋଲି ଚର୍ଚ୍ଚା ହେଉଛି । ଭାପୁର ଓ ଖଣ୍ଡପଡ଼ା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ତଥା ଉପକେନ୍ଦ୍ର ମାନଙ୍କରେ ଡାକ୍ତର ସମସ୍ୟା, ଆଲୋକ ତଥା ଅନ୍ୟାନ୍ୟ ଆବଶ୍ୟକ ଭିତ୍ତିଭୂମି ଗୁଡ଼ିକୁ ବିଧାୟକ ୧୫ ଦିନ ମଧ୍ୟରେ ସମାଧାନ ନିମନ୍ତେ ପ୍ରଶାସନିକ ଅଧିକାରୀମାନଙ୍କୁ ଆଦେଶ ଦେଇଥିଲେ କିନ୍ତୁ, ଆଜିକୁ ମାସ ମାସ ଧରି ୫ ମାସ ଅତିକ୍ରାନ୍ତ ହୋଇଥିଲେ ମଧ୍ୟ ଭାପୁର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ତଥା ଉପକେନ୍ଦ୍ର ମାନଙ୍କରେ ଗୋଟିଏ ହେଲେ ସମସ୍ୟା ସମାଧାନ ହୋଇ ନ ଥିବା ପରିତାପର ବିଷୟ । ବିଧାୟକଙ୍କ ସମୀକ୍ଷା ପରେ ସମସ୍ୟାର ସମାଧାନ କାର୍ଯ୍ୟକାରିତା ଧରା ପଡ଼ିଯିବ ବୋଲି ବୈଠକକୁ ସାମ୍ବାଦିକମାନଙ୍କୁ ଡକାଯାଇ ନ ଥିଲା ବୋଲି ଚର୍ଚ୍ଚା ଧରିଛି ।

## ପହଲଗାମ୍‌ରେ ପ୍ରାଣ ହରାଇଥିବା ମୃତ ବ୍ୟକ୍ତିଙ୍କୁ ଶ୍ରଦ୍ଧାଞ୍ଜଳି

କଟକ,(ନିପ୍ର): ଓଡ଼ିଶା ଉଚ୍ଚନ୍ୟାୟାଳୟ ପକ୍ଷରୁ ଗୁରୁବାର ଜାମ୍ମୁ ଓ କାଶ୍ମୀରର ରାଜ୍ୟର ପହେଲଗାମ୍‌ରେ ହୋଇଥିବା ଆତଙ୍କବାଦ ଘଟଣାରେ ପ୍ରାଣ ହରାଇଥିବା ମୃତ ବ୍ୟକ୍ତିଙ୍କୁ ଶ୍ରଦ୍ଧାଞ୍ଜଳି ଜ୍ଞାପନ କରାଯାଇଥିଲା । ଏହି ଅବସରରେ ୨ମିନିଟ ନୀରବ ପ୍ରାର୍ଥନା କରାଯାଇଥିଲା । ଗୁରୁବାର ସକାଳ ୧୦.୩୦ରେ ଓଡ଼ିଶା ଉଚ୍ଚନ୍ୟାୟାଳୟର ବିଚାରପତିବୃନ୍ଦ, ଆଇନଜୀବୀମାନେ ସମୂହ ୨ ମିନିଟ ନୀରବ ପ୍ରାର୍ଥନା କରିଥିଲେ ।

## ଆତଙ୍କୀ ଆକ୍ରମଣରେ ମୃତ ଓ ଆହତଙ୍କ ନିମନ୍ତେ ସାମୂହିକ ଦୀପଦାନ



ଭୁବନେଶ୍ୱର(ନିପ୍ର): ଜାମ୍ମୁ କାଶ୍ମୀରର ପହଲ ଗାଓଁରେ ଆତଙ୍କବାଦୀ ଆକ୍ରମଣରେ ପ୍ରଶାନ୍ତ ସତପଥିଙ୍କ ସହିତ ୨୬ ମୃତ୍ୟୁ ବରଣ କରିଥିଲେ । ଶଶି କୁମାରଙ୍କ ସହିତ ୨୦ରୁ ଅଧିକ ଗୁଳିମାଡ଼ରେ ଗୁରୁତର ଆହତ ହୋଇ ଚିକିତ୍ସିତ ହେଉଛନ୍ତି । ପ୍ରଶାନ୍ତ ସତପଥିଙ୍କ ସହିତ ୨୬ ମୃତକଙ୍କ ଆତ୍ମାର ସଦଗତି ତଥା ଆହତମାନଙ୍କ ଆଶୁ ଆରୋଗ୍ୟ ନିମନ୍ତେ ଜଗତରନାଥ ଜଗନ୍ନାଥ, ମହାପ୍ରଭୁ ଲିଙ୍ଗରାଜ ଓ ମହାପ୍ରଭୁ ଭୀମେଶ୍ୱରଙ୍କ ନିକଟରେ ସାମୁହିକ ପ୍ରାର୍ଥନା ସେବା ପ୍ରତିନିଧିର ମୁଖ୍ୟ ସଙ୍ଗଠକଙ୍କ ସହିତ ଦୀପ ପ୍ରଜ୍ୱଳନ କରାଯାଇ ସେମାନଙ୍କ ପରିବାରବର୍ଗଙ୍କୁ ଏ ବିପଦରେ ସହାୟତା କରନ୍ତୁ ଏହି କାମନା କରାଯାଇଛି । ଏଥିରେ ପ୍ରଜାପିତା ବ୍ରହ୍ମାକୁମାରୀ, ପୁନାମା ଗେଟ୍ ସାହି ବାସିନ୍ଦା,ଖଣ୍ଡୁଆଳ ସାହି ବାସିନ୍ଦା, ମୁକ୍ତିକାନ୍ତ ବଟୁ, ଦାମୋଦର ସାମନ୍ତରାୟ, ଅଶୋକ କୁମାର ମହାରଣା, ପୂର୍ଣ୍ଣଚନ୍ଦ୍ର ଖୁଣ୍ଟିଆ,ଅନୁପମ ବୋଷ୍ , ପତିତପାବନ ପଣ୍ଡା, ପଦ୍ମନାଭ ଷଡ଼ଙ୍ଗୀ, ଗଣେଶ୍ୱର ପ୍ରଧାନ, ଗିରିଜା ଶଙ୍କର ମହାପାତ୍ର, ହୃଷୀକେଶ ବେହେରା,ସୌଦାମିନୀ ସାମଲ, ସତ୍ୟନାରାୟଣ ସାମନ୍ତସିଂହାର, ସୀତା ରାଉତ, ପୂର୍ବତନ କର୍ପୋରେଟର ଛବିନ୍ଦ୍ର ଜେନା, ବର୍ତ୍ତମାନ କର୍ପୋରେଟର ଶିବ ନାରାୟଣ ରାୟ, ବାଇଧର ପାତ୍ର, ବି,କେ ଡଲି, ବି.କେ.ଲିଲି, ସୁରେଶ କୁମାର ଦାସ, ମଦନମୋହନ ଦାସ ଇତ୍ୟାଦି ଅଂଶଗ୍ରହଣ କରିଥିଲେ ।

# କଟକ ବଜାରରେ ଭଳିକି ଭଳି ଆମ୍ବର ପସରା

କଟକ, (ନିପ୍ର): ଫଳ ଭିତରେ ରାଜା ହେଉଛି "ଆମ୍ବ" । ବିଶେଷ କରି ଓଡ଼ିଆମାନେ ଆମ୍ବ ଖାଇବାକୁ ବେଶ ପସନ୍ଦ କରିଥାନ୍ତି । ସଂପ୍ରତି କଟକ ବଜାରରେ ଭଳିକି ଭଳି ଆମ୍ବ ବିକ୍ରି ଆରମ୍ଭ ହୋଇଗଲାଣି । ବାଇଗଣପଲାଇ, ପଣ୍ଡୁପଲାଇ, ଆମ୍ରପଲି, ସୁନ୍ଦରୀ ଓ ଆଖୁରସ ଆଦି ଆମ୍ବ ବଜାରରେ ବିକି ହେଉଛି । ତେବେ ସହରରେ ଚାହିଦା ମୁତାବକ ଆମ୍ବ ଉପଲବ୍ଧ ହେଉନଥିବାରୁ, ଦର ଟିକେ ଉଚ୍ଚା ରହୁଛି । ରାଜ୍ୟର ବିଭିନ୍ନ ଜିଲ୍ଲାରୁ ହେଉଥିବା ଦେଶୀ ଆମ୍ବ, ବଜାରକୁ ଏପର୍ଯ୍ୟନ୍ତ ଆସିନାହିଁ । ଆନ୍ଧ୍ରପ୍ରଦେଶରୁ ଆସୁଥିବା ଆମ୍ବ ହିଁ ସହରରେ ବିକ୍ରି ହେଉଛି । ତେଣୁ ବର୍ତ୍ତମାନ ବଜାରରେ ଆମ୍ବର ମୂଲ୍ୟ ଟିକେ ଅଧିକ ରହିଛି ।

ଛତ୍ରବଜାର ଫଳ ଗୋଦାମରୁ ଦୋକାନୀମାନେ ଆମ୍ବ ଆଣି ସହରର ବିଭିନ୍ନ ସ୍ଥାନରେ ବିକ୍ରି କରୁଛନ୍ତି । ବାଇଗଣପଲେଇ ଆମ୍ବ ଗୋଦାମ ଦର କେଜି ପ୍ରତି ୧୦୦ଟଙ୍କା, ପଣ୍ଡୁପଲେଇ ୮୦ଟଙ୍କା, ଆଖୁରସ ୭୦ଟଙ୍କା ଏବଂ ସୁନ୍ଦରୀ ଦର କେଜି ପ୍ରତି ୧୦୦ଟଙ୍କା ରହିଛି । ଖୁଚୁରା ବଜାରରେ



ଦୋକାନୀମାନେ ପଣ୍ଡୁପଲେଇ ଆମ୍ବ କେଜିପ୍ରତି ୧୦୦ଟଙ୍କା, ବାଇଗଣପଲେଇ ୧୨୦ଟଙ୍କା, ଆଖୁରସ ୧୦୦ଟଙ୍କା ଏବଂ ସୁନ୍ଦରୀ ଆମ୍ବ କେଜି ପିଛା ୧୨୦ଟଙ୍କାରେ ବିକ୍ରି କରୁଥିବା ପରିଲକ୍ଷିତ ହେଉଛି । ବର୍ତ୍ତମାନ ଛତ୍ରବଜାରକୁ ଦିନକୁ ମାତ୍ର ଗୋଟିଏ ରୁ ଦୁଇଟି ଆମ୍ବ ଗାଡ଼ି ଆସୁଛି । ଆମ୍ବଗୁଡ଼ିକ ମୁଖ୍ୟତଃ ଆନ୍ଧ୍ରପ୍ରଦେଶରୁ ଆସୁଥିବାରୁ ଦର ଟିକେ ଚଢ଼ା ରହିଛି । ଏହାଛଡ଼ା ପଶ୍ଚିମବଂଗ, ଦିଲ୍ଲୀ, ଉତ୍ତରପ୍ରଦେଶ, ମହାରାଷ୍ଟ୍ର, ହରିଆନା ଓ ଦିଲ୍ଲୀ ଆଦି ଅଞ୍ଚଳରୁ ଆମ୍ବ କଟକ ବଜାରକୁ ଚଳିତ ବର୍ଷ ଆସିନାହିଁ । ଆମ୍ବ ବ୍ୟବସାୟୀମାନେ ମୁଖ୍ୟତଃ ଆନ୍ଧ୍ର ଉପରେ ନିର୍ଭର କରୁଛନ୍ତି । ଏହାଛଡ଼ା କଞ୍ଚା ଦେଶୀ ଆମ୍ବ ଯାହା ବଜାରକୁ ଆସୁଛି, ତାହା କେବଳ ଆଚାର ପାଇଁ ବ୍ୟବହାର ହେଉଛି । ଦେଶୀ କଞ୍ଚା ଆମ୍ବର କିଲୋ ପିଛା ମୂଲ୍ୟ ୫୦ଟଙ୍କାରୁ ୭୦ ଟଙ୍କା ମଧ୍ୟରେ ରହିଛି ।

ସାଧାରଣତଃ ରଜ ଏବଂ ସାବିତ୍ରୀ ବେଳକୁ କଟକ ବଜାରକୁ ଅଧିକ ମାତ୍ରାରେ ଆମ୍ବ ରାଜ୍ୟ ତଥା ରାଜ୍ୟ ବାହାରୁ ଆସିଥାଏ । ଏହି ସମୟରେ ଆମ ରାଜ୍ୟର ବ୍ରହ୍ମପୁର, ଢ଼େଙ୍କାନାଳ, ଅନୁଗୁଳ, ଆଠଗଡ଼, ନୟାଗଡ଼, ବଲାଙ୍ଗୀର, ସୋନପୁର ଓ କୋରାପୁଟ ଆଦି ଅଞ୍ଚଳରୁ ଅଧିକ ସଂଖ୍ୟାରେ ଦେଶୀ ଆମ୍ବ ଆସିଥାଏ । ମୁଖ୍ୟତଃ ବାଇଗଣପଲେଇ, ଲାଲସୁନ୍ଦରୀ, ଆଖୁରସ, ଦୋସରୀ, ହେନସାଗର, ଆମ୍ରପଲି, ଚଉସା ଓ ଗୁଣ୍ଡୁରୀ ଆଦି ଆମ୍ବ ବଜାରରେ ଅଧିକ ମାତ୍ରାରେ ଉପଲବ୍ଧ ହୋଇଥାଏ । ସେହିପରି ଆନ୍ଧ୍ର, ଦିଲ୍ଲୀ, ଉତ୍ତରପ୍ରଦେଶ, ପଶ୍ଚିମବଂଗ, ମହାରାଷ୍ଟ୍ର ଆଦି ରାଜ୍ୟରୁ ନେଙ୍ଗଡ଼ା, ଦୋସରୀ, ମଲିକା, ଫିଜିଲି, ଆମ୍ରପଲି ଓ ତୋତାପଲି ଆଦି ଆମ୍ବ ବିକ୍ରି ପାଇଁ କଟକ ସହରକୁ ଆସିଥାଏ । ଫଳରେ ଏହି ସମୟରେ ଆମ୍ବର ମୂଲ୍ୟ ହ୍ରାସ ପାଇବା ସହ ବେପାର ଭଲ ହୋଇଥାଏ ବୋଲି ଆମ୍ବ ବ୍ୟବସାୟୀମାନେ ସୂଚନା ଦେଇଛନ୍ତି । ଚଳିତବର୍ଷ ଆମ୍ବ ବେପାର ଠିକ ଭାବରେ ହେଉନାହିଁ ବୋଲି ଛତ୍ରବଜାର ଆମ୍ବ ଗୋଦାମ ମାଲିକ କେଶବ ରାଉତ କହିଛନ୍ତି । ଆନ୍ଧ୍ରରୁ ଆସୁଥିବା ଆମ୍ବଗାଡ଼ି ଉପରେ ବେଶି ନିର୍ଭର କରିବାକୁ ପଡୁଛି । ଦେଶୀ ଆମ୍ବ ଏପର୍ଯ୍ୟନ୍ତ ବଜାରକୁ ଆସିନାହିଁ । ତେଣୁ ଆମ୍ବର ମୂଲ୍ୟ ସାମାନ୍ୟ ଅଧିକ ରହୁଛି ବୋଲି ଶ୍ରୀ ରାଉତ କହିଛନ୍ତି । ସେହିପରି ଆମ୍ବ ବ୍ୟବସାୟୀ ମୁନା ବେହେରା କହିଛନ୍ତି, ଗୋଦାମରୁ ଆମ୍ବ କିଣି ସାରିବା ପରେ ଗାଡ଼ି ଭଡ଼ା କରି ଆମ୍ବ ଆଣି ବେପାର କରିବାକୁ ପଡ଼ିଥାଏ । ଫଳରେ ଆମ୍ବ ଦର ଟିକେ ଉଚ୍ଚା ରହୁଛି । ଏଣୁ ସାଧାରଣ ଲୋକମାନେ ଆମ୍ବ କିଣିବାକୁ ବିଶେଷ ଆଗ୍ରହ ପ୍ରକାଶ କରୁନାହାନ୍ତି । ଫଳରେ ଚଳିତ ବର୍ଷ ଏପର୍ଯ୍ୟନ୍ତ ଆମ୍ବ ବେପାର ମାନ୍ଦା ରହିଛି ବୋଲି ଖୁଚୁରା ବ୍ୟବସାୟୀମାନେ କହିଛନ୍ତି ।

ତିଥି : (ତ୍ରୟୋଦଶୀ) : (ଉତ୍ତରଭାଦ୍ର ମୀନ)
ଅମୃତବେଳା: ଦିବା ଘ୯ ।୨୪ ଗତେ ଘ ୧୨ ।୩୬ ମଧ୍ୟେ

## ଆଜିର ଅନୁଚିନ୍ତନ

ସ୍ଥିର ଚିତ୍ତ କାରଣରୁ ହୁଏ ନାହିଁ କ୍ଷତି
ଯେଉଁ ବିଷୟେ ଜ୍ଞାନୀର ନ ଥାଏ ଆସକ୍ତି ।।
- ଶ୍ରୀମଦ୍ ଭଗବଦ୍ ଗୀତା

# ଅସୁରତ୍ୱରୁ ମୁକ୍ତି

ବିହାର ମାଟିରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ସମଗ୍ର ବିଶ୍ୱକୁ ଜଣାଇଲେ ଯେ ଭାରତ ପ୍ରତି ଆତଙ୍କବାଦୀଙ୍କୁ ଚିହ୍ନଟ ପୂର୍ବକ ଠାବ କରିବ ଓ ପରିଶେଷରେ କଳ୍ପନା ଠାରୁ ଅଧିକ ଦଣ୍ଡିତ କରିବ। ସେମାନଙ୍କ ପଛରେ ଯେଉଁମାନେ ଅଛନ୍ତି ସେମାନଙ୍କୁ ଛଡ଼ା ଯିବନାହିଁ। ଆତଙ୍କବାଦ ଦ୍ୱାରା ଭାରତର ଆତ୍ମା କେବେ ଭାଙ୍ଗିଯିବ ନାହିଁ। ଯେଉଁମାନେ ମାନବିକତା ଉପରେ ବିଶ୍ୱାସୀ ସେମାନେ ଆମ ସହିତ ଅଛନ୍ତି। ଯେଉଁ ନେତାମାନେ ଓ ଦେଶମାନେ ଏହି ଦୁଇ ସମୟରେ ଆମ ସହିତ ଠିଆ ହୋଇଛନ୍ତି ସେମାନଙ୍କୁ ଧନ୍ୟବାଦ। ପହଲଗାମ ଆତଙ୍କବାଦୀ ଆକ୍ରମଣ ପରିପ୍ରେକ୍ଷୀରେ ପ୍ରଧାନମନ୍ତ୍ରୀ ମୋଦିଙ୍କ ଏ ରଣହୁଙ୍କାର ମଧ୍ୟରେ ଆଗକୁ ବଡ଼ ଧରଣର ସର୍ଜିକାଲ ଷ୍ଟ୍ରାଇକ ହେବାର ଯେଉଁ ସୂଚନା ମିଳୁଛି ତାହା କାର୍ଯ୍ୟକାରୀ ହେଲେ ସେମାନଙ୍କ ଆଣ୍ଠୁ ନିଶ୍ଚୟ ଭାଙ୍ଗିବ। କାରଣ ପହଲଗାମ ଆତଙ୍କବାଦୀଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ନିଆଯାଉ ବୋଲି ପାକିସ୍ତାନ ଏଯାବତ୍ ନ କହିବା ସୂଚାଇ ଦେଉଛି ଏହାର ସଂପୃକ୍ତି ଏଥିରେ ଅଛି କି ନାହିଁ। ଯଦି ପାକିସ୍ତାନ ଏଥିରେ ସଂପୃକ୍ତ ନୁହେଁ ତେବେ ବିଶ୍ୱ ସମୁଦାୟ ଆଗରେ ସ୍ପଷ୍ଟ କରିବା ଦରକାର ଯେ ଭାରତ ପ୍ରତି ଯେଉଁ ଆତଙ୍କବାଦୀମାନେ ବର୍ବରକାଣ୍ଡ ଘଟାଇଲେ ସେମାନଙ୍କୁ କେବେ ବି ଛଡ଼ା ନ ଯାଉ। ପାକିସ୍ତାନ ଏପରି କହୁଛି କି ? ସବୁଠୁ ଗୁରୁତ୍ୱପୂର୍ଣ୍ଣ ଯେ ଜମ୍ମୁକାଶ୍ମୀର ମାଟିରେ କିଛି ସ୍ଥାନୀୟ ବାସିନ୍ଦା ଯେଉଁମାନଙ୍କ କି ଛଦ୍ମ ଆତଙ୍କବାଦୀ ଭାବେ କାର୍ଯ୍ୟ କରୁଛନ୍ତି ହୁଏତ ସେମାନଙ୍କ ଜରିଆରେ ଉପତ୍ୟକା ଭିତରକୁ ପଶିଆସୁଥିବା ଆତଙ୍କବାଦୀଙ୍କୁ ସହାୟତା ଦେଉଛନ୍ତି। ଯାହାଦ୍ୱାରା ସେମାନଙ୍କ ମୁହଁ ଟାଣ ବଢୁଛି। ଗତାନୁଗତିକ ଆତଙ୍କବାଦୀ ଆକ୍ରମଣ ଅପେକ୍ଷା ଧର୍ମ ପଚାରି ଗୁଳି ଚଳାଇବା ସ୍ପଷ୍ଟ କରୁଛି ଧାର୍ମିକ ବିଦ୍ୱେଷ କେତେ ବୀଭତ୍ସ ସ୍ତରରେ ରହିଛି। ମାନବିକତା କ'ଣ ତାହା ପହଲଗାମ ଆତଙ୍କବାଦୀ ଘଟଣା ବେଳେ ମୁସଲମାନ ଘୋଡ଼ା ରକ୍ଷକ ଜଣଙ୍କ ପର୍ଯ୍ୟଟକଙ୍କ ଜୀବନ ରକ୍ଷା କରିବାକୁ ଯାଇ ଆତଙ୍କବାଦୀଙ୍କ ବନ୍ଧୁକ ଛଡ଼ାଇବା ଉଦ୍ୟମ କରି ସେମାନଙ୍କ ଗୁଳିରେ ଟଳି ପଡ଼ିଲେ। ସେହି ଉଦ୍ୟମ ବେଳେ ମାନବିକତା ବଞ୍ଚିଥିଲା ବୋଲି ଜୀବନକୁ ସେ ପାଣି ଛଡ଼ାଇ ପାରିଲେ। ଆତଙ୍କବାଦୀମାନେ ବୁଝିବା ଉଚିତ ସେମାନେ ଯେତେ ସଂଖ୍ୟକ ମରଣର ସମ୍ମୁଖୀନ ହୁଅନ୍ତୁ କାହାରି ଆଖିରେ ଟୋପେ ଲୁହ ଆସେନାହିଁ କି ହୃଦୟରେ କୋହ ଆସେନାହିଁ। କେବଳ ସେମାନଙ୍କ ଗୋଷ୍ଠୀ ବା ସମଭାବାପନ୍ନ ବ୍ୟକ୍ତିଙ୍କ ମଧ୍ୟରେ ଯାହା ସାମୟିକ ଧକ୍କା ସୃଷ୍ଟି ହୋଇଥାଏ।

ପହଲଗାମରେ ନୀରିହ ପର୍ଯ୍ୟଟକ ଥିଲେ ନିରସ୍ତ୍ର। ସେମାନଙ୍କ ଉପରକୁ ଗୁଳି ଚଳାଇବାବେଳେ ଧର୍ମର କଥା ଉଠାଇବା ତୁଚ୍ଛା ପ୍ରବଞ୍ଚନା, ଅଜ୍ଞତା, ଅଶିକ୍ଷାର ପ୍ରତିଫଳନ ଛଡ଼ା ଅନ୍ୟ କିଛି ନୁହେଁ। ବିଶ୍ୱରେ ଏଯାବତ୍ ଧର୍ମ ବା ଧର୍ମଗ୍ରନ୍ଥରେ ମଣିଷ ହତ୍ୟା ସଂପର୍କରେ ଯୁକ୍ତି ବଢ଼ାଯାଇନାହିଁ। ଧାର୍ମିକ ମୌଳବାଦ ହିଁ ଏପରି ଅନ୍ଧାରି ଦିଗକୁ ପ୍ରୋତ୍ସାହିତ କରିଥାଏ। ଏହି ମୌଳବାଦୀମାନେ ହିଁ ଆତଙ୍କବାଦୀଙ୍କ ପଛରେ ଥାଆନ୍ତି। ସୁତରାଂ ମୋଦି ସଂପୃକ୍ତ ଆତଙ୍କବାଦୀ ଓ ସେମାନଙ୍କ ପଛରେ ଥିବା ମୌଳବାଦୀଙ୍କ ବିରୋଧରେ ଯେଉଁ ରଣହୁଙ୍କାର ଦେଇଛନ୍ତି ତାହାକୁ ବାସ୍ତବତାର ରୂପ ଦେବା ଲାଗି ନିଶ୍ଚୟ ପ୍ରୟାସ କରିବେ। ଯେବେ ସର୍ଜିକାଲ ଷ୍ଟ୍ରାଇକ ହୋଇଛି ସେବେ ଆତଙ୍କବାଦୀମାନେ ତରକି ଥାଆନ୍ତି। ପୁଣି ଥରେ ମୁଣ୍ଡ ଟେକି ଉଠିବା ପାଇଁ ଯଥେଷ୍ଟ ସମୟ ନିଅନ୍ତି। ଏବେ ଭାରତ ପକ୍ଷେ କେବଳ ଜାମ୍ମୁକାଶ୍ମୀରରେ ନୁହେଁ ଦେଶର ଯେଉଁଠି ଯେଉଁଠି ଆତଙ୍କବାଦୀମାନେ ଛଦ୍ମ ଭାବରେ ଲୁଚି ରହିଛନ୍ତି ସେମାନଙ୍କୁ ଠାବ କରି ଦୃଢ଼ କାର୍ଯ୍ୟାନୁଷ୍ଠାନ ନେବା ଆବଶ୍ୟକ ପଡ୍ରୁଛି।

କେବଳ ଆତଙ୍କବାଦୀଙ୍କ ବିନାଶ ହେଲେ ସୀମିତ ହେବ ନାହିଁ ଯୁଦ୍ଧ। ଆତଙ୍କବାଦ ବିରୋଧରେ ଲଢେଇ ଜୋରଦାର ହେବା ଆବଶ୍ୟକ। ଲକ୍ଷ୍ୟ କରାଯାଉଛି ଟେଉଁଠି ଆତଙ୍କବାଦୀ ଆକ୍ରମଣ ଘଟୁଛି ସେହି ଦେଶର ଉଦ୍‌ବେଗ ସହିତ ସମ୍ବେଦନା କିଛି ରାଷ୍ଟ୍ର ଜଣାଉଛନ୍ତି। ମାତ୍ର ସେମାନେ ଯଦି ଏକାଠି ହୋଇ ରଣନୀତି ତିଆରି କରନ୍ତେ ତେବେ ଆତଙ୍କବାଦୀମାନେ ସାବାଡ଼ ହୋଇପାରନ୍ତେ। ଆତଙ୍କବାଦ-ଆତଙ୍କବାଦୀ, ଅସୁରତ୍ୱ-ଅସୁର, ସମପର୍ଯ୍ୟାୟବାଚୀ। ଯେଉଁଠି ଅସୁରତ୍ୱ ଜାହିର କରାଯାଇ ମିଛ ଖୁସି ପାଳନ କରାଯାଏ, ତାହା ବିଷଚକ୍ର ଭଳି ଘୂରି ବୁଲେ। ସେହି ବିଶ୍ୱଚକ୍ରରୁ ଯେବେ ଆତଙ୍କବାଦୀମାନେ ମୁକୁଳିପାରିବେ ତେବେ ମଣିଷପଣିଆକୁ ହୁଏତ ଚିହ୍ନି ପାରିବେ।

# ପିଲାଙ୍କୁ ଶିକ୍ଷା

## ଡକ୍ଟର ମେଘନା ମିଶ୍ର

ପିଲାଙ୍କୁ ଆନନ୍ଦମୟ ତଥା ସମାଜ ପ୍ରତି ସମର୍ପିତ ଶିକ୍ଷା ପ୍ରଦାନ କରିବା ବାପା-ମାଆ ଓ ଅଭିଭାବକଙ୍କ ପ୍ରଥମ ଓ ମୁଖ୍ୟ ଜୀବନ ଧର୍ମ। ଆସନ୍ତୁ ଜାଣିବା ବିଭିନ୍ନ ବୟସର ପିଲାମାନଙ୍କୁ କିପରି ଆପଣ ସତ୍‌ଶିକ୍ଷା ପ୍ରଦାନ କରିବେ ।

**ଦୁଇରୁ ପାଞ୍ଚବର୍ଷ ପିଲା** - ବେଳେବେଳେ ମା'-ବାପାଙ୍କର ଅତିରିକ୍ତ ସ୍ନେହ ପିଲାମାନଙ୍କୁ ଏତେ ବିଗାଡ଼ି ଦିଏ ଯେ ସେମାନେ ପ୍ରତ୍ୟେକ କଥାକୁ ଜିଦ୍‌ଧରି ବସନ୍ତି । ଖେଳନାଗୁଡ଼ିକୁ ଏଣେତେଣେ ଫିଙ୍ଗିବା ବା ନୂଆ ଖେଳନା କିଣା ହେବା ଜିଦ୍‌ରେ ପୁରୁଣା ଖେଳନାକୁ ଭାଙ୍ଗି ଘରଦ୍ୱାର ଅସନା କରିଥାନ୍ତି । ଯେତେ ବୁଝାଇଲେ ମଧ୍ୟ ଆଦୌ ବୁଝି ନଥାନ୍ତି । ଯଦି ଆପଣଙ୍କ ପିଲା ଏହିପରି କରୁଥାଏ, ତେବେ ସେ କ୍ଷେତ୍ରରେ ଆପଣ ତାକୁ ବୁଝାଇବା ପରିବର୍ତ୍ତେ ତା ସହିତ ଏକ ନୂଆ ଧରଣର ଖେଳ ଖେଳନ୍ତୁ । ସିଏ ଖେଳନାଗୁଡ଼ିକୁ ଏତେ ତେଣେ ଫିଙ୍ଗୁଥିବା ସମୟରେ ଆପଣ ତାଙ୍କୁ କୁହନ୍ତୁ ଯେ, ତୋତେ ଏତିକି ସମୟ ଦିଆଗଲା ତୁ ସେହି ସମୟ ଭିତରେ ସବୁଯାକ ଖେଳନାକୁ ଗୋଟାଇ ସାଇତି କରି ରଖିଲେ ମୁଁ ତୋତେ ଏଇୟା ଦେବି । ଏହିପରି କରିବା ଦ୍ୱାରା ଆପଣଙ୍କ ପିଲା ଜିନିଷଗୁଡ଼ିକୁ ସାଇତି କରି ରଖାଯାଏ ତାହା ଜାଣିବା ସହିତ କମ୍ ସମୟ ଭିତରେ କିପରି ଅଧିକ କାମ କରାଯାଇ ପାରିବ ତାହା ମଧ୍ୟ ତାର ଅଭ୍ୟାସରେ ପରିଣତ ହୋଇଯିବ ।

**ଛଅରୁ ଆଠ ବର୍ଷର ପିଲା** - ଏହି ବୟସରେ ପିଲାମାନେ ସାଧାରଣତଃ ଚଗଲା ପ୍ରକୃତିର ହୋଇଥାନ୍ତି । ସ୍କୁଲ ଗଲାବେଳେ କାନ୍ଦିବା, ହୋମୱାର୍କ ଠିକ୍ ସମୟରେ ନ କରିବା ଯେପରି ତାଙ୍କର ଏକ ଅଭ୍ୟାସରେ ପରିଣତ ହୋଇଯାଏ । ପାଠପଢ଼ା ଛାଡ଼ି ଟିଭି ଦେଖିବା, କମ୍ପ୍ୟୁଟର କିମ୍ବା ଭିଡ଼ିଓଗେମ୍‌ରେ ଖେଳିବାକୁ ସେମାନେ ଅଧିକ ପସନ୍ଦ କରିଥାନ୍ତି । ତେଣୁ ପିଲାଙ୍କର ଏଭଳି ଅଭ୍ୟାସକୁ ବଦଳାଇବା ପାଇଁ ଆପଣ ସେମାନଙ୍କୁ ଟିଭି, କମ୍ପ୍ୟୁଟର, ଭିଡ଼ିଓଗେମ୍, ଇଣ୍ଟରନେଟ୍, ଆଇପଡ଼, ମୋବାଇଲ ଫୋନ ଭଳି ଇଲେକ୍ଟ୍ରୋନିକ୍ ଜିନିଷ ଗୁଡ଼ିକ ଠାରୁ ଯେତେ ସମ୍ଭବ ଦୂରେଇ ରଖନ୍ତୁ । ପାଠପଢ଼ାର ବୋଝକୁ ହାଲ୍‌କା କରିବା ପାଇଁ ଆପଣ ସେମାନଙ୍କୁ ମଝିରେ ମଝିରେ ବିଜ୍ଞାନମେଳା, ପୁସ୍ତକମେଳା କିମ୍ବା କୌଣସି ଦର୍ଶନୀୟ ସ୍ଥାନକୁ ବୁଲେଇବା ପାଇଁ ନେଇଯାଇପାରିବେ । ଏହାଦ୍ୱାରା ସେମାନଙ୍କର ବୁଲିବା ହୋଇଯିବ ଏବଂ କେତେକ ନୂଆ କଥା ମଧ୍ୟ ଜାଣିପାରିବେ ।

**ଆଠରୁ ଦଶ ବର୍ଷର ପିଲା** - ଏହି ବୟସରେ ଆପଣ ପିଲାଙ୍କୁ ଦାୟିତ୍ୱବାନ କିପରି ହେବା କଥା ସେ ବିଷୟରେ ଶିକ୍ଷା ଦେଇପାରିବେ । ସେଥିପାଇଁ ଆପଣ ସେମାନଙ୍କୁ ଘରର ଛୋଟମୋଟ କାମ ଯେପରିକି ଫ୍ରିଜ୍‌ରେ ପରିବା ରଖିବା, ନିଜ ଡ୍ରେସକୁ ଥାକରେ ଭାଙ୍ଗି ରଖିବା, ବଗିଚାରେ ପାଣି ଦେବା, ପୋଷା ବିଲେଇ ବା କୁକୁରକୁ ଖାଇବା ପାଇଁ ଦେବା, ଝରକା ଓ କବାଟରେ ଲାଗିଥିବା କାଚକୁ ସଫା କରିବା ପାଇଁ କୁହନ୍ତି । ଏହିପରି କରିବା ଦ୍ୱାରା ଆପଣଙ୍କ ଉପରେ ଥିବା କାମର ବୋଝ କିଛି ମାତ୍ରାରେ କମିଯିବା ସହିତ ଆପଣଙ୍କ ପିଲା ମଧ୍ୟ ଦାୟିତ୍ୱବାନ ହୋଇଯିବ ।

**ଦଶରୁ ବାର ବର୍ଷର ପିଲା** - ବୟସ ବଢ଼ିବା ସହିତ ପିଲାଙ୍କର ଦୁଷ୍ଟାମି ମଧ୍ୟ ଧୀରେ ଧୀରେ ବଢ଼ିବାକୁ ଲାଗିଥାଏ । ଦୁଷ୍ଟାମି ଏତେମାତ୍ରାରେ ବଢ଼ିଯାଏ ଯେ, ସାଙ୍ଗସାଥୀ ଭିତରେ ମାଡ଼ଗୋଳ ଲାଗି ମୁଣ୍ଡ ଫଟାଫଟି ହେବା, ବ୍ୟାଟ୍‌ବଲ ଖେଳି କାହା ଘରର ଝରକା କାଚ ଭାଙ୍ଗିବା କିମ୍ବା ଟିଭି ରିମୋଟ୍‌କୁ ଚିପି ଚିପି ଖରାପ କରିବାକୁ ସେମାନଙ୍କୁ ଯେମିତି ଭଲ ଲାଗେ । ତେଣୁ ସେମାନଙ୍କୁ ଏଥିରୁ ବାରଣ କରିବା ପାଇଁ ତାଙ୍କୁ କୌଣସି ଶାରୀରିକ ଦଣ୍ଡ ନଦେଇ ତାଙ୍କ ପକେଟ୍ ମନିରୁ କିଛି କିଛି ପଇସା କାଟି ରଖନ୍ତୁ । ପଇସା କାଟିବା ଦ୍ୱାରା ସେମାନେ ଏ ବିଷୟରେ ବୁଝିପାରିବେ ଏବଂ ପୁନର୍ବାର କୌଣସି ଜିନିଷ ଭାଙ୍ଗିବା ପାଇଁ ଭୟ ମଧ୍ୟ କରିବେ । ଏହିପରି କେତେକ ସାଧାରଣ ଉପାୟ ମାଧ୍ୟମରେ ଆପଣ ନିଜ ପିଲାକୁ ଶୃଙ୍ଖଳିତ ତଥା ମାର୍ଜିତ କରିପାରିବେ।

ନିର୍ଦ୍ଦେଶିକା, ଏସେଲ୍ସ ପବ୍ଲିକ ସ୍କୁଲ, ସିଡିଏ, କଟକ

# ଆତଙ୍କବାଦୀଙ୍କ ସମୂହ ବିନାଶ ଅପରିହାର୍ଯ୍ୟ

ଆଶୁତୋଷ ନାୟକ

"ଇତିହାସର ପୃଷ୍ଠାକୁ ଆଲୋଚନା ଏବଂ ପର୍ଯ୍ୟାଲୋଚନା କଲେ ଏହା ସ୍ପଷ୍ଟ ଭାବେ ପ୍ରତୀୟମାନ ହୁଏ ଯେ ଆମ ଦେବଭୂମି,ପୁଣ୍ୟଭୂମି, ମାତୃଭୂମି ଭାରତ ସର୍ବଦା ଶାନ୍ତିପ୍ରିୟ, ନୀତି, ଆଦର୍ଶ, ନୈତିକତାକୁ ପ୍ରାଧାନ୍ୟ ଦିଏ । ସେଥିପାଇଁ ଆମ ରାଷ୍ଟ୍ର ଶ୍ରେଷ୍ଠ ଓ ମହାନ । ଆମେ ଭାରତବାସୀ ସେଥିପାଇଁ ଗର୍ବିତ । ଆମ ରାଷ୍ଟ୍ର ଭାରତ କୌଣସି ପରିସ୍ଥିତିରେ ଆମର ପଡୋଶୀ ରାଷ୍ଟ୍ରମାନଙ୍କ ସହ ବିଶ୍ୱାସଘାତ କରିନଥାଏ । କିନ୍ତୁ ଚୀନ, ପାକିସ୍ଥାନ, କାନାଡ଼ା ପରି ରାଷ୍ଟ୍ର ନିଜର ସଂକୀର୍ଣ୍ଣ ସ୍ୱାର୍ଥ ସାଧନ ପାଇଁ ଭାରତ ବିରୋଧରେ ଆତଙ୍କବାଦୀଙ୍କ ଦ୍ୱାରା ଷଡଯନ୍ତ୍ର କରୁଛନ୍ତି । ଆତଙ୍କବାଦୀଙ୍କ କ୍ଷମତା ଏବଂ କାୟାବିସ୍ତାର ପାଇଁ ସେମାନଙ୍କୁ ପାଣ୍ଠି ଯୋଗାଉଛନ୍ତି ଏବଂ ଭାରତ ବିରୁଦ୍ଧରେ ବିଭିନ୍ନ ଅସାମାଜିକ କାର୍ଯ୍ୟ, ଦେଶବିରୋଧୀ ଗତିବିଧି ଚାଲୁ ରଖିଛନ୍ତି । ବନ୍ଧୁତ୍ୱ ପରି ପବିତ୍ର ଶବ୍ଦକୁ ଏହିପରି ରାଷ୍ଟ୍ର କଳଙ୍କିତ କରୁଛନ୍ତି ।

ଏକବିଂଶ ଶତାବ୍ଦୀରେ ଆତଙ୍କବାଦ ଏକ ଗମ୍ଭୀର ସମସ୍ୟା ଭାବେ ଦଣ୍ଡାୟମାନ । ବିଶ୍ୱବ୍ୟାପୀ ସମସ୍ୟା ଭାବେ ଏହା ଉଭା ହୋଇଛି । ଅନ୍ତର୍ଜାତୀୟ ଶାନ୍ତି ଏବଂ ନିରାପତ୍ତା ପାଇଁ ଏହା ମୁଖ୍ୟ ପ୍ରତିବନ୍ଧକ । ଆତଙ୍କବାଦୀଙ୍କ ମୁଖ୍ୟ ଲକ୍ଷ୍ୟ ନିଜର ସଂକୀର୍ଣ୍ଣ ସ୍ୱାର୍ଥ ହାସଲ ପାଇଁ ଧ୍ୱଂସର ତାଣ୍ଡବଲୀଳା ରଚିବା ଏବଂ ହିଂସା ମାଧ୍ୟମରେ ବର୍ବରତା ଓ ନିଷ୍ଠୁରତାର ସହ ନିରୀହ ମନୁଷ୍ୟକୁ ହତ୍ୟା କରିବା । ଆତଙ୍କବାଦୀମାନେ ସମଗ୍ର ମାନବ ଜାତି ପାଇଁ କଳଙ୍କ । ସେମାନଙ୍କ ପାଖରେ ମନୁଷ୍ୟତ୍ୱ ନ ଥାଏ । ଆତଙ୍କବାଦୀଙ୍କ ପାଖରେ କୌଣସି ମାନବୀୟ ଗୁଣ ନ ଥାଏ । ଦୟା, କ୍ଷମା, ସହନଶୀଳତା, ସାଧୁତା, ନମ୍ରତା, ଭଳି ମହନୀୟ ଗୁଣ ତାଙ୍କ ପାଖରେ ଆଶା କରିବା ସୈତାନର ବେଦ ପାଠ ସଦୃଶ। ଆତଙ୍କବାଦର ଫରାସୀ ଶବ୍ଦ 'ଟେରୋରିଜମ' ।ଏହାର ଅର୍ଥ ଭୟ ଦେଖାଇବା । ଆତଙ୍କବାଦ ଏକ ପନ୍ଥା ଯାହାଦ୍ୱାରା ଏକ ସଂଗଠିତ ଗୋଷ୍ଠୀ ବା ଦଳ ନିଜର ଲକ୍ଷ୍ୟ ସାଧନ ପାଇଁ ହିଂସାର ପଦ୍ଧତି ଅବଲମ୍ବନ କରନ୍ତି ।

ଆତଙ୍କବାଦୀମାନେ ଜାମ୍ମୁକାଶ୍ମୀରର ପହଲଗାମରେ ଧର୍ମ ପଚାରି କେବଳ ହିନ୍ଦୁମାନଙ୍କୁ ଅତ୍ୟନ୍ତ ନିର୍ମମ ନୃଶଂସ ଭାବରେ ହତ୍ୟା କଲେ ଏହା କୌଣସି ସଭ୍ୟ ସମାଜରେ ଗ୍ରହଣୀୟ ନୁହେଁ।
ଏହା ସମଗ୍ର ମାନବସମାଜ ପାଇଁ କଳଙ୍କିତ ଅଧ୍ୟାୟ ସୃଷ୍ଟି କରିଛି । ଆତଙ୍କବାଦୀମାନେ ଯେପରି ଧର୍ମ ପଚାରି ହିନ୍ଦୁମାନଙ୍କୁ ଟାର୍ଗେଟ କରି ଅତ୍ୟନ୍ତ ନିଷ୍ଠୁର ଭାବେ ବଳପୂର୍ବକ ଗୋଡ଼ାଇ ଗୋଡ଼ାଇ ହତ୍ୟା କଲେ ଏହା ଅତ୍ୟନ୍ତ ହୃଦୟବିଦାରକ ଏବଂ ଅମାନବୀୟ । ପାକିସ୍ତାନ ଦ୍ୱାରା ପ୍ରାୟୋଜିତ ଆତଙ୍କବାଦୀଙ୍କ ମୁଖ୍ୟ ଲକ୍ଷ୍ୟ ଆମ ଦେଶର ବିଭିନ୍ନ ଧର୍ମ ସମ୍ପ୍ରଦାୟ ମଧ୍ୟରେ ବିଭାଜନ ସୃଷ୍ଟି କରିବା ଏବଂ ଆମ ଦେଶର ଅର୍ଥନୀତିକୁ ଦୁର୍ବଳ କରିଦେବା। ବିଧର୍ମୀ ନରପିଶାଚ କାପୁରୁଷ ଆତଙ୍କବାଦୀମାନେ ୨୭ଜଣ ନିରୀହ ପ୍ରଯ୍ୟଟକଙ୍କୁ ଯେପରି ନିର୍ମମ, ବର୍ବର ଭାବରେ ଗୋଡ଼ାଇ ଗୋଡ଼ାଇ ଅମାନବୀୟ ଭାବେ ହତ୍ୟା କଲେ ଏହାର ପ୍ରତିଶୋଧ ଭାରତ ନିଶ୍ଚିତ ଭାବେ ନେବ । ଆତଙ୍କବାଦୀମାନଙ୍କୁ ଆମର ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଚରମବାଣୀ ଶୁଣାଇ ସାରିଛନ୍ତି । ପୃଥିବୀର ଯେକୌଣସି ସ୍ଥାନରେ ଲୁଚିଲେ ମଧ୍ୟ ସେମାନଙ୍କୁ ସମୂହ ବିନାଶ କରାଯିବ ଏବଂ ଅତିଶୀଘ୍ର ଦୃଢ଼ ହସ୍ତରେ ଦମନ କରାଯିବ । ଆତଙ୍କବାଦୀମାନେ ଯେପରି କାପୁରୁଷ ଭାବରେ ରାତ୍ରିର ଅନ୍ଧକାରରେ ଆମ ଦେଶର ସୀମା ଭିତରକୁ ପ୍ରବେଶ କରି ନିରୀହ ବ୍ୟକ୍ତିଙ୍କ ରକ୍ତରେ ହୋଲି ଖେଳିଲେ ଏବଂ ଧ୍ୱଂସର ତାଣ୍ଡବଲୀଳା ରଚିଲେ ଏହାକୁ ଆମ ଦେଶ କେବେବି ବରଦାସ୍ତ କରିବନି । ରକ୍ତର ଜବାବ ରକ୍ତରେ ଦିଆଯିବ ଏଥିରେ ସନ୍ଦେହର କୌଣସି ଅବକାଶ ନାହିଁ ।

ଆତଙ୍କବାଦ ଭାରତ ତଥା ବିଶ୍ୱ ପାଇଁ ପ୍ରମୁଖ ସମସ୍ୟା ଭାବେ ଦଣ୍ଡାୟମାନ । ଆତଙ୍କବାଦ କୌଣସି ଏକ ରାଷ୍ଟ୍ରର ଉନ୍ନତିର ପ୍ରତିବନ୍ଧକ। ଆମ ରାଷ୍ଟ୍ର ଭାରତ ସର୍ବଦା ଶାନ୍ତିପ୍ରିୟ । ଅନ୍ୟ ରାଷ୍ଟ୍ର ପାଇଁ ଭାରତ ପ୍ରେରଣାର ଉତ୍ସ । ବିଶ୍ୱର ଅନେକ ରାଷ୍ଟ୍ର ଭାରତକୁ ଆଦର୍ଶ ମନେକରନ୍ତି । ଆମ ରାଷ୍ଟ୍ର ଭାରତ ଦେବଭୂମି, ପୁଣ୍ୟଭୂମି, ଅନେକ ମହାପୁରୁଷଙ୍କ ଆବିର୍ଭାବ ହୋଇଛି ଏଠାରେ । ରକ୍ତାକ୍ତ ସଂଘର୍ଷକୁ ଭାରତ ନାପସନ୍ଦ କରେ । ଅହିଂସା ଓ ଭ୍ରାତୃତ୍ୱ ଆମ ରାଷ୍ଟ୍ର ଭାରତର ନୀତି ଓ ଆଦର୍ଶ । 'ବସୁଧୈବ କୁଟୁମ୍ବକମ୍ ' ଅର୍ଥାତ ସାରା ବିଶ୍ୱକୁ ଆମେ ନିଜର ପରିବାର ମାନିଥାଉ।

ଇତିହାସର ପୃଷ୍ଠାକୁ ଆଲୋଚନା ଏବଂ ପର୍ଯ୍ୟାଲୋଚନା କଲେ ଏହା ସ୍ପଷ୍ଟ ଭାବେ ପ୍ରତୀୟମାନ ହୁଏ ଯେ ଆମ ମାତୃଭୂମି ଭାରତ ସର୍ବଦା ଶାନ୍ତିପ୍ରିୟ, ନୀତି, ଆଦର୍ଶ, ନୈତିକତାକୁ ପ୍ରାଧାନ୍ୟ ଦିଏ ।ସେଥିପାଇଁ ଆମ ରାଷ୍ଟ୍ର ଶ୍ରେଷ୍ଠ ଓ ମହାନ । ଆମେ ଭାରତବାସୀ ସେଥିପାଇଁ ଗର୍ବିତ।

ଆମ ରାଷ୍ଟ୍ର ଭାରତ କୌଣସି ପରିସ୍ଥିତିରେ ଆମର ପଡୋଶୀ ରାଷ୍ଟ୍ରମାନଙ୍କ ସହ ବିଶ୍ୱାସଘାତ କରିନଥାଏ । କିନ୍ତୁ ଚୀନ, ପାକିସ୍ଥାନ, କାନାଡ଼ା ପରି ରାଷ୍ଟ୍ର ନିଜର ସଂକୀର୍ଣ୍ଣ ସ୍ୱାର୍ଥ ସାଧନ ପାଇଁ ଭାରତ ବିରୋଧରେ ଆତଙ୍କବାଦୀଙ୍କ ଦ୍ୱାରା ଷଡଯନ୍ତ୍ର କରୁଛନ୍ତି । ଆତଙ୍କବାଦୀଙ୍କ କ୍ଷମତା ଏବଂ କାୟାବିସ୍ତାର ପାଇଁ ସେମାନଙ୍କୁ ପାଣ୍ଠି ଯୋଗାଉଛନ୍ତି ଏବଂ ଭାରତ ବିରୋଧରେ ବିଭିନ୍ନ ଅସାମାଜିକ କାର୍ଯ୍ୟ, ଦେଶବିରୋଧୀ ଗତିବିଧି ଚାଲୁରଖିଛନ୍ତି । ବନ୍ଧୁତ୍ୱ ପରି ପବିତ୍ର ଶବ୍ଦକୁ ଏହିପରି ରାଷ୍ଟ୍ର କଳଙ୍କିତ କରୁଛନ୍ତି ।

ଏହିପରି ରାଷ୍ଟ୍ର ଆତଙ୍କୀ ସଂଗଠନମାନଙ୍କୁ ବିପୁଳ ପାଣ୍ଠି ଯୋଗାଉଛି ଯେପରି ଆତଙ୍କବାଦୀ ମାନେ ଆମ ଦେଶରେ ବିପୁଳ କ୍ଷତି ଘଟାଇବେ ଏବଂ ଆମ ଅର୍ଥନୀତିକୁ ଦୁର୍ବଳ କରିବେ । ଏହାହିଁ ସେମାନଙ୍କ ମୁଖ୍ୟ ଲକ୍ଷ୍ୟ।

କ୍ଷମତା ମୋହରେ ଅନ୍ଧ ହୋଇ ପାକିସ୍ଥାନର ମନ୍ତ୍ରିମଣ୍ଡଳ, ଶାସନ ବ୍ୟବସ୍ଥା, ସରକାର ସମସ୍ତେ ନିଜ ସେନାର ଗୁଲାମୀ କରିଥାନ୍ତି । ପ୍ରକୃତ କ୍ଷମତା ପାକିସ୍ଥାନର ସେନା ହାତରେ ରହିଥାଏ । ରିମୋଟ କଂଟ୍ରୋଲ ସେନା ହାତରେ ରହିଥାଏ । ସେନାର ଇସାରାରେ ସବୁକିଛି ହୋଇଥାଏ ପାକିସ୍ଥାନରେ । ପାକିସ୍ଥାନ ସରକାର ନିଜ ସେନାର ପ୍ରରୋଚନାରେ ଆତଙ୍କବାଦୀଙ୍କୁ ନିଜ ଦେଶରେ ପ୍ରଶ୍ରୟ ଦିଏ ଏବଂ ତାଙ୍କର ହର୍ତ୍ତା କର୍ତ୍ତା ଦୈବବିଧାତା ସାଜିଥାଏ । ବଡ଼ ବଡ଼ ପ୍ରମୁଖ ଆତଙ୍କବାଦୀ ସଂଗଠନ ପାଇଁ ବିଶ୍ୱଦରବାରରେ ଓକିଲାତି କରେ ପାକିସ୍ଥାନ । ଏହା ଆମ ପଡୋଶୀ ରାଷ୍ଟ୍ର ପାକିସ୍ଥାନର ଅସଲ ଚରିତ୍ର । ମୁମ୍ବାଇ ଆକ୍ରମଣରେ ଧରାପଡିଥିବା ମୁଖ୍ୟ ଖଳନାୟକ କସାବକୁ ଭାରତ ସରକାର ଫାଶୀ ଖୁଣ୍ଟରେ ଝୁଲାଇ ଦେଇଥିଲେ ।

ପୁଲୱାମାରେ ହୋଇଥିବା ଆତ୍ମଘାତୀ ବିସ୍ଫୋରଣରେ ୪୦ରୁ ଅଧିକ ଆମ ଦେଶର ଲଢୁଆ ସାହସୀ ବୀର ଯବାନ ସହିଦ ହୋଇଥିଲେ । ଏହାର ପ୍ରତିଶୋଧ ସ୍ୱରୂପ ଭାରତୀୟ ବାୟୁସେନା ଆତଙ୍କବାଦୀଙ୍କ ଉପରେ ସର୍ଜିକାଲ ଷ୍ଟ୍ରାଇକ କରି ୧୪୦କୋଟି ଭାରତୀୟଙ୍କ ଦୁଃଖ ଓ କ୍ରୋଧ ଜର୍ଜରିତ ହୃଦୟରେ ଆନନ୍ଦର ଲହରୀ ସୃଷ୍ଟି କରିଥିଲେ । ' ସେଣ୍ଟର ଫର୍ ରିସର୍ଚ୍ଚ ଷ୍ଟଡି' ପାକିସ୍ଥାନ ପକ୍ଷରୁ ଆସିଥିବା ରିପୋର୍ଟ ଅନୁସାରେ ଆତଙ୍କବାଦୀଙ୍କ ପୃଷ୍ଠପୋଷକତା ଓ ହର୍ତ୍ତାକର୍ତ୍ତା ସାଜିଥିବା ପାକିସ୍ଥାନରେ ଆତଙ୍କବାଦୀଙ୍କ ଆକ୍ରମଣ ଅଧିକ ନିରୀହ ବ୍ୟକ୍ତିଙ୍କ ଜୀବନ ପ୍ରଦୀପ ଲିଭିଯାଇଛି । ଭାରତ ସରକାରଙ୍କ ତଥ୍ୟ ଅନୁସାରେ ୧୯୭୦ରୁ ୨୦୧୫ ମଧ୍ୟରେ ଭାରତରେ ୯୯୮୨ଟି ଆତଙ୍କବାଦୀ ହମଲା ହୋଇଥିଲା ବେଳେ, ୧୮,୮୪୨ରୁ ଊର୍ଦ୍ଧ୍ୱ ନିରୀହ ଜନତାଙ୍କ ମୃତ୍ୟୁ ହୋଇଥିଲା । ୨୦୧୬ସେପ୍ଟେମ୍ବର୧୮ରେ କାଶ୍ମୀରର ଉରୀରେ ସବୁଠୁ ଭୟାନକ ହମଲା ହୋଇଥିବା ବେଳେ ଆମ ଦେଶର ୧୯ଜଣ ସାହସୀ ବୀର ଯବାନ ସହିଦ ହୋଇଥିଲେ । ୨୦୧୯ ଫେବୃଆରୀ୧୪ରେ ବିଶ୍ୱ ଭାଲେଣ୍ଟାଇନସ ଦିବସ ପାଳୁଥିବା ବେଳେ ଆମ ଦେଶର ବୀର ଯବାନ ୪୨ଜଣ ସହିଦ ହୋଇଥିଲେ ।

ପାକିସ୍ଥାନ ଓ କାନାଡ଼ା ଭଳି କିଛି ରାଷ୍ଟ୍ର ନିଜର ରାଜନୈତିକ ସ୍ୱାର୍ଥ ପାଇଁ ଆତଙ୍କବାଦୀମାନଙ୍କୁ ନିଜ ଦେଶରେ ପ୍ରଶୟ ଦେଉଛନ୍ତି । ଆତଙ୍କବାଦୀ ମାନଙ୍କୁ ନିଜ ଦେଶରେ ପ୍ରଶ୍ରୟ ଦେବା ଅର୍ଥ ବିଷଧର ସର୍ପକୁ ଦଂଶନ ପାଇଁ ଆମନ୍ତ୍ରଣ କରିବା ସଦୃଶ । ଭସ୍ମାସୁର ପରି ପରିସ୍ଥିତି ସୃଷ୍ଟି ହେବ, ରକ୍ଷା କରିବା ପାଇଁ କେହିନଥିବେ ।

ଭାରତରେ କ୍ରମାଗତ ଭାବେ ହେଉଥିବା ଆତଙ୍କବାଦୀ ଆକ୍ରମଣକୁ ପ୍ରତିରୋଧ କରିବା ପାଇଁ ଏକ ସୁଚିନ୍ତିତ ରଣନୀତି ଭାରତୀୟ ସେନା ଦ୍ୱାରା ପ୍ରସ୍ତୁତ କରାଯାଇଥିଲା । ଏହାର ମୁଖ୍ୟ କାରଣ ଥିଲା ଆତଙ୍କବାଦୀଙ୍କ ଉରି ଆକ୍ରମଣ ଘଟଣା ।୨୦୧୬ମସିହା ୧୮ସେପ୍ଟେମ୍ବରେ ବିଳମ୍ବିତ ରାତିରେ ଉରି ଉତ୍ତର କାଶ୍ମୀରର ବାରମୂଲା ଜିଲ୍ଲାରେ ଭାରତୀୟ ଯବାନଙ୍କ ସେନା ଶିବିର ଉପରେ ଆତ୍ମଘାତୀ ଆକ୍ରମଣ କରିଥିଲେ ପାକିସ୍ଥାନର ଆତଙ୍କବାଦୀ । ପିଶାଚ ଆତଙ୍କବାଦୀମାନେ ନିଦରେ ଶୋଇଥିବା ଭାରତୀୟ ଯବାନଙ୍କୁ ହତ୍ୟା କରିଥିଲେ । ଏହି ଆକ୍ରମଣର ପ୍ରତିଶୋଧ ନେବା ପାଇଁ ଭାରତୀୟ ସେନା ନିଜର ରଣକୌଶଳ ପ୍ରସ୍ତୁତ କରିଥିଲା ଯେତେବେଳେ ଆମର ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଆହ୍ୱାନ ଦେଇଥିଲେ ଏବଂ କହିଥିଲେ ବ୍ୟର୍ଥ ଯିବନି ଆମର ବୀର ଯବାନଙ୍କ ବଳିଦାନ ।

ଶତ୍ରୁପକ୍ଷ ସୀମାରେ ପଶି ନିର୍ଦ୍ଦିଷ୍ଟ ଅଞ୍ଚଳରେ ସାମରିକ କାର୍ଯ୍ୟାନୁଷ୍ଠାନ ହେଉଛି ସର୍ଜିକାଲ ଷ୍ଟ୍ରାଇକ । ଏହି ପଦ୍ଧତିରେ ସର୍ବଦା ଇସ୍ରାଏଲ ପରି ରାଷ୍ଟ୍ର ନିଜ ଶତ୍ରୁକୁ ଦମନ କରିଥାଏ । ୨୦୧୬ମସିହା ସେପ୍ଟେମ୍ବର୨୪ ତାରିଖରେ ପ୍ରଥମ ସର୍ଜିକାଲ ଷ୍ଟ୍ରାଇକ ପାଇଁ ରଣନୀତି ରଚିଥିଲା ଆମ ଭାରତୀୟ ସେନା । ଆଉ ସେତେବେଳେ ପାକିସ୍ଥାନ ଅଧିକୃତ କାଶ୍ମୀରରେ ଥିବା ଆତଙ୍କୀ ଶିବିରକୁ ସଂପୂର୍ଣ୍ଣ ଧ୍ୱଂସ କରିବାକୁ ଭାରତର ଘାତକ କମାଣ୍ଡୋମାନେ ୨୦୧୬ମସିହା ସେପ୍ଟେମ୍ବର ୨୮ଏବଂ ୨୯ ମଧ୍ୟରାତ୍ରିରେ କରିଥିଲେ ଭୟଙ୍କର ଆକ୍ରମଣ ।

ଆଖିପିଛୁଳାକେ ଆତଙ୍କୀ ଶିବିରକୁ ଧ୍ୱଂସ କରିଦେଇଥିଲେ ଆମ ଭାରତୀୟ ସେନା ଏବଂ ଏହି ଅପେରସନରେ ଅନେକ ଆତଙ୍କବାଦୀ ମୃତାହତ ହୋଇଥିଲେ । ସାରା ବିଶ୍ୱ ଦେଖିଥିଲା ଭାରତର ସାମରିକ ଶକ୍ତି । ରକ୍ତର ପ୍ରତିଶୋଧ ରକ୍ତରେ ନେଇଥିଲେ ଆମ ଦେଶର ଲଢୁଆ ବୀର ସାହସୀ ଯବାନ। ସର୍ବଦା ଶାନ୍ତିରେ ବିଶ୍ୱାସ ରଖୁଥିବା ଭାରତକୁ ଉସୁକାଇଥିଲେ ଆତଙ୍କବାଦୀମାନେ । ଅନେକ ଆତଙ୍କୀ ଶିବିର ନିଜର ଅସ୍ତିତ୍ୱ ହରାଇଥିଲା । ଭାରତର ଲଢୁଆ ବୀର ଯବାନଙ୍କ ପ୍ରତିରୋଧ କରିବାର ସାମର୍ଥ କାପୁରୁଷ ଆତଙ୍କବାଦୀଙ୍କର ନଥିଲା । ପାଖାପାଖି ୩ଘଣ୍ଟାର ସର୍ଜିକାଲ ଷ୍ଟ୍ରାଇକ ପରେ ପାକିସ୍ତାନ ଅଧିକୃତ କାଶ୍ମୀରର ବହୁ ଆତଙ୍କୀ ଶିବିର ଜଳିପୋଡି ପାଉଁଶ ହୋଇଯାଇଥିଲା । ଭାରତୀୟ ଯବାନଙ୍କ ବୀରତ୍ୱର ଅମର ଗାଥା ଇତିହାସରେ ତାହା ଲିପିବଦ୍ଧ ହୋଇ ରହିବ ।

୩୨ମାସ ଭିତରେ ଜମ୍ମୁ ଅଞ୍ଚଳରେ ସହିଦ ହୋଇଥିବା ଯବାନଙ୍କ ସଂଖ୍ୟା ୪୮କୁ ବୃଦ୍ଧି ପାଇଛି । ଆମ ଦେଶର ଲଢୁଆ ବୀର ସାହସୀ ଯବାନଙ୍କ ବଳିଦାନ ଯେପରି ବ୍ୟର୍ଥ ନ ଯାଉ ସେଥିପାଇଁ ଆତଙ୍କବାଦୀଙ୍କୁ ଦୃଢ଼ ହସ୍ତରେ ଦମନ କରିବାକୁ ପଡ଼ିବ ଏବଂ ଆଉ ଥରେ ସର୍ଜିକାଲ ଷ୍ଟ୍ରାଇକ ପରି ବଡ଼ ଅପେରସନ କରିବାକୁ ପଡ଼ିବ । ଏହା ହୋଇପାରିଲେ ଆମର ସହିଦ ଯବାନଙ୍କ ପାଇଁ ହେବ ଶ୍ରେଷ୍ଠ ଶ୍ରଦ୍ଧାଞ୍ଜଳି ।

ମୋ-୭୦୨୦୬୧୧୩୦

# ରକ୍ତଦାନ : ଶ୍ରେଷ୍ଠତମ ସମର୍ପଣ ଓ ନିଃସ୍ୱାର୍ଥପର ପୁଣ୍ୟ

ଡକ୍ଟର ସୁରେଶ କୁମାର ନାୟକ

"ରକ୍ତଦାନ ମହତ ଦାନ । ରକ୍ତଦାନର ବିଶେଷତ୍ୱ ନେଇ ଏହା ଉପରେ ଗବେଷଣାତ୍ମକ ଭାବରେ କୁହାଯାଇଛି - ଜଣେ ପୁରୁଷ ଶରୀରରେ ଏକ କେଜିରେ ୭୬ ମି.ଲି. ଓ ମହିଳା ଶରୀରରେ ୬୬ ମି.ଲି. ରକ୍ତ ରହିଛି । ଶରୀରରେ ୫୦ ମି.ଲି. ରକ୍ତର ଆବଶ୍ୟକ ହୋଇଥାଏ । ଅବଶିଷ୍ଟ ରକ୍ତକୁ ବଳକା ରକ୍ତ କୁହାଯାଏ । ଏଣୁ ଉକ୍ତ ରକ୍ତକୁ ଦାନ କଲେ ତାହା କାର୍ଯ୍ୟରେ ଆସିଥାଏ । ଆହୁରି ଡାକ୍ତରଙ୍କ ପରାମର୍ଶ ଅନୁସାରେ କୁହାଯାଇପାରେ ଯେ ରକ୍ତଦାନ କଲେ ଅସ୍ଥିମଜ୍ଜା ସକ୍ରିୟ ହୁଏ । ଦେହ ସୁସ୍ଥ ଓ କର୍ମଠ ରୁହେ । ଦେହରୁ ଚର୍ବିଅଂଶ କମିଯାଏ । ହୃଦ୍‌ରୋଗ ଦୂର ହୁଏ ଓ ଶର୍କରାଜାତୀୟ ଅଂଶ ସନ୍ତୁଳିତ ହୋଇଥାଏ। ଏହି ସବୁକୁ ବିଚାରକୁ ନେଇ ଜାତୀୟ ରକ୍ତ ସଞ୍ଚାଳନ ପରିଷଦ ନାମରେ ଏକ ସୋସାଇଟି ଗଠନ କରାଯାଇ ଏହିସବୁ ବିଷୟରେ ବିଶଦ ଆଲୋଚନା କରାଯାଇ ଜନସଚେତନତା ସୃଷ୍ଟି କରାଯାଏ ।

ରକ୍ତ ଏବଂ ରକ୍ତର ବିଭିନ୍ନ ଉପାଦାନ ପ୍ରତିବର୍ଷ କୋଟି କୋଟି ଲୋକଙ୍କ ଜୀବନ ରକ୍ଷା କରେ। ଜୀବନଘାତକ ରୋଗଗୁଡ଼ିକରେ ପୀଡ଼ିତ ରୋଗୀମାନଙ୍କର ଜୀବନକୁ ଏହା ଦୀର୍ଘ କରିବା ସହ ସେମାନଙ୍କ ଜୀବନର ମାନ ବୃଦ୍ଧି କରେ। ଏହାଛଡ଼ା ଜଟିଳ ଚିକିତ୍ସା ଏବଂ ଅସ୍ତ୍ରୋପଚାର କାର୍ଯ୍ୟରେ ଏହା ସହଯୋଗ ଦିଏ। ଏହା ସନ୍ତାନ ପ୍ରସବ ଏବଂ ପ୍ରସବ ପରବର୍ତ୍ତୀ ସମୟରେ ଜୀବନ ରକ୍ଷକର ଭୂମିକା ଗ୍ରହଣ କରେ। ପ୍ରସବ ଏବଂ ପ୍ରସବ ପରବର୍ତ୍ତୀ ଅବସ୍ଥାରେ ଅଧିକ ରକ୍ତସ୍ରାବ ହେତୁ ଘଟୁଥିବା ମୃତ୍ୟୁ ଏବଂ ଅନ୍ୟାନ୍ୟ ସ୍ୱାସ୍ଥ୍ୟ ସମସ୍ୟାରୁ ଏହା ମୁକ୍ତି ଦେଇ ଜୀବନ ରକ୍ଷା କରିଥାଏ। ତେବେ ବିଭିନ୍ନ ଦେଶରେ ନିରାପଦ ରକ୍ତର ଅଭାବ ଥିବା ହେତୁ ରକ୍ତଦାନ ସେବା ନାନା ପ୍ରକାର ସମସ୍ୟାକୁ ସାମ୍ନା କରେ। ଏପରିକି ଅନେକ ସମୟରେ ରକ୍ତର ମାନକୁ ଖୁବ୍ ଗୁରୁତ୍ୱ ଦିଆଯାଇ ପାରେ ନାହିଁ। ତେବେ ନିୟମିତ ସ୍ୱେଚ୍ଛାକୃତ ମାଗଣା ରକ୍ତଦାନ ଦ୍ୱାରା ଏହି ରକ୍ତାଭାବକୁ ଦୂରେଇ ଦିଆଯାଇପାରିବ।

ଏ ଜୀବନରେ ଶ୍ରେଷ୍ଠତମ ସମର୍ପଣ ଓ ନିଃସ୍ୱାର୍ଥପର ପୁଣ୍ୟ ବୋଇଲେ ରକ୍ତଦାନକୁ ବୁଝାଏ। ରକ୍ତଦାନ ଦ୍ୱାରା ଜଣେ ପ୍ରଥମତଃ ସେବା ମହକତା ଅନୁଭବ କରିପାରେ ଦ୍ୱିତୀୟତଃ ଅନ୍ୟ ଜଣଙ୍କ ଜୀବନ ବଞ୍ଚାଇ ଆତ୍ମ ସନ୍ତୋଷ ପାଇପାରିଥାଏ। ସେହିପରି ରକ୍ତ ଦେବା ଦ୍ୱାରା ଶରୀର ମଧ୍ୟ ବେଗବାନ ଓ ତେଜୀୟାନ ହୋଇପାରିଥାଏ। ଯେ କେହି ୧୮ରୁ ୧୬ ବର୍ଷ ବୟସର ହୋଇଥିଲେ ଏବଂ ଓଜନ ୪୫ କି.ଗ୍ରା.ରୁ ବା ତାଠାରୁ ଅଧିକ ଥିଲେ ସେ ରକ୍ତଦାନ କରିପାରିବେ। ପଲ୍‌ସ ରେଟ୍ (ନାଡ଼ିର ସ୍ପନ୍ଦନ) ଓ ବିପି ଉଭୟ ଠିକ୍ ଥିଲେ ଓ ହିମୋଗ୍ଲୋବିନ (ଏଚ୍‌ବି) ଅତି କମ୍‌ରେ ୧୨.୫ ଥିବା ଦରକାର । ଏହାର ପରବର୍ତ୍ତୀ ରକ୍ତଦାନ ଅତି କମ୍‌ରେ ୩ ମାସ ପୂର୍ବରୁ ହୋଇଥିବ। ଏହିମାନେ ହିଁ ରକ୍ତଦାନ କରିପାରିବେ। ଯଦି କୌଣସି ବ୍ୟକ୍ତି ବିପଜ୍ଜନକ ରୋଗରେ ଆକ୍ରାନ୍ତ ନ ହୋଇ ଅନ୍ୟ ସାଧାରଣ ରୋଗ ପାଇଁ ଚିକିତ୍ସିତ ହେଉଥିବେ ତେବେ ସେ ରକ୍ତଦାନ କରିପାରନ୍ତି ।

ଖରାଦିନେ ବିଶେଷକରି ରକ୍ତଦାନ ଶିବିର ଅତି କମ୍ ହୋଇଥାଏ। କାରଣ ଲୋକମାନଙ୍କ ଭିତରେ ଏହି ତୀକ୍ଷ୍ଣ ଖରାକୁ ନେଇ ଅଜଣା ଭୟ ରହିଥାଏ। ତେବେ ବାସ୍ତବ କଥା ହେଉଛି ବର୍ଷର ସବୁ ସମୟରେ ଯେ କେହି ରକ୍ତଦାନ କରିପାରିବେ। ବର୍ଷର ବିଭିନ୍ନ ସ୍ୱତନ୍ତ୍ର ଦିବସ ତଥା ଅନେକ ଲୋକ ସ୍ୱତନ୍ତ୍ର କାର୍ଯ୍ୟକ୍ରମରେ ରକ୍ତଦାନ ଶିବିର ଆୟୋଜନ କରୁଛନ୍ତି।

ରକ୍ତଦାନ ମହତ ଦାନ । ରକ୍ତଦାନର ବିଶେଷତ୍ୱ ନେଇ ଏହା ଉପରେ ଗବେଷଣାତ୍ମକ ଭାବରେ କୁହାଯାଇଛି - ଜଣେ ପୁରୁଷ ଶରୀରରେ ଏକ କେଜିରେ ୭୬ ମି.ଲି. ଓ ମହିଳା ଶରୀରରେ ୬୬ ମି.ଲି. ରକ୍ତ ରହିଛି । ଶରୀରରେ ୫୦ ମି.ଲି. ରକ୍ତର ଆବଶ୍ୟକ ହୋଇଥାଏ । ଅବଶିଷ୍ଟ ରକ୍ତକୁ ବଳକା ରକ୍ତ କୁହାଯାଏ । ଏଣୁ ଉକ୍ତ ରକ୍ତକୁ ଦାନ କଲେ ତାହା କାର୍ଯ୍ୟରେ ଆସିଥାଏ । ଆହୁରି ଡାକ୍ତରଙ୍କ ପରାମର୍ଶ ଅନୁସାରେ କୁହାଯାଇପାରେ ଯେ ରକ୍ତଦାନ କଲେ ଅସ୍ଥିମଜ୍ଜା ସକ୍ରିୟ ହୁଏ । ଦେହ ସୁସ୍ଥ ଓ କର୍ମଠ ରୁହେ । ଦେହରୁ ଚର୍ବିଅଂଶ କମିଯାଏ । ହୃଦ୍‌ରୋଗ ଦୂର ହୁଏ ଓ ଶର୍କରାଜାତୀୟ ଅଂଶ ସନ୍ତୁଳିତ ହୋଇଥାଏ। ଏହି ସବୁକୁ ବିଚାରକୁ ନେଇ ଜାତୀୟ ରକ୍ତ ସଞ୍ଚାଳନ ପରିଷଦ ନାମରେ ଏକ ସୋସାଇଟି ଗଠନ କରାଯାଇ ଏହିସବୁ ବିଷୟରେ ବିଶଦ ଆଲୋଚନା କରାଯାଇ ଜନସଚେତନତା ସୃଷ୍ଟି କରାଯାଏ । ସମଗ୍ର ଭାରତରେ ୧୨୦ଲକ୍ଷ ୟୁନିଟ ରକ୍ତ ଆବଶ୍ୟକତା ହେଉଥିବାବେଳେ ସଂଗ୍ରହ ହୋଇଥିବା ୯୦ଲକ୍ଷ ୟୁନିଟ। ଶରୀରତତ୍ତ୍ୱ ଅନୁସାରେ କୋଷ ବା ଟିସୁ ପର୍ଯ୍ୟନ୍ତ ଅମ୍ଳଜାନ ପହଞ୍ଚାଇବାରେ ରକ୍ତର ଭୂମିକା ଗୁରୁତ୍ୱପୂର୍ଣ୍ଣ। ଅନେକ ହୁଏତ ଜାଣିନଥାନ୍ତି ରକ୍ତରେ ଥିବା ହ୍ୱାଇଟ ବ୍ଲଡ ସେଲରେ ରହିଥିବା ଆଣ୍ଟିବାୟୋଟିକ ଶରୀରକୁ ପାର୍ଶ୍ୱପ୍ରତିକ୍ରିୟାରୁ ରକ୍ଷା କରିଥାଏ। ୧୮ରୁ ୬୦ ବର୍ଷ ପର୍ଯ୍ୟନ୍ତ ଲୋକମାନେ ରକ୍ତଦାନ କରିପାରିବେ। ପ୍ରଥମଥର ଓ ଦ୍ୱିତୀୟ ଥର ରକ୍ତଦାନର ବ୍ୟବଧାନ ହେଉଛି ତିନିମାସ। ସେହିପରି ରକ୍ତଦାନ କରୁଥିବା ଲୋକର ଓଜନ ଷାଠିଏ କେଜି ହୋଇଥିବା ଦରକାର। କାରଣ ଅତିକମ୍‌ରେ ରକ୍ତଦାନରେ ୩୫୦ ଏମ୍‌ଏଲ ନିଆଯାଇଥାଏ। ଷାଠିଏ କିଲୋରୁ ଅଧିକ ଓଜନ ହୋଇଥିଲେ ୪୫୦ ଏମଏଲ ରକ୍ତ ନିଆଯାଇପାରେ। ଆଉ ଗୋଟିଏ କଥା ହେଲା ଏଚ୍‌ଆଇଭି ପଜିଟିଭ ବ୍ୟକ୍ତି, ଗର୍ଭବତୀ, ପିଲାଙ୍କୁ କ୍ଷୀର ଦେଉଥିବା ମାଆ, ମାସିକ ଋତୁକାଳୀନ ସମୟ ଲଗାତାର ଲାଗି ରହୁଥିବା ଜ୍ୱର ଆକ୍ରାନ୍ତ ରୋଗୀ, ଉଚ୍ଚରକ୍ତଚାପ, ହୃଦରୋଗ, ହେପାଟାଇଟିସ୍ ବି, ସି, ଟିବି ରୋଗୀମାନେ ଏବଂ ଭାଇରାଲ ସଂକ୍ରମଣ ଆକ୍ରାନ୍ତ ବ୍ୟକ୍ତିମାନେ ରକ୍ତଦାନ କରିପାରିବେ ନାହିଁ।

ରକ୍ତର ପାଖାପାଖି ୩୪ଟି ବ୍ଲଡ଼ ଗ୍ରୁପ ପ୍ରକାର ଭେଦ ଭିତରେ ଏବି ଓ ସିଷ୍ଟମ ଓ ଆରଏନ୍ ଟାଇପିଂ ସବୁଠାରୁ ବେଶି ପ୍ରଚଳିତ। ଅନେକ ହୁଏତ ଜାଣିନଥାନ୍ତି ରକ୍ତଦାନ ଦ୍ୱାରା ଶରୀରରେ କୌଣସି କ୍ଷତି ହୋଇନଥାଏ। କେହି କେହି ଭାବିଥାନ୍ତି କିଛି ଦୁର୍ବଳତା ଲାଗିଥାଏ କିନ୍ତୁ ଏହା ହେଉଛି କିଛି ଘଣ୍ଟାର ସମସ୍ୟା ବରଂ ରକ୍ତଦାନ ଦ୍ୱାରା କ୍ଷତି ନ ହୋଇ ଅଧିକ ଲାଭ ହୋଇଥାଏ ଯେପରି ସୁସ୍ଥ ଶରୀର ପାଇଁ ଆଇରନ ଜରୁରୀ ଯାହାକି ବିଭିନ୍ନ ଅଙ୍ଗରେ ଅକ୍ସିଜେନ୍ ପହଞ୍ଚାଏ। ରକ୍ତଦାନ ଦ୍ୱାରା ଆଇରନର ମାତ୍ରା ବଢ଼ି ରକ୍ତଦାତାଙ୍କୁ ସୁସ୍ଥ ରଖିବା ସହ କର୍ମ ଚଞ୍ଚଳ କରାଇଥାଏ।

ସଂପ୍ରତି ପ୍ରଚଣ୍ଡ ଗ୍ରୀଷ୍ମତାପ ଦେଖା ଦେଇଥିବାବେଳେ ପ୍ରାୟତଃ ଖରାଦିନେ ବିଭିନ୍ନ ରକ୍ତଭଣ୍ଡାରରେ ରକ୍ତ କମିଯାଏ। ଫଳରେ ଗୁରୁତର, ମୁମୂର୍ଷୁ, ନିୟମିତ ରକ୍ତ ନେଉଥିବା ସିକିଲସେଲ ରୋଗୀମାନେ ଅନେକ ଅସୁବିଧାର ସମ୍ମୁଖୀନ ହୋଇଥାନ୍ତି।

ବାସ୍ତବରେ ରକ୍ତଦାନକୁ ନେଇ ଅନେକଙ୍କ ଭିତରେ ଅନେକ ଭ୍ରାନ୍ତି ଓ ଭୁଲ ବୁଝାମଣା ଥାଏ। ରକ୍ତଦାନ ଏକ ଶ୍ରେଷ୍ଠ ସେବା ଏବଂ ଯେଉଁମାନଙ୍କ ରକ୍ତରୁ ପ୍ଲାଜମା ବା ପ୍ଲାଟଲେକ୍ସ ନିଆଯାଇଛି ଯାଞ୍ଚ ପରେ ସବୁକିଛି ସାଧାରଣ ଥିଲେ ସେ ୭/୧୦ ଦିନ ପରେ ପୁଣି ରକ୍ତ ଦେଇପାରିବେ । ଯେଉଁମାନଙ୍କର ଓଜନ ୬୦ କେଜିରୁ କମ୍ ସେମାନେ ଥରକେ ସାଢ଼େ ୩୦୦ ମିଲିଲିଟର ରକ୍ତ ଦେଇପାରିବେ । ଓଜନ ୬୦ କେଜିରୁ ଅଧିକ ହେଲେ ସାଢ଼େ ୪୦୦ ମିଲିଲିଟର ରକ୍ତ ଦେଇପାରିବେ । ଆପଣ ଯେଉଁ ରକ୍ତଦାନ କରୁଛନ୍ତି ତାହାକୁ ଶରୀର ୨୧ ଦିନ ଭିତରେ ପୁନର୍ବାର ପ୍ରସ୍ତୁତ କରିପାରିବ । ପଇସା ବଦଳରେ ରକ୍ତ ମିଳେ ନାହିଁ, ରକ୍ତ ବଦଳରେ ରକ୍ତ ମିଳେ ବ୍ଲଡ଼ ବ୍ୟାଙ୍କରୁ । ଯଥାର୍ଥରେ କୁହାଯାଏ ରକ୍ତ ଦାନ ହେଉଛି ଜୀବନର ଶ୍ରେଷ୍ଠ ଦାନ। ରକ୍ତଦାନ ଜୀବନ ଦାନ ଏହି ମହାମନ୍ତ୍ରକୁ ଆପଣାଇ ଜୀବନରେ ରକ୍ତଦାନ ପରି ସେବା ଧର୍ମରେ ନିୟୋଜିତ ରହିବା ଯଥାର୍ଥରେ ମାନବୀୟ ମୂଲ୍ୟବୋଧର ପରିପ୍ରକାଶ ହୋଇଥାଏ ।

କଟକ,
ମୋ : ୯୪୩୭୨୨୫୫୯୨

26.04.2025.pmd 1 4/25/2025, 5:10 PM

## ପଞ୍ଚ ପଞ୍ଚମାଳି ନାଟ୍ୟ ମହୋତ୍ସବ
## ଅଷ୍ଟମ ସନ୍ଧ୍ୟାରେ 'ଅନ୍ଧାର' ଓ 'ତୃଷ୍ଣା 'ମଞ୍ଚସ୍ଥ

ଦାମନଯୋଡି, ୨୫/୪(ନିପ୍ର): ନାଲକୋ ଦାମନଯୋଡି ସେକ୍ଟର ଏକ ମୁକ୍ତ ରଙ୍ଗମଞ୍ଚରେ ଚାଲିଥିବା କ୍ଷୁଦ୍ର ନାଟକ ପ୍ରତିଯୋଗିତା ୧୯ତମ ପଞ୍ଚ ପଞ୍ଚମାଳି ନାଟ୍ୟ ମହୋତ୍ସବର ଅଷ୍ଟମ ସନ୍ଧ୍ୟାରେ ବିମଳ ନାଟ୍ୟ ସଂସଦ ରାଣ୍ଡିଆ ଭଦ୍ରକର 'ତୃଷ୍ଣା'ଏବଂ ତ୍ରିଧାରା ନାଟ୍ୟ ସଂସଦ ନବରଙ୍ଗପୁର ର ନାଟକ 'ଅନ୍ଧାର' ମଞ୍ଚସ୍ଥ ହୋଇଯାଇଛି । 'ଯୌନ ତୃଷ୍ଣା ନ ମେଣ୍ଟିଲେ ଅନେକ ତଟିନୀଙ୍କ ଜୀବନ ଦୀପ ଲିଭିଯାଏ' ଏଭଳି କାହାଣୀକୁ ନେଇ ନାଟକ ତୃଷ୍ଣା ଗତିଶୀଳ । ଏହାକୁ ଗୌରାଙ୍ଗ ଚନ୍ଦ୍ର ବାରିକ ନିର୍ଦ୍ଦେଶନା ଦେଇଥିବା ବେଳେ ରାଜକୁମାରଙ୍କ ସଙ୍ଗୀତ ଓ ନୃତ୍ୟ ନିର୍ଦ୍ଦେଶନା ଦେଇଛନ୍ତି ନାରାୟଣ ଚନ୍ଦ୍ର ସାହୁ । ସେହିପରି ନାଟକ ଅନ୍ଧାର ନାଟକର କାହାଣୀ ମିଳନର ଆଲୋକ ନା ବିଚ୍ଛେଦର ଅନ୍ଧାର, ଏଭଳି ଏକ ଦୁର୍ଦ୍ଦିନରେ ଜଣେ ନିର୍ଭୀକ ସାମ୍ବାଦିକ ର ଭୂମିକା କ'ଣ, ଷ୍ଟିଂ ଅପରେସନ ନା ହାତ ଗୁଞ୍ଜା ଏଭଳି ବିଷୟକୁ ନେଇ କାହାଣୀ ଗତିଶୀଳ ।

ନାଟ୍ୟକାର ଓ ନିର୍ଦ୍ଦେଶକ ଜଗନ୍ନାଥ ବେହେରାଙ୍କ କାହାଣୀକୁ ସଙ୍ଗୀତରେ ସଜାଇଛନ୍ତି ଅମର ମହାନ୍ତି, ଆନନ୍ଦ ଦାସ । କାର୍ଯ୍ୟକ୍ରମ ଆରମ୍ଭ ରେ କାର୍ଯ୍ୟନିର୍ବାହୀ ନିର୍ଦ୍ଦେଶକ ଆଶୁତୋଷ ରଥ ମୁଖ୍ୟ ଅତିଥି ଭାବେ ଯୋଗ ଦେଇ ଦୀପ ପ୍ରଜ୍ଵଳନ କରିଥିଲା ବେଳେ ଚିତ୍ତରଞ୍ଜନ ଦାଶ ଏବଂ ନିର୍ମଳ ରାଉତ ମଞ୍ଚ ପରିଚାଳନା କରିଥିଲେ । ଥିଲେ ।

## ଅଂଶୁଘାତରେ ଶ୍ରମିକଙ୍କ ମୃତ୍ୟୁ ଅଭିଯୋଗ

ରଣପୁର, ୨୫।୪ (ନିପ୍ର): ରଣପୁର ବିଜ୍ଞାପିତ ଅଞ୍ଚଳ ପରିଷଦ ଏକ ନମ୍ବର ୱାର୍ଡ ସାନଗଡ଼ ଏକ ଅଭାବନୀୟ ଘଟଣା ଘଟିଯାଇଥିବା ଦେଖିବାକୁ ମିଳିଛି । ତେବେ ଏହି ୱାର୍ଡର କୁମ୍ଭାର ସାହିର ସ୍ୱର୍ଗତ ସୁବଳ ପରିଡ଼ାଙ୍କ ପୁଅ ରମେଶ ଚନ୍ଦ୍ର ପରିଡ଼ା (୩୭) ବେଗୁନିଆ ବ୍ଲକ ଅନ୍ତର୍ଗତ ଦେଉଳି ଗାଁରେ ଶ୍ରମିକ ଭାବେ ପାଇପ୍ ମିସ୍ତ୍ରୀ ଭାବେ କାମ କରିବାକୁ ଯାଇଥିବା ବେଳେ ଅସହ୍ୟ ଗ୍ରୀଷ୍ମ ପ୍ରବାହରେ କାମ କରୁଥିବା ବେଳେ ହଠାତ ଅସୁସ୍ଥ ହୋଇପଡିବାରୁ ତାଙ୍କୁ ତୁରନ୍ତ ପ୍ରାଥମିକ ଚିକିତ୍ସା ନିମନ୍ତେ ସ୍ଥାନୀୟ ରାଜ ସୁନାଖଳା ଡାକ୍ତରଖାନାରେ ଭର୍ତ୍ତି କରାଯାଇଥିଲା । ହେଲେ ଅଂଶୁଘାତ ଜନିତ ମୃତ୍ୟୁ ଘଟିଥିବା ଜଣାଯାଇଛି ପରେ ରଣପୁର ଡାକ୍ତରଖାନାକୁ ଶବ ବ୍ୟବଚ୍ଛେଦ ପାଇଁ ଅଣାଯାଇଥିଲା । ସ୍ୱର୍ଗତ ରମେଶଙ୍କ ୧୧ବର୍ଷର ପୁଅ ଓ ୩ବର୍ଷର ଝିଅ ସାଙ୍ଗକୁ ବିଧବା ମା ଓ ସ୍ତ୍ରୀ ଅଛନ୍ତି । ଗରିବ ରମେଶଙ୍କୁ ସରକାରୀ ସହାୟତା ଯୋଗାଇ ଦେବାକୁ ଅଞ୍ଚଳବାସୀ ଦାବି କରିଛନ୍ତି ।

## ପୁରାତନ ଛାତ୍ରଛାତ୍ରୀଙ୍କ ବନ୍ଧୁମିଳନ

ଚାରିଛକ, ୨୫।୪ (ନିପ୍ର): ଚାରିଛକ ନିକଟସ୍ଥ ତମ୍ପାଳୋସ୍ଥିତ ଦାମୋଦର ସରକାରୀ ଉଚ୍ଚ ବିଦ୍ୟାଳୟର ୨୦୦୦ ମସିହା ପୁରାତନ ଛାତ୍ରଙ୍କ ତରଫରୁ ଗୁରୁ ପୂଜନ ଓ ସମ୍ବର୍ଦ୍ଧନା ଉତ୍ସବ ଅନୁଷ୍ଠିତ ହୋଇଯାଇଛି । ଉକ୍ତ କାର୍ଯ୍ୟକ୍ରମରେ ଅବସରପ୍ରାପ୍ତ ପ୍ରଧାନଶିକ୍ଷକ ପ୍ରଭାକର ଦାସ, ପ୍ରାକ୍ତନ ଶିକ୍ଷକ ପ୍ରଫୁଲ୍ଲ ନାୟକ, ପ୍ରାକ୍ତନ ଶିକ୍ଷକ ମାଧବ ସାହୁ, ପ୍ରଧାନଶିକ୍ଷକ କୃଷ୍ଣଚନ୍ଦ୍ର ଦଳାଇ, ପ୍ରଧାନ ଶିକ୍ଷକ ବ୍ରଜବନ୍ଧୁ ସାହୁ, କ୍ରୀଡା ଶିକ୍ଷକ ନେତ୍ରାନନ୍ଦ ବାରିକ, ଶିକ୍ଷକ ଶିଶିରେନ୍ଦ୍ର ସାମନ୍ତରାୟ, କିରାଣୀ ଚନ୍ଦ୍ରମଣି ବେହେରା, ଧନେଶ୍ୱର ସାହୁ ଓ ମହେନ୍ଦ୍ର ଭୋଇଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା । ଶିକ୍ଷକମାନେ ୨୫ବର୍ଷ ତଳର ଅନୁଭୂତି ବଖାଣିବା ସହିତ ଛାତ୍ରଛାତ୍ରୀମାନଙ୍କ ଏଭଳି ମହତ କାର୍ଯ୍ୟକୁ ଭୂୟସୀ ପ୍ରଶଂସା କରିଥିଲେ । ପୁରାତନ ଛାତ୍ର ଅକ୍ଷୟ ପଡିଆରୀଙ୍କ ଦ୍ୱାରା ଆୟୋଜିତ କାର୍ଯ୍ୟକ୍ରମରେ ରାକେଶ ସ୍ୱାଇଁ, ସୁରନ ଖଟୋଇ, ମିନତୀ ବେହେରା, ଗୀତାଞ୍ଜଳୀ ଓଝାଙ୍କ ସମେତ ଶତାଧିକ ଯୋଗଦେଇ ଅଭୁଲା ସ୍ମୃତିକୁ ସାଉଁଟିଥିଲେ ।

## ଆମ ସଂସ୍କୃତି, ଆମ ଖେଳନା କାର୍ଯ୍ୟକ୍ରମ

ଚମ୍ପୁଆ, ୨୫।୪ (ନିପ୍ର): ଚମ୍ପୁଆ ପିଏମ.ଶ୍ରୀ ସରକାରୀ ମହତାବ ଉଚ୍ଚ ବିଦ୍ୟାଳୟରେ ଆମ ସଂସ୍କୃତି ଆମ ଖେଳନା କାର୍ଯ୍ୟକ୍ରମ ମଙ୍ଗଳବାର ବିଦ୍ୟାଳୟ ପରିସରରେ ଆୟୋଜିତ ହୋଇଯାଇଛି । ଭାରପ୍ରାପ୍ତ ପ୍ରଧାନ ଶିକ୍ଷକ ଲୋକନାଥ ଗୁଇଁଙ୍କ ତତ୍ତ୍ୱାବଧାନରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ବିଦ୍ୟାଳୟର ୨୦ରୁ ଊର୍ଦ୍ଧ୍ୱ ଛାତ୍ରଛାତ୍ରୀ ଭାଗ ନେଇଥିଲେ । ପିଏମ.ଶ୍ରୀ ଯୋଜନା ଆନୁକୂଲ୍ୟରେ ସଂସ୍କୃତି ଓ ପରମ୍ପରା ଭିତ୍ତିକ କାର୍ଯ୍ୟ ଉପରେ ଆଧାରିତ ଏହି କାର୍ଯ୍ୟକ୍ରମରେ କୁମ୍ଭାର ଦ୍ୱାରା ବିଭିନ୍ନ ମାଟି ପାତ୍ର ନିର୍ମାଣ, ବେତ, ଓ ବାଉଁଶର ପାଛିଆ, ଡାଲା, କୁଲା, ଛାଂଚୁଣୀ ପ୍ରସ୍ତୁତି ଏବଂ ମାଟି କଣ୍ଢେଇ ଓ ମାଟି ଖେଳଣା ସହିତ ଶାଳ ପତ୍ରରେ ଖଲି ଚଉତି କିପରି ନିର୍ମାଣ କରାଯାଏ ତାହା ଛାତ୍ରଛାତ୍ରୀଙ୍କୁ ପ୍ରଶିକ୍ଷଣ ଦିଆଯାଇଥିଲା । ଛାତ୍ରଛାତ୍ରୀମାନେ ଉତ୍ସାହ ସହକାରେ ଉପରୋକ୍ତ କାର୍ଯ୍ୟମାନ କରିବା ସହିତ ନିଜ ନିଜ ହାତରେ ସେଗୁଡିକୁ କରି ଦେଖାଇଥିଲେ ।

## ବ୍ଲକସ୍ତରୀୟ ପଞ୍ଚାୟତିରାଜ ଦିବସ

ଭାପୁର, ୨୫।୪ (ନିପ୍ର): ନୟାଗଡ ଜିଲ୍ଲା ଭାପୁର ବ୍ଲକ ପରିସର ମଧ୍ୟରେ ବ୍ଲକସ୍ତରୀୟ ପଞ୍ଚାୟତରାଜ ଦିବସ ବ୍ଲକ ଉନ୍ନୟନ ଅଧିକାରୀ ସାରଦା ପ୍ରସନ୍ନ ପଣ୍ଡାଙ୍କ ଅଧ୍ୟକ୍ଷତାରେ ପାଳିତ ହୋଇଯାଇଛି । କାର୍ଯ୍ୟକ୍ରମରେ, ମୁଖ୍ୟ ଅତିଥି ରୂପେ ବ୍ଲକ ଉପାଧ୍ୟକ୍ଷ ବେଣୁଧର ପ୍ରଧାନ ଯୋଗ ଦେଇଥିବା ବେଳେ ଅନ୍ୟମାନଙ୍କ ମଧ୍ୟରେ ବ୍ଲକ କର୍ମଚାରୀ, ମିଶନ ଶକ୍ତିର ମାଆମାନେ ଯୋଗଦେଇ କାର୍ଯ୍ୟକ୍ରମକୁ ସାଫଲ୍ୟ ମଣ୍ଡିତ କରିଥିଲେ । ମହାତ୍ମାଗାନ୍ଧୀଙ୍କ ଗ୍ରାମ୍ୟ ସ୍ୱରାଜ୍ୟର ପରିକଳ୍ପନା ହେଉଛି ଆଜିର ପଞ୍ଚାୟତରାଜ ଦିବସ । ଓଡ଼ିଶା ଗ୍ରାମ୍ୟଭିତ୍ତିକ ରାଜ୍ୟ ହୋଇଥିବାରୁ ତୃଣମୂଳ ପଞ୍ଚାୟତସ୍ତରରୁ ଗ୍ରାମବାସୀଙ୍କ ସହଭାଗିତା ଏବଂ ନିଜର ଅଧିକାର ବଳରେ ପଞ୍ଚାୟତ ଆଗେଇବା ସହିତ ରାଜ୍ୟ ଓ ଦେଶ ଆଗେଇବ ବୋଲି ଉପସ୍ଥିତ ଅତିଥି ମତପ୍ରକାଶ କରିଥିଲେ । କାର୍ଯ୍ୟକ୍ରମରେ, ନୂତନ ରେଶନ କାର୍ଡ ବଣ୍ଟନ ହେବା ସହିତ ୧୨ ଜଣଙ୍କୁ ଟ୍ରାଏ ସାଇକେଲ, ୬ ଜଣଙ୍କୁ ହ୍ୱିଲ୍ ଚେୟାର ଏବଂ ଜଣଙ୍କୁ ବ୍ଲାଇଣ୍ଡ ଷ୍ଟିକ୍ ପ୍ରଦାନ କରାଯାଇଥିଲା ।

## ଗୁଣପୁର ବ୍ଲକସ୍ତରୀୟ ପୋଷଣ ପକ୍ଷ

ଗୁଣପୁର, ୨୫।୪(ନିପ୍ର);ଗୁଣପୁର ବ୍ଲକସ୍ତରୀୟ ପୋଷଣ ପକ୍ଷ ପାଳିତ ହୋଇଯାଇଛି । ଗୁଣପୁର ଉପଜିଲ୍ଲାପାଳଙ୍କ ସମ୍ମିଳନୀ କକ୍ଷରେ ଅନୁଷ୍ଠିତ କାର୍ଯ୍ୟକ୍ରମକୁ ଉପ ଜିଲ୍ଲାପାଳ ଗୁଣପୁର କିରନଦୀପ କୌର ସହୋତା ମୁଖ୍ୟ ଅତିଥି ରୂପେ ଯୋଗଦେଇ ଉଦ୍‌ଘାଟନ କରିଥିଲେ । ଗୁଣପୁର ଶିଶୁ ବିକାଶ ଯୋଜନା ଅଧିକାରୀ ସୁଷମା ପ୍ରସାଦଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଜଗନ୍ନାଥପୁର ଗୋଷ୍ଠୀ ସ୍ୱାସ୍ଥ୍ୟ ଅଧିକାରୀ କାଳୀପ୍ରସାଦ ପଣ୍ଡା, ବ୍ଲକ ପଶୁଧନ ଅଧିକାରୀ ରାଧେଶ୍ୟାମ ଦାସ, କୃଷି ବିଜ୍ଞାନ କେନ୍ଦ୍ର ବୈଜ୍ଞାନିକ ସସ୍ମିତା ମହାନ୍ତି, ସାହାରା ପରିବାର ପରାମର୍ଶ କେନ୍ଦ୍ର ସଚିବ ପ୍ରମୋଦ କୁମାର ସାହୁ, ଆଶା ଅନୁଷ୍ଠାନ ସମ୍ପାଦକ ଭେଣୁ ଗୋପାଳ ପ୍ରମୁଖ ଅତିଥି ଭାବେ ଯୋଗ ଦେଇଥିଲେ । ଜଣେ ମହିଳା ମାତୃତ୍ୱ ହେବା ଠାରୁ ଶିଶୁ ଜନ୍ମର ୪୫ଦିନ ପର୍ଯ୍ୟନ୍ତ ପୋଷଣର ଆବଶ୍ୟକତା ଓ କିପରି ସେହି ପୋଷଣ ଦିଆଯିବ ତାହାରି ଉପରେ ମୁଖ୍ୟ ଅତିଥି ଓ ଅନ୍ୟ ଅତିଥିମାନେ ମତବ୍ୟକ୍ତ କରିଥିଲେ । ବିଭିନ୍ନ ପ୍ରକାର ପୋଷଣ ସାମଗ୍ରୀର ପ୍ରଦର୍ଶନୀ ମାଧ୍ୟମରେ ସମସ୍ତଙ୍କୁ ସଚେତନ କରାଯାଇଥିଲା । ବିଶେଷ କରି ମିଲେଟ ମିଶନ ଉପରେ ଗୁରୁତ୍ୱ ପ୍ରଦାନ କରି ମାଣ୍ଡିଆ ଲଡୁ, ବିସ୍କୁଟ, କେକ, ଦହିବରା, ପିଠା ଆଦି ପ୍ରଦର୍ଶନୀରେ ଗୁରୁତ୍ୱ ବହନ କରିଥିଲା । ବିଭିନ୍ନ ସ୍ୱୟଂ ସହାୟକ ଗୋଷ୍ଠୀ, ଅଙ୍ଗନବାଡି କର୍ମୀଙ୍କ ହାତ ତିଆରି ପିଠା, ଲଡୁ, ଦହି ପଖାଳ, ସଜନା ଶାଗ ଭଜା, ଜଳଖିଆ ଭଳି ବିଭିନ୍ନ ସାମଗ୍ରୀର ପ୍ରଦର୍ଶନୀ ଦେଖି ଅତିଥିମାନେ ଖୁସି ବ୍ୟକ୍ତ କରିଥିଲେ । ଅବସରରେ କୁନିଛୁଆମାନେ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରିଥିଲେ ।

# ମେଗା ଜଳ ପ୍ରକଳ୍ପ ବିଫଳ, ଠିକାଦାର ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଦାବି

କେନ୍ଦୁଝର, ୨୫।୪ (ନିପ୍ର): କେନ୍ଦୁଝର ଜିଲ୍ଲା ଖଣିଜ ପ୍ରତିଷ୍ଠାନ ଓ ଓମ୍ଫାଡସି ପାଣ୍ଠିରୁ ଚମ୍ପୁଆ, ଯୋଡ଼ା, ଝୁମ୍ପୁରା, ସଦର ଅଞ୍ଚଳର ପ୍ରତ୍ୟେକ ଗ୍ରାମକୁ ଓ ପ୍ରତ୍ୟେକ ଘରକୁ ପାଇପ ମାଧ୍ୟମରେ ପିଇବା ପାଣି ଯୋଗାଇବାର ବ୍ୟବସ୍ଥା କରାଯାଇଥିଲା । ଚମ୍ପୁଆ ସବଡିଭିଜନ କାନପୁର ଡ୍ୟାମ ନିକଟ ମିରିଗିସିଙ୍ଗା ବୈତରଣୀ ନଦୀଠାରେ ମେଗା ଜଳ ପ୍ରକଳ୍ପ ୨୦୧୯ ମସିହାରେ ତାମିଲ ଠିକାଦାରଙ୍କ ଦ୍ୱାରା କାର୍ଯ୍ୟ ଆରମ୍ଭ ହୋଇଥିଲା । ଦୀର୍ଘ ୭ ବର୍ଷ ବିତିବାକୁ ବସିଛି ଧାର୍ଯ୍ୟ ପାଣ୍ଠି ଠାରୁ ଢେର ଅଧିକ ଟଙ୍କା ଖର୍ଚ୍ଚ ମଧ୍ୟ ହୋଇଛି । କିନ୍ତୁ ଦୁର୍ଭାଗ୍ୟର ବିଷୟ ଏହି ମେଗା ଜଳ ପ୍ରକଳ୍ପଟି ସଂପୂର୍ଣ୍ଣ କାର୍ଯ୍ୟକ୍ଷମ ହୋଇ ପାରିନାହିଁ । ବିଭିନ୍ନ ସ୍ଥାନରେ ଓଭରହେଡ୍ ଟାଙ୍କି ଓ ସବଷ୍ଟେସନ ନିର୍ମାଣ ସରିଛି ବିଭିନ୍ନ ଗ୍ରାମପଞ୍ଚାୟତରେ ଥିବା ଗ୍ରାମ ଗୁଡିକରେ ପ୍ରତ୍ୟେକ ଘରକୁ ଘର ମଧ୍ୟ ପାଇପ୍ ଓ ଟ୍ୟାପ ଖଞ୍ଜା ମଧ୍ୟ ସରି ଥିଲେ ମଧ୍ୟ ବିଭିନ୍ନ ଗ୍ରାମ ଗୁଡିକରେ ଆଜି ପର୍ଯ୍ୟନ୍ତ ପାଇପ କିମ୍ବା ଟ୍ୟାପ୍ ଖଞ୍ଜା ଯାଇ ନାହିଁ । ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ମଧ୍ୟ ୨୦୨୫ ମସିହା ଜାନୁୟାରୀ ମାସ ସୁଦ୍ଧା ବିଶୁଦ୍ଧ ପିଇବା ପାଣି ପ୍ରତ୍ୟେକ ଗ୍ରାମ ଓ ପ୍ରତ୍ୟେକ ଘରକୁ ପାଇପ ମାଧ୍ୟମରେ ବିଶୁଦ୍ଧ ପିଇବା ପାଣି ଯୋଗାଇବାର ବ୍ୟବସ୍ଥା କରିବାକୁ ନିର୍ଦ୍ଦେଶ ଦେଇଥିଲେ । ଏବଂ ପାଇପ ମାଧ୍ୟମରେ ପାଣି ମଧ୍ୟ ଛଡ଼ା ଗଲା କିନ୍ତୁ ତାମିଲ ଠିକାଦାର ପାଣି ପାଇପ, ଯନ୍ତ୍ରାଂଶ ଓ ସରଞ୍ଜାମ ଗୁଡିକ ଏତେ ନିମ୍ନମାନର ଖଞ୍ଜିଛନ୍ତି ଯାହା ଫଳରେ ପାଣି ଛାଡ଼ିବା କ୍ଷଣି ବିଭିନ୍ନ ସ୍ଥାନରେ ପାଇପ ଫାଟି ଯାଉଥିବାବେଳେ ପାଣି ଟିକକ ମିଳିବା ସାତ ସପନ ହୋଇ ପଡ଼ିଛି । ଏହାପରେ ମଧ୍ୟ ରକ୍ଷଣାବେକ୍ଷଣର ଅଭାବ ଯୋଗୁଁ ବିଭିନ୍ନ ସ୍ଥାନରେ ଖଞ୍ଜା ଯାଇଥିବା ସରଞ୍ଜାମ ଗୁଡିକ ଭାଙ୍ଗି ରୁଜି ଗଲାଣି । ତେଣୁ ଏହି ମେଗା ଜଳ ପ୍ରକଳ୍ପଟି ଫେଲ ମାରିଥିବା ଅଭିଯୋଗ ହୋଇଛି । ବହୁ ଗ୍ରାମକୁ ପାଇପ ମାଧ୍ୟମରେ ପାଣି ଯାଉଥିବାବେଳେ ସଠିକ ଭାବେ ଠିକାଦାର କାମ କରିନଥିବାରୁ କେତେବେଳେ କେଉଁ ସାହିକୁ ପାଣି ଯାଉଛି ତ କେତେବେଳେ କେଉଁ ସାହିରେ ପାଣି ବନ୍ଦ ରହୁଛି । ସଦର ବ୍ଲକର ଗୋବର୍ଦ୍ଧନ, ସଙ୍କିରୀ, ହାଣ୍ଡିଭଙ୍ଗା, କାଉଁରିକଳା ରାଇକଳା ଆଦି ଗ୍ରାମପଞ୍ଚାୟତକୁ ୨/୩ ଦିନରେ ଥରେ ପାଣି ଛଡ଼ା ଯାଉଥିବାବେଳେ ବହୁ ସମୟରେ ପାଣି ଛଡ଼ା ଯାଉ ନାହିଁ ବୋଲି ଅଭିଯୋଗ ହୋଇଛି । ଚମ୍ପୁଆ, ଝୁମ୍ପୁରା, ଯୋଡ଼ା ଓ ସଦର ବ୍ଲକରେ ଥିବା ବହୁ ଗ୍ରାମ ତଥା ଗ୍ରାମପଞ୍ଚାୟତ ଗୁଡ଼ିକୁ ଆଜି ପର୍ଯ୍ୟନ୍ତ ପାଇପ ସଂଯୋଗ ହୋଇ ନାହିଁ । ଠିକାଦାର ଦ୍ୱାରା ୫ ବର୍ଷ ଗ୍ୟାରେଣ୍ଟି ରହିଥିବାବେଳେ ଦୀର୍ଘ ୭ ବର୍ଷ ହେବାକୁ ବସିଲାଣି ଠିକାଦାର ଛୁ ମାରିବ ନାହିଁ ତ ବୋଲି ଗ୍ରାମବାସୀମାନେ ଆଶଙ୍କା କରିଛନ୍ତି । । ଅସାଧୁ ଠିକାଦାର ବିରୁଦ୍ଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ନେବାକୁ ଯୁବ ଓ ଶ୍ରମ ବିକାଶ ମଞ୍ଚ କେନ୍ଦୁଝରଗଡ ସଭାପତି ରଞ୍ଜନ କୁମାର ବେହେରା, ସାଧାରଣ ସମ୍ପାଦକ ଶୈଳବାଳା ପରିଡ଼ା ଓ ଅନ୍ୟମାନେ ଜିଲ୍ଲାପାଳଙ୍କୁ ନିବେଦନ କରିଛନ୍ତି ।

## ଆକ୍ରମଣରେ ପ୍ରାଣ ହରାଇଥିବା ପର୍ଯ୍ୟଟକଙ୍କୁ ବିଜେଡିର ଶ୍ରଦ୍ଧାଞ୍ଜଳି

ଭବାନୀପାଟଣା, ୨୫/୪ (ନି.ପ୍ର)– ଜାମ୍ମୁ ଓ କଶ୍ମୀର ପହଲଗାମ ଠାରେ ଆତଙ୍କବାଦୀଙ୍କ ଦ୍ୱାରା ହୋଇଥିବା ବର୍ବୋରୋଚିତ ଆକ୍ରମଣରେ ପ୍ରାଣ ହରାଇଥିବା ପର୍ଯ୍ୟଟକମାନଙ୍କୁ କଳାହାଣ୍ଡି ଜିଲ୍ଲା ବିଜୁ ଜନତା ଦଳ ତରଫରୁ ଭବାନୀପାଟଣା ଗାନ୍ଧୀ ଛକ ଠାରେ ଭାବପୂର୍ଣ୍ଣ ଶ୍ରଦ୍ଧାଞ୍ଜଳି ଦିଆଯାଇଛି ।

ତାଙ୍କର ଅମର ଆତ୍ମାର ସଦଗତି ପାଇଁ ୨ମିନିଟ ନିରବ ପ୍ରାର୍ଥନା କରାଯାଇଛି । ଏହା ସହିତ ଆତଙ୍କବାଦୀଙ୍କୁ ନିପାତ କରିବା ପାଇଁ କେନ୍ଦ୍ର ସରକାର ପକ୍ଷରୁ ଦୃଢ଼ କାର୍ଯ୍ୟାନୁଷ୍ଠାନ ନେବାସହ ମୃତଙ୍କ ପରିବାର ବର୍ଗଙ୍କୁ ୧ କୋଟି ଟଙ୍କାର କ୍ଷତିପୂରଣ ପ୍ରଦାନ ପାଇଁ ଦାବି କରାଯାଇଛି । ଗାନ୍ଧୀ ଛକ ଠାରୁ ବିଜେଡି କର୍ମୀ ଏକ କ୍ୟାଣ୍ଡେଲ ଶୋଭାଯାତ୍ରା ମାଧ୍ୟମରେ ଷ୍ଟାଟ୍ୟୁଛକ ପର୍ଯ୍ୟନ୍ତ ଯାଇ ଆତଙ୍କବାଦ ବିରୁଦ୍ଧରେ ନାରାବାଜି ଦେଇଥିଲେ । ପଡୋଶୀ ପାକିସ୍ତାନରୁ ଆତଙ୍କବାଦୀ ଆସିବା ଏକ ପ୍ରକାର ସରକାରଙ୍କ ନିଷ୍କ୍ରିୟତା କୁ ଦର୍ଶାଉଛି ବୋଲି ବିଜେଡି ନେତା କହିଥିଲେ । ଏହି କାର୍ଯ୍ୟକ୍ରମରେ ପୂର୍ବତନ ମନ୍ତ୍ରୀ କ୍ୟାପଟେନ ଦିବ୍ୟ ଶଙ୍କର ମିଶ୍ର, ପୂର୍ବତନ ବିଧାୟକ ଦୁଷ୍ମନ୍ତ ନାଏକ, ବରିଷ୍ଠ ବିଜେଡି ନେତା ପ୍ରଦୀପ ମୁଣ୍ଡ, ବିସିସି ବ୍ୟାଙ୍କ ସଭାପତି ଗିରୀଶ ଚନ୍ଦ୍ର ବେହେରା , ଯୁବ ବିଜେଡି ସଭାପତି ଆଦିତ୍ୟ ନନ୍ଦ, ରାଜ୍ୟ ଛାତ୍ର ବିଜେଡି କାର୍ଯକାରୀ ସଭାପତି ଅବିନାଶ ଠାକୁର , ରାଜ୍ୟ ଯୁବ ବରିଷ୍ଠ ଉପ ସଭାପତି ମଣ୍ଟୁ ନାଏକ, ମହିଳା ସଭାନେତ୍ରୀ ଲଳିତା ନାଏକ, ମନିନ୍ଦ୍ର ମହାନ୍ତି ପ୍ରମୁଖ ଯୋଗଦେଇଥିଲେ ।

## ଜାତୀୟ ପଞ୍ଚାୟତିରାଜ ଦିବସ : ଆଠଗୋଟି ଗ୍ରାମ ପଞ୍ଚାୟତକୁ ପ୍ରୋତ୍ସାହନ ରାଶି ପ୍ରଦାନ

ରାୟଗଡ଼, ୨୫।୪ (ନିପ୍ର): ସ୍ଥାନୀୟ ବିଜୁ ପଟ୍ଟନାୟକ ପ୍ରେକ୍ଷାଳୟ ଠାରେ ଜାତୀୟ ପଞ୍ଚାୟତିରାଜ ଦିବସ ପାଳିତ ହୋଇଯାଇଛି । ଜିଲ୍ଲାପାଳ ପାରୁଲ ପଟ୍ଟାଓରୀ ମୁଖ୍ୟ ଅତିଥି ରୂପେ ଯୋଗଦେଇଥିଲେ । ଶ୍ରୀଜଗନ୍ନାଥଙ୍କ ପ୍ରତିମୂର୍ତ୍ତିରେ ପ୍ରଦୀପ ପ୍ରଜ୍ଜ୍ୱଳନ ଓ ପୁଷ୍ପମାଲ୍ୟ ଅର୍ପଣ କରି କାର୍ଯ୍ୟକ୍ରମର ଶୁଭାରମ୍ଭ କରିଥିଲେ । ଗ୍ରାମ ପଞ୍ଚାୟତ ଗୁଡିକୁ ଦୀର୍ଘସ୍ଥାୟୀ ବିକାଶ ଲକ୍ଷ୍ୟ ହାସଲର ସ୍ଥାନୀୟକରଣ ନିମନ୍ତେ ପଲ୍ଲୀସଭା ଓ ଗ୍ରାମସଭା ମାଧ୍ୟମରେ ସୁଦୃଢ଼ କରିବା ସବୁ ଗ୍ରାମ ପଞ୍ଚାୟତର ଲକ୍ଷ୍ୟ ହେବା ଉଚିତ ବୋଲି ଜିଲ୍ଲାପାଳ କହିଛନ୍ତି । ରାମନାଗୁଡା ପଞ୍ଚାୟତ ସମିତି ଓ ରାୟଗଡ଼ ବ୍ଲକର ତାଡ଼ମା ଗ୍ରାମ ପଞ୍ଚାୟତକୁ ଉତ୍ତମ ନାଗରିକ ସେବା, ଦୀର୍ଘ ମିଆଦି ବିକାଶ ଲକ୍ଷ୍ୟର ସ୍ଥାନୀୟକରଣ କ୍ଷେତ୍ରରେ ଉତ୍ତମ ପ୍ରଦର୍ଶନ ପାଇଁ ମାନପତ୍ର ଓ ଟ୍ରଫି ଦେଇ ସମ୍ବର୍ଦ୍ଧିତ କରାଯାଇଥିଲା । ୨୦୨୪-୨୫ ବର୍ଷରେ ଆବାସ ଯୋଜନାର ସଫଳ ରୂପାୟନ ଲକ୍ଷ୍ୟ ହାସଲ କ୍ଷେତ୍ରରେ ରାଜ୍ୟରେ ସର୍ବୋତ୍ତମ ସ୍ଥାନ ହାସଲ କରିଥିବାରୁ ରାୟଗଡ଼ ଜିଲ୍ଲା ଆବାସ ଯୋଜନା ଦଳକୁ ସମ୍ବର୍ଦ୍ଧିତ କରାଯାଇଥିଲା । ସରକାରଙ୍କ ବିଭିନ୍ନ ଯୋଜନାର ଗ୍ରାମୀଣ କ୍ଷେତ୍ରରେ ସଫଳ ରୂପାୟନ କ୍ଷେତ୍ରରେ ଉଲ୍ଲେଖନୀୟ କାର୍ଯ୍ୟ ପାଇଁ ମୁନିଗୁଡା ବ୍ଲକର ନିର୍ବାହୀ ଅଧିକାରୀ ଗଦାଧର ମିଶ୍ର, କୋଲନରା ବ୍ଲକର ଏଡିଇଓ ଶିବାନୀ ପଟ୍ଟନାୟକ ଓ ଗୁଣୁପୁର ବ୍ଲକର ଗ୍ରାମ ରୋଜଗାର ସେବକ ଦୁଶନ୍ତ ରାଇକାଙ୍କୁ ସମ୍ମାନିତ କରାଯାଇଥିଲା । ଜିଲ୍ଲାର ଆଠଗୋଟି ଗ୍ରାମ ପଞ୍ଚାୟତକୁ ପଞ୍ଚମ ରାଜ୍ୟ ଅର୍ଥ କମିଶନ ଯୋଜନାରେ ମୋଟ ୩୪ ଲକ୍ଷ ୭୮ ହଜାର ୨୫୮ ଟଙ୍କାର ପ୍ରୋତ୍ସାହନ ରାଶି ବିତରଣ କରାଯାଇଥିଲା ।

## ସତ୍‌ସଙ୍ଗ ଭବନରେ ରକ୍ତଦାନ ଶିବିର

ରାଉରକେଲା, ୨୫।୪ (ନିପ୍ର): ମାନବ ଏକତା ଦିବସ ଅବସରରେ ସନ୍ଥ ନିରଙ୍କରି ଭବନ ଠାରେ ଏକ ରକ୍ତଦାନ ଶିବିର ଅନୁଷ୍ଠିତ ହୋଇଯାଇଛି । ରାଉରକେଲା ସନ୍ଥ ନିରଙ୍କରି ମଣ୍ଡଳ ଦ୍ୱାରା ଆୟୋଜିତ ଏହି ରକ୍ତଦାନ ଶିବିରକୁ ରାଉରକେଲା ଆରକ୍ଷୀ ଅଧୀକ୍ଷକ ନିତେଶ ୱାଧୱାନୀ ଉଦ୍ଘାଟନ କରିଥିଲା ବେଳେ ମୁଖ୍ୟ ଅତିଥି ଭାବେ ରାଉରକେଲା ବିଧାୟକ ସାରଦା ପ୍ରସାଦ ନାୟକ ଏବଂ ସନ୍ଥ ନିରଙ୍କରି ସତସଙ୍ଗ ଜୋନର ଜୋନାଲ ମୁଖ୍ୟ ବସନ୍ତ କୁମାର ତ୍ରିପାଠୀ, ରାଉରକେଲା ବିଜେଡିର ସଭାପତି ଗଗନ ପଣ୍ଡା ଉପସ୍ଥିତ ଥିଲେ । ଏହି ରକ୍ତଦାନ ଶିବିରରେ ସନ୍ଥ ନିରଙ୍କରି ଭକ୍ତ ଗଣ ଉପସ୍ଥିତ ରହି ରକ୍ତଦାନ କରିବା ସହିତ ସହଯୋଗ କରିଥିଲେ । ଏହି ଅବସରରେ ଏକ ସତସଂଗର ମଧ୍ୟ ଆୟୋଜିତ ହୋଇଥିଲା । ପ୍ରତିବର୍ଷ ସନ୍ଥ ନିରଙ୍କରି ସତସଙ୍ଗ ଦ୍ୱାରା ଏଭଳି ରକ୍ତଦାନ ଶିବିରର ଆୟୋଜନ କରାଯାଇପାରୁଛି । ଏହି କାର୍ଯ୍ୟକ୍ରମ ସନ୍ଥ ନିରଂକାରୀ ମିଶନର ସଂଯୋଜକ ରାଜେଶ୍ୱର ସାହୁଙ୍କ ନେତୃତ୍ୱରେ ସମ୍ପନ୍ନ ହୋଇଥିଲା ।

## ଯାଜପୁରରେ ଶ୍ରୀ ସତ୍ୟସାଇ ବାବାଙ୍କ ଆରାଧନା ଦିବସ

ଯାଜପୁର, ୨୫।୪(ନିପ୍ର): ଯାଜପୁର ପୌରାଞ୍ଚଳ ଅନ୍ତର୍ଗତ ନୂଆଗାଁସ୍ଥ ସାଇ ମନ୍ଦିର ଠାରେ ଶ୍ରୀ ସତ୍ୟସାଇ ବାବାଙ୍କର ଆରାଧନା ଦିବସ ପାଳିତ ହୋଇଯାଇଛି । ଏହି ଉପଲକ୍ଷେ ଦିବସ ବ୍ୟାପୀ କାର୍ଯ୍ୟକ୍ରମରେ ଶ୍ରୀ ସତ୍ୟସାଇଙ୍କର ବିଭିନ୍ନ ପୂଜାବିଧି କରାଯାଇଥିଲା । ପ୍ରାତଃରେ ଓଁ କାରମ୍, ସୁପ୍ରଭାତମ୍ ନୀତି ବିଧି ପରେ ନଗର ସଂକୀର୍ତ୍ତନ ସ୍ଥାନୀୟ ଅଞ୍ଚଳ ପରିକ୍ରମା କରିଥିଲେ । ଏହା ପରେ ପ୍ରଶାନ୍ତି ଧ୍ୱଜା ଉତ୍ତୋଳନ ପରେ ବାବାଙ୍କର ଷୋଡ଼ଶ ଉପଚାର ପୂଜା ଆରମ୍ଭ ହୋଇ ବେଦ ପାଠ ସହ ଭଜନ ସଂକୀର୍ତ୍ତନ ଅନୁଷ୍ଠିତ ହୋଇଥିଲା ।

# ଗ୍ରାମ ବିକାଶରେ ରାଜ୍ୟ ବିକାଶ

ଭବାନୀପାଟଣା, ୨୫/୪ (ନି.ପ୍ର)– କଳାହାଣ୍ଡି ଜିଲ୍ଲା ସ୍ତରୀୟ ଜାତୀୟ ପଞ୍ଚାୟତିରାଜ ଦିବସ ସ୍ଥାନୀୟ ଟାଉନହଲ ଭବାନୀପାଟଣା ଠାରେ ଜିଲ୍ଲା ପ୍ରଶାସନ ତରଫରୁ ପାଳିତ ହୋଇଯାଇଛି । ଜିଲ୍ଲାପରିଷଦ ଅଧ୍ୟକ୍ଷ ପୁଷ୍ପେନ୍ଦ୍ର ସିଂହଦେଓଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ସମାରୋହରେ ମୁଖ୍ୟ ଅତିଥି ଭାବେ ଜିଲ୍ଲାପାଳ ପାୱାର ସଚିନ ପ୍ରକାଶ, ସମ୍ମାନିତ ଅତିଥି ଭାବେ ମୁଖ୍ୟ ଉନ୍ନୟନ ତଥା ନିର୍ବାହୀ ଅଧିକାରୀ ଜିଲ୍ଲାପରିଷଦ ଦୟାମୟ ପାଢି, ଉପ ଜିଲ୍ଲାପାଳ ଭବାନୀପାଟଣା ପ୍ରଭାତ କୁମାର ପରିଡା, କଳାହାଣ୍ଡି ସାଂସଦ ଙ୍କ ପ୍ରତିନିଧି ଜୟଶଙ୍କର ନାୟକ, ସଦର ବିଧାୟକଙ୍କ ପ୍ରତିନିଧି ଧନୁର୍ଜୟ ଗହୀର, ବିଧାୟକ ଧର୍ମଗଡ଼ଙ୍କ ପ୍ରତିନିଧି ଜଗବନ୍ଧୁ ସାହୁ, ଜିଲ୍ଲା ମୁଖ୍ୟ ଯୋଗାଣ ଅଧିକାରୀ ପବିତ୍ର କୁମାର ସାହୁ, ଭବାନୀପାଟଣା ପଞ୍ଚାୟତ ସମିତି ଅଧ୍ୟକ୍ଷ ପ୍ରଫୁଲ୍ଲ କୁମାର ସାହୁ, ଗୋଷ୍ଠୀ ଉନ୍ନୟନ ଅଧିକାରୀ ଚନ୍ଦନ ଭୋଇ, ତହସିଲଦାର ଅଧିକାରୀ ସୁଚିସ୍ମିତା ମିଶ୍ର ପ୍ରମୁଖ ଯୋଗଦେଇ ଥିଲେ । ପ୍ରାରମ୍ଭ ରେ ମୁଖ୍ୟ ଉନ୍ନୟନ ଅଧିକାରୀ ଶ୍ରୀ ପାଢି ସମସ୍ତଙ୍କୁ ସ୍ୱାଗତ ଜଣାଇବା ସହିତ ପଞ୍ଚାୟତିରାଜ ଦିବସ ପାଳନର ତାତ୍ପର୍ଯ୍ୟ ଉପରେ ଉଲ୍ଲେଖ କରି ଜିଲ୍ଲାରେ ମହାତ୍ମା ଗାନ୍ଧୀ ଜାତୀୟ ଗ୍ରାମୀଣ ନିଶ୍ଚିତ କର୍ମ ନିଯୁକ୍ତି ଯୋଜନାର ଅଗ୍ରଗତି ସମ୍ପର୍କରେ ସୂଚନା ଦେଇଥିଲେ । ଏଥିରେ ଆର୍ଥିକ ବର୍ଷ ୨୦୨୪-୨୫ ପାଇଁ ଜିଲ୍ଲାରେ ମୋଟ ୧,୨୦,୬୬୫ ସଂଖ୍ୟାକ ପ୍ରକଳ୍ପ ଗ୍ରହଣ କରାଯାଇଛି, ୨୮,୩୮୯ ସଂଖ୍ୟା କ ପ୍ରକଳ୍ପ ସମ୍ପୂର୍ଣ୍ଣ ହୋଇଛି ଏବଂ ୫୧, ୩୭୬ ସଂଖ୍ୟାକ ପ୍ରକଳ୍ପର କାର୍ଯ୍ୟ ଚାଲୁରହିଛି । ସେଥିମଧ୍ୟରୁ ୧୯,୧୮୧ ସଂଖ୍ୟାକ ଜଳ ସଂରକ୍ଷଣ ଏବଂ ଜଳ ସଂଗ୍ରହ ପ୍ରକଳ୍ପ ଗ୍ରହଣ କରାଯାଇ ୩,୯୫୪ ପ୍ରକଳ୍ପ ସଂପୂର୍ଣ୍ଣ ହୋଇଛି । ମୋଟ ୫,୪୭୩ ସଂଖ୍ୟକ ଗ୍ରାମୀଣ ସଂଯୋଗ ପ୍ରକଳ୍ପ ଗ୍ରହଣ କରାଯାଇ ୭୦୭ ସଂଖ୍ୟାକ ପ୍ରକଳ୍ପ ସଂପୂର୍ଣ୍ଣ ହୋଇଛି । ମୋଟ ୨,୮୦୦ ସଂଖ୍ୟାକ ପାରମ୍ପରିକ ଜଳାଶୟ ପୁନରୁଦ୍ଧାର ପ୍ରକଳ୍ପ ଗ୍ରହଣ କରାଯାଇ ୫୪୬ ସଂଖ୍ୟା କ ପ୍ରକଳ୍ପ ସମ୍ପୂର୍ଣ୍ଣ ହୋଇଛି ଏବଂ ଏଥିସହ ମୋଟ ୭,୨୪୦ ସଂଖ୍ୟକ ଭୂମି ଉନ୍ନୟନ ପ୍ରକଳ୍ପ ଗ୍ରହଣ କରାଯାଇ ୨,୧୭୨ ସଂଖ୍ୟକ ପ୍ରକଳ୍ପ ସମ୍ପୂର୍ଣ୍ଣ ହୋଇଛି । ଏସ୍ ବି ଏମ୍, ଅଧୀନରେ ୧୯୭୬ ଟି ଗ୍ରାମକୁ ଓ ଡି ଏଫ୍ ପ୍ଲସ୍ ମଡେଲ ଗ୍ରାମ ଘୋଷଣା କରାଯାଇଛି । ୩,୬୮,୬୧୧ ଟି ଶୌଚାଳୟର ନିର୍ମାଣ କରାଯାଇଛି ବୋଲି ମୁଖ୍ୟ ଉନ୍ନୟନ ଅଧିକାରୀ ସୂଚନା ଦେଇଥିଲେ ।

ମୁଖ୍ୟ ଅତିଥି ଜିଲ୍ଲାପାଳ ତାଙ୍କ ବକ୍ତବ୍ୟରେ ଜାତୀୟ ପଞ୍ଚାୟତିରାଜ ଦିବସ ପାଳନର ତାତ୍ପର୍ଯ୍ୟ ଉପରେ ଆଲୋକପାତ କରି ଜିଲ୍ଲା ତଥା ରାଜ୍ୟର ସର୍ବାଙ୍ଗୀନ ଉନ୍ନତି ଓ ବିକାଶ କ୍ଷେତ୍ରରେ ସମସ୍ତଙ୍କର ସହଯୋଗର ଆବଶ୍ୟକତା ଉପରେ ଗୁରୁତ୍ୱ ଦେଇଥିଲେ । ଗ୍ରାମର ବିକାଶ ହେଲେ ଜିଲ୍ଲାର ବିକାଶ ହେବ ଏବଂ ଜିଲ୍ଲାର ବିକାଶ ହେଲେ ରାଜ୍ୟର ବିକାଶ ହେବ, ସମସ୍ତଙ୍କର ସହଯୋଗରେ ବିକାଶର ଧାରାକୁ ଆଗେଇ ନେବାର ଆବଶ୍ୟକତା ରହିଛି ବୋଲି ଜିଲ୍ଲାପରିଷଦ ଅଧ୍ୟକ୍ଷ ଶ୍ରୀ ସିଂଦେଓ କହିଥିଲେ । ଅନ୍ୟ ସମସ୍ତ ଅତିଥି ପଞ୍ଚାୟତିରାଜ ବିଧିବ୍ୟବସ୍ଥାରେ ମହିଳା ସଶକ୍ତିକରଣ ଓ ଗାଁର ଉନ୍ନତି ଓ ବିକାଶ ସମ୍ପର୍କରେ ଆଲୋକପାତ କରିଥିଲେ ।

୧୬ ତମ ପଞ୍ଚାୟତି ରାଜ ଦିବସ ପାଳନ ଅବସରରେ ଦଶଜଣ ଯୋଗ୍ୟ ହିତାଧିକାରୀମାନଙ୍କୁ ମଂଚରେ ଅତିଥିମାନଙ୍କ ଦ୍ୱାରା ନୂଆ ରାସନକାର୍ଡ ବଣ୍ଟନ କରାଯାଇଥିଲା ଏବଂ ଉତ୍ତମ କାର୍ଯ୍ୟ ଦକ୍ଷତା ପାଇଁ ଜିଲ୍ଲାର ଏ ବି, ସି ଗ୍ରେଡ ତାଲିକାରେ ଥିବା ଗ୍ରାମପଞ୍ଚାୟତଙ୍କୁ ପୁରସ୍କାର ରାଶି ବାବଦକୁ ଡମି ଚେକ, ପ୍ରଶଂସା ପତ୍ର ପ୍ରଦାନ କରାଯାଇଥିଲା ।

# ଜିଲ୍ଲାସ୍ତରୀୟ ଜାତୀୟ ପଞ୍ଚାୟତିରାଜ ଦିବସ

ପାରଳାଖେମୁଣ୍ଡି, ୨୫।୪ (ନିପ୍ର): ଜିଲ୍ଲାସ୍ତରୀୟ ଜାତୀୟ ପଞ୍ଚାୟତିରାଜ ଦିବସ ସ୍ଥାନୀୟ ଗଜପତି ଷ୍ଟାଡିୟମ୍ ଠାରେ ପାଳିତ ହୋଇଯାଇଛି । ଏହି ଦିବସରେ ଜିଲ୍ଲାପାଳ ବିଜୟ କୁମାର ଦାଶ ମୁଖ୍ୟ ଅତିଥି ଭାବରେ ଯୋଗଦେଇଥିବା ବେଳେ ସମ୍ମାନିତ ଅତିଥି ଭାବରେ ଶଙ୍କର କେରକେଟା, ମୁଖ୍ୟ ଉନ୍ନୟନ ଅଧିକାରୀ ତଥା ନିର୍ବାହୀ ଅଧିକାରୀ ଜିଲ୍ଲାପରିଷଦ , ପୃଥ୍ୱୀରାଜ ମଣ୍ଡଳ, ଅତିରିକ୍ତ ନିର୍ବାହୀ ଅଧିକାରୀ ଜିଲ୍ଲାପରିଷଦ ଗଜପତି, ଲକ୍ଷ୍ମଣ କୁମାର ମୁର୍ମୁ, ନିର୍ବାହୀ ଅଧିକାରୀ ପୌରପରିଷଦ ପାରଳାଖେମୁଣ୍ଡି, ଅଶୋକ କୁମାର ପଟ୍ଟନାୟକ, ଜିଲ୍ଲା ପଞ୍ଚାୟତ ଅଧିକାରୀ ଗଜପତି, ସନ୍ତୋଷ କୁମାର ନାୟକ, ଜିଲ୍ଲା ସାମାଜିକ ସୁରକ୍ଷା ଅଧିକାରୀ ଗଜପତି, ରେଣୁକା ପାତ୍ର, ଜିଲ୍ଲା ପରିଷଦ ସଭ୍ୟ ଗୁମ୍ମା, ଦଣ୍ଡ ପାଣି ବଡ଼ମୁଣ୍ଡି, ଜିଲ୍ଲା ପରିଷଦ ସଭ୍ୟ ଆର.ଉଦୟଗିରି ଓ ବ୍ଲକ୍ ଫାଇନାନ୍ସ ଅଫିସର ଗଜେନ୍ଦ୍ର ବେହେରା ପ୍ରମୁଖ ମଞ୍ଚାସୀନ ଥିଲେ । ଏହି ଉତ୍ସବର ପ୍ରାରମ୍ଭରେ କାଶ୍ମିରୀ ପହଲଗାମ ରେ ଆତଙ୍କବାଦୀଙ୍କ ଦ୍ୱାରା ନିହତ ୨୬ ଜଣ ଭାରତୀୟଙ୍କ ଶହୀଦ୍ ଆତ୍ମାର ସଦ୍‌ଗତି ସକାଶେ ନୀରବ ପ୍ରାର୍ଥନା କରାଯାଇଥିଲା । ପରେ ପରେ ମୁଖ୍ୟ ଅତିଥି ତଥା ସମ୍ମାନିତ ଅତିଥି ମାନେ ନିଜ ନିଜ ଅଭିଭାଷଣ କହିଥିଲେ ଯେ ଜିଲ୍ଲାର ସମସ୍ତ ଜନସାଧାରଣ ମିଳିତ ଭାବେ କାର୍ଯ୍ୟ କଲେ ଗ୍ରାମ, ପଞ୍ଚାୟତ ଓ ଜିଲ୍ଲା ବିକାଶ ହୋଇ ପାରିବ । ସେହିପରି ସ୍ୱଚ୍ଛ, ସବୁଜ ପଞ୍ଚାୟତ ଗଠନ କରିବା ନିମନ୍ତେ ସମସ୍ତ ଜନସାଧାରଣ ଏକାଠି ହୋଇ କାମ କରାଇବାକୁ ଅତିଥିମାନେ କହିଥିଲେ ।

ଏହି ଅବସରରେ ଖାଦ୍ୟ ଯୋଗାଣ ଖାଉଟି କଲ୍ୟାଣ ବିଭାଗ ତରଫରୁ ଜିଲ୍ଲାର ୨୩୪ ଜଣଙ୍କୁ ରାସନ୍ କାର୍ଡ ବଣ୍ଟନ କରାଯାଇଛି । ସାମାଜିକ ସୁରକ୍ଷା ଓ ଭିନ୍ନକ୍ଷମ ସଶକ୍ତିକରଣ ବିଭାଗ ତରଫରୁ ଚାରି ଜଣଙ୍କୁ ବିବାହ ପ୍ରୋତ୍ସାହନ ୨ ଲକ୍ଷ ୫୦ ହଜାର ଟଙ୍କା ଲେଖାଏଁ ସହାୟତା ରାଶି ପ୍ରଦାନ କରାଯାଇଛି ।

ଜିଲ୍ଲାରେ ଭଲ ପ୍ରଦର୍ଶନ କରିଥିବା ନଅ ଗୋଟି ଗ୍ରାମ ପଞ୍ଚାୟତକୁ ବେଷ୍ଟ୍ ପୁରସ୍କାର ପ୍ରଦାନ କରାଯାଇଛି, ସେହିପରି ସ୍ୱଚ୍ଛ ଭାରତ ମିଶନ ତରଫରୁ ଗୁମ୍ମା ବ୍ଲକର ରାଗିଡି ଗ୍ରାମ ପଞ୍ଚାୟତକୁ ପ୍ରଥମ ପୁରସ୍କାର ପ୍ରଦାନ କରାଯାଇଛି । ପ୍ରଧାନମନ୍ତ୍ରୀ ଆବାସ ଯୋଜନାରେ ଜିଲ୍ଲାର ତିନି ଗୋଟି ଗ୍ରାମ ପଞ୍ଚାୟତକୁ ପୁରସ୍କାର ପ୍ରଦାନ ଓ ମହାତ୍ମା ଗାନ୍ଧୀ କର୍ମ ନିଯୁକ୍ତି ଯୋଜନାରେ ନୂଆଗଡ ବ୍ଲକକୁ ପୁରସ୍କାରପ୍ରଦାନ କରାଯାଇଛି । ସେହିପରି ମହିଳା ଓ ଶିଶୁ ବିକାଶ ବିଭାଗ ଦ୍ୱାରା ପୋଷଣ ଅଭିଯାନର ଶ୍ରେଷ୍ଠ ପୁଷ୍ଟି ପଞ୍ଚାୟତ ଭାବରେ ମୋହନା ବ୍ଲକର ମୋହନା ପଞ୍ଚାୟତକୁ ପୁରସ୍କାର ସହିତ ୫୦ ହଜାର ଟଙ୍କା ପ୍ରଦାନ କରାଯାଇଛି । ଏହି କାର୍ଯ୍ୟକ୍ରମକୁ ଅଧିକ ଆକର୍ଷଣ କରିବା ନିମନ୍ତେ ସ୍ଥାନୀୟ କଳାକାରମାନଙ୍କ ଦ୍ୱାରା ବିଭିନ୍ନ ସଙ୍ଗୀତ ପରିବେଷଣ କରାଯାଇଥିଲା ।

## ଡାବୁଗାଁ ବ୍ଲକରେ ଜାତୀୟ ପଞ୍ଚାୟତିରାଜ ଦିବସ

ଡାବୁଗାଁ ,୨୫।୪ (ନିପ୍ର):ଡାବୁଗାଁ ବ୍ଲକ ସଦର ମହକୁମା ସ୍ଥିତ କଲ୍ୟାଣୀ ମଣ୍ଡପରେ ଜାତୀୟ ପଞ୍ଚାୟତିରାଜ ଦିବସ ପାଳିତ ହୋଇଯାଇଛି । ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝି ଭିଡ଼ିଓ କନଫରେନ୍ସ ମାଧ୍ୟମରେ ନୂତନ ରେସନ କାର୍ଡ ବଣ୍ଟନ କରିବା ସହ ସୂର୍ଯ୍ୟଦୟ ଘର ଯୋଜନାରେ ହିତାଧିକାରୀଙ୍କୁ ଅର୍ଥ ବଣ୍ଟନ କରିଥିଲେ । କ୍ରୀଡାର ବିକାଶ ପାଇଁ ପ୍ରତ୍ୟେକ ବ୍ଲକରେ ଷ୍ଟାଡିୟମ ନିର୍ମାଣ କରାଯିବା ସହ ପଞ୍ଚାୟତିରାଜ ବିଭାଗକୁ ସୁଦୃଢ଼ କରାଯିବ କହିଥିଲେ । ଏହି ଅବସରେ ଡାବୁଗାଁ ଗୋଷ୍ଠୀ ଉନୟନ ଅଧିକାରୀ ବିଡ଼ିଓ ଶରତ ମାଝୀଙ୍କ ଅଧକ୍ଷତାରେ ଆୟୋଜିତ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଥିଲେ ଡାବୁଗାଁ ବିଧାୟକ ମୋନହର ରନ୍ଧାରୀ । ତତ ସଂଗେ ସାଙ୍ଗେ ଉପସ୍ଥିତି ଥିଲେ ଡାବୁଗାଁ ବ୍ଲକ ଅଧକ୍ଷା ବୀଣା ମାଝୀ, ଉପାଧ୍ୟକ୍ଷ ସଦାନନ୍ଦ ନାୟକ, ଏବିଡ଼ିଓ ପଦ୍ମନବ ତ୍ରିପାଠୀ, ଜିପିଓ ପଦ୍ମନାବ ଭୋଳା ଡାବୁଗାଁ ବିଜେପିର ବରିଷ୍ଠ ନେତା ମାନେ, ୧୨ଗୋଟି ପଞ୍ଚାୟତର ମିଶନଶକ୍ତି ଅଧୀନସ୍ଥ ସମସ୍ତ ଏମବିକେ, ସିଆରପି, ଜିପଏଲଏଫ ସଭାପତି ସମ୍ପାଦିକା ଏବଂ ବ୍ଲକ ଅଧୀନ ବିଭିନ୍ନ ସ୍ୱୟଂ ସହାୟକ ଗୋଷ୍ଠୀର ମହିଳା ମାନେ ତଥା ସମସ୍ତ ଗ୍ରାମପଞ୍ଚାୟତରୁ ଆସିଥିବା ସରପଞ୍ଚ, ସମିତି ସଭ୍ୟ ଓ ବିଭାଗୀୟ ଅଧିକାରୀ ଯୋଗ ଦେଇଥିଲେ ।

# ନିହଲପ୍ରସାଦ ଗାଁରେ ପାନୀୟ ଜଳ ପାଇଁ ହାହାକାର

ଭାପୁର, ୨୫/୦୪(ନିପ୍ର) ବର୍ତ୍ତମାନ ପ୍ରବଳ ଗ୍ରୀଷ୍ମପ୍ରବାହ ସମୟରେ ଭାପୁର ବଜାରବାସୀ ଏବଂ ନିହଲପ୍ରସାଦ ଗ୍ରାମବାସୀଙ୍କ ମଧ୍ୟରେ ଏକ ମାସ ହେଲା ପାନୀୟ ଜଳ ମୁନ୍ଦେ ପାଇଁ ହାହାକର ପଡ଼ିଛି । ନିହଲପ୍ରସାଦ ଗ୍ରାମର ୫୦୦ରୁ ଉର୍ଦ୍ଧ୍ୱ ଗ୍ରାମବାସୀ ଗୋଟିଏ ମାତ୍ର ନଳକୂପ ଉପରେ ନିର୍ଭର କରି ଚଳିଥାଆନ୍ତି । ଅନ୍ୟ ୨ ଗୋଟି ନଳକୂପ, ୨ ଗୋଟି କୂପର ପାଣି ପାନୀୟ ଅନୁପଯୁକ୍ତ ଏବଂ ସୋଲାର ସିଷ୍ଟମ ଅଚଳ ହୋଇଥିବାରୁ ଗୋଟିଏ ନଳକୂପ ଉପରେ ନିର୍ଭର କରି ଚଳୁଥିବାରୁ ବହୁ ସମସ୍ୟା ପରିଲକ୍ଷିତ ହେଉଛି । ଉଲ୍ଲେଖଯୋଗ୍ୟ, ଫତେଗଡ-ଖଣ୍ଡପଡା ରାସ୍ତା ପ୍ରଶସ୍ତିକରଣ କାର୍ଯ୍ୟ ଚାଲିଥିବାବେଳେ ବିଭାଗୀୟ ଠିକାଦାର ଭାପୁର ବଜାର ଉପର ରାସ୍ତାକୁ ଖୋଳିତାଡ଼ି ମାଟି ତଳେ ରହିଥିବା ପାଇପ୍ ଲାଇନ୍‌କୁ କାଟି ଦେଇଥିଲେ । ଫଳରେ, ଭାପୁର ବଜାରର ଏକ ଅଂଶ ଏବଂ ନିହଲପ୍ରସାଦ ଗ୍ରାମବାସୀ ଦୀର୍ଘ ଏକ ମାସ ହେଲା ପାନୀୟ ଜଳରୁ ବଞ୍ଚିତ ହୋଇଛନ୍ତି । ଠିକାଦାର ରାସ୍ତା କାର୍ଯ୍ୟ ଶେଷ କରିସାରିଲାଣି କିନ୍ତୁ ପାଇପ୍ ମରାମତି ହୋଇ ପାରିଲା ନାହିଁ । ନିୟମ ରହିଛି ରାସ୍ତା ପ୍ରଶସ୍ତିକରଣ ସମୟରେ ଭଙ୍ଗା ଯାଇଥିବା ପାଇପଲାଇନ୍‌କୁ ଠିକାଦାର କରିବା କଥା କିନ୍ତୁ, ସେ ମରାମତି ନ କରିବାରୁ ଏକ ମାସ ହେଲା ପ୍ରଚଣ୍ଡ ଗ୍ରୀଷ୍ମ ପ୍ରବାହରେ ଭାପୁର ବଜାରବାସୀ ଏବଂ ନିହଲପ୍ରସାଦ ଗ୍ରାମବାସୀ ପାନୀୟ ଜଳରୁ ବଞ୍ଚିତ ହୋଇଛନ୍ତି । ପାଣି ସମସ୍ୟାକୁ ନେଇ ଦୈନିକ 'ଦିନଲିପି' ମାର୍ଚ୍ଚ ମାସ ୨୯ ତାରିଖ ସଂସ୍କରଣରେ ଖବର ପ୍ରସାରଣ ପରେ ବ୍ଲକ ଜଳ ଓ ପରିମଳ ବିଭାଗ ତରଫରୁ ମରାମତି କାର୍ଯ୍ୟ ପାଇଁ ପଦକ୍ଷେପ ନିଆଯାଇ ମାତ୍ର ଗୋଟିଏ ଦିନ ପାଇଁ ପାଇପ୍ ଯୋଗେ ପାଣି ଛଡାଯାଇଥିଲା ।ତାପରେ ଆଉ ପାଣି ନ ଆସିବାରୁ ବିଭାଗୀୟ ଅଧିକାରୀଙ୍କ ସହିତ ଯୋଗାଯୋଗ କରିବାରେ ଏକ ଯନ୍ତ୍ରାଂଶ ମିଳୁ ନ ଥିବା ଯୋଗୁଁ ବିଳମ୍ବ ହୋଇଛି, ଦିନେ ଦୁଇଦିନ ମଧ୍ୟରେ କାର୍ଯ୍ୟ ସମାପ୍ତ ପରେ ପାନୀୟ ଜଳ ଯୋଗାଣ ସ୍ୱାଭାବିକ ହେବ ବୋଲି ଯନ୍ତ୍ରୀ କହିଥିଲେ । ପାନୀୟ ଜଳ ସମସ୍ୟାକୁ ନେଇ ବିଭାଗୀୟ ଅଧିକାରୀଙ୍କ ଏଯାବତ୍ ନିରବତା ନିହଲପ୍ରସାଦ ଗ୍ରାମବାସୀଙ୍କ ମଧ୍ୟରେ ଉତ୍ତେଜନା ଓ ଅସନ୍ତୋଷ ସୃଷ୍ଟି କରିଛି । ଆଗାମୀ ଦିନରେ ବିସ୍ଫୋରକ ପରିସ୍ଥିତି ସୃଷ୍ଟି ହୋଇ ପାରେ ବୋଲି ଲୋକେ ଚେତାବନୀ ଦେଇଛନ୍ତି ।



CMYK
26 .04.2025 p-5.pmd 1 4/25/2025, 4:42 PM

## ମା' କୋଳରୁ ଖସି ପଡ଼ି ୭ମାସର ଶିଶୁ ମୃତ

ମୁମ୍ବାଇ,୨୫।୪: ମୁମ୍ବାଇ ସଂଲଗ୍ନ ଭିରାରର ପଶ୍ଚିମର ଜୟ ଭିଲା କମ୍ପ୍ଲେକ୍ସର ପିନେକଲ୍ ସୋସାଇଟିରୁ ଏକ ହୃଦୟବିଦାରକ ଘଟଣା ଘଟିଛି। ୨୧ତମ ମହଲାରୁ ପଡ଼ି ଜଣେ ସାତ ମାସର ଶିଶୁର ଦୁଃଖଦ ମୃତ୍ୟୁ ହୋଇଥିବା ଜଣାପଡ଼ିଛି। ସୂଚନାଯୋଗ୍ୟ, ପିନେକଲ୍ ସୋସାଇଟିର ୨୧ତମ ମହଲାରେ ଭିକି ସେଡାନି ଏବଂ ପୂଜା ସେଡାନି ନାମକ ଦମ୍ପତି ବସବାସ କରୁଥିଲେ। ଦୁହେଁ ଗତ ସାତମାସ ପୂର୍ବେ ଏକ ପୁତ୍ର ସନ୍ତାନର ବାପା ଓ ମା' ହେବାର ସୌଭାଗ୍ୟ ପାଇଥିଲେ। ତେବେ ଗତ ବୁଧବାର ରାତିରେ ପୁଅ ବୃଶାଙ୍କ ଶୋଉ ନଥିଲା, ତେଣୁ ପୂଜା ତାକୁ କୋଳରେ ଧରି ମାଷ୍ଟର ବେଡରୁମରେ ବୁଲାଉଥିଲେ। ଏହି ସମୟରେ ପୂଜା ଶୟନ କକ୍ଷ ଭିତରକୁ ପବନ ପ୍ରବେଶ କରିବା ପାଇଁ ସେ ବାଲକୋନିର ସ୍ଲାଇଡିଂ ଝରକା ଖୋଲା ରଖିଥିଲେ। ପୁଅକୁ ଧରି ବୁଲୁଥିବା ବେଳେ ପୂଜାଙ୍କ ଗୋଡ଼ ଅସାବଧାନତା ବଶତଃ ଖସି ଯାଇଥିଲା। ଫଳରେ ପୂଜାଙ୍କ ହାତରୁ ପୁଅ ଖସି ଯାଇ ଖୋଲା ଥିବା ଝରକା ବାଟ ଦେଇ ତଳେ ପଡ଼ି ଯାଇଥିଲା। ଭିକି ଓ ପୂଜା କାନ୍ଦିକାନ୍ଦି ଘଟଣାସ୍ଥଳରେ ପହଞ୍ଚି ପୁଅକୁ ଉଦ୍ଧାର କରି ହସ୍ପିଟାଲରେ ଭର୍ତ୍ତି କରିଥିଲେ କିନ୍ତୁ ଡାକ୍ତର ତାକୁ ମୃତ ଘୋଷଣା କରିଥିଲେ।

## ମୋଦିଙ୍କୁ ନିଶାଣ କଲେ ଶଙ୍କରାଚାର୍ଯ୍ୟ

ନୂଆଦିଲ୍ଲୀ,୨୫।୪: ଜାମ୍ମୁ ଓ କାଶ୍ମୀରର ପହଲଗାମରେ ଘଟିଥିବା ଆତଙ୍କବାଦୀ ଆକ୍ରମଣକୁ ନେଇ ଉତ୍ତରାଖଣ୍ଡର ଜୋଶୀମଠ ଶଙ୍କରାଚାର୍ଯ୍ୟ ସ୍ୱାମୀ ଅବିମୁକ୍ତେଶ୍ୱରାନନ୍ଦ ସରସ୍ୱତୀ ତୀବ୍ର ପ୍ରତିକ୍ରିୟା ଦେଇଛନ୍ତି। ସେ କହିଛନ୍ତି ଯେ, ପାହାଲଗାମ ପାକିସ୍ତାନ ସୀମାନ୍ତରୁ ବହୁ ଦୂରରେ ଅବସ୍ଥିତ। ତେଣୁ ଏହି ଆକ୍ରମଣରେ ପାକିସ୍ତାନର ସମ୍ପୃକ୍ତି ନେଇ ସରକାରଙ୍କ ବୟାନକୁ ସେ ପ୍ରଶ୍ନ କରିଛନ୍ତି। ସୂଚନାଯୋଗ୍ୟ ଯେ, ପାହାଲଗାମରେ ହୋଇଥିବା ଏହି ଆତଙ୍କବାଦୀ ଆକ୍ରମଣରେ ୨୬ ଜଣ ପର୍ଯ୍ୟଟକଙ୍କ ସମେତ ୨୮ ଜଣଙ୍କର ମୃତ୍ୟୁ ଘଟିଥିଲା। ଏହି ଘଟଣା ପରେ ଭାରତ ସରକାର ପାକିସ୍ତାନ ବିରୋଧରେ କଡ଼ା ପଦକ୍ଷେପ ଗ୍ରହଣ କରିଛନ୍ତି। ଭାରତ ସିନ୍ଧୁ ଜଳ ଚୁକ୍ତିକୁ ସ୍ଥଗିତ ରଖିବା ସହ ପାକିସ୍ତାନୀ ନାଗରିକଙ୍କ ପାଇଁ ଭିସା ସେବା ବନ୍ଦ କରିଛି। ଏହାଛଡ଼ା ଅଟାରୀ ସୀମାନ୍ତ ମଧ୍ୟ ବନ୍ଦ କରାଯାଇଛି। ଶଙ୍କରାଚାର୍ଯ୍ୟ କହିଛନ୍ତି ଯେ, ଆତଙ୍କବାଦର ଧର୍ମ ରହିଛି ଏବଂ ଏହାକୁ ଇସଲାମ ସହ ଯୋଡ଼ି ସେ ପାକିସ୍ତାନକୁ ଏହାର ଦାୟୀ ବୋଲି ଅଭିଯୋଗ କରିଛନ୍ତି। ସେ ଆହୁରି କହିଛନ୍ତି ଯେ, ପହଲଗାମ ପରି ଦୂରବର୍ତ୍ତୀ ସ୍ଥାନରେ ଏପରି ଆକ୍ରମଣ ହେବା ଅନେକ ପ୍ରଶ୍ନ ଉଠାଉଛି। ସେ ସରକାରଙ୍କୁ ଏହି ଘଟଣାର ଗଭୀର ତଦନ୍ତ କରିବାକୁ ଅନୁରୋଧ କରିଛନ୍ତି। ଏହି ଆକ୍ରମଣ ପରେ ଭାରତ ଓ ପାକିସ୍ତାନ ମଧ୍ୟରେ ଉତ୍ତେଜନା ବୃଦ୍ଧି ପାଇଛି। ଏନେଇ ପ୍ରଧାନମନ୍ତ୍ରୀ ମୋଦି ଏହି ଆକ୍ରମଣକାରୀଙ୍କୁ କଡ଼ା ଶାସ୍ତି ଦେବାକୁ ପ୍ରତିଶ୍ରୁତି ଦେଇଛନ୍ତି। ଏହି ଘଟଣା ଦେଶରେ ବିଭିନ୍ନ ସ୍ତରରେ ତୀବ୍ର ପ୍ରତିକ୍ରିୟା ସୃଷ୍ଟି କରିଛି। ଶଙ୍କରାଚାର୍ଯ୍ୟଙ୍କ ବୟାନକୁ ନେଇ ମଧ୍ୟ ବିଭିନ୍ନ ମହଲରେ ଚର୍ଚ୍ଚା ଜୋର ଧରିଛି।

## ପହଲଗାମ ଆକ୍ରମଣ: ବିସ୍ଫୋରଣରେ ୨ଲଶ୍କର ଆତଙ୍କବାଦୀଙ୍କ ଘର ଧ୍ୱଂସ

ଶ୍ରୀନଗ. ୨୫।୪: ପହଲଗାମ ଆତଙ୍କବାଦୀ ଆକ୍ରମଣର ମୁଖ୍ୟ ସନ୍ଦିଗ୍ଧ ସମେତ ଦୁଇ ଜଣ ଲସ୍କର-ଏ-ତୈବା ଆତଙ୍କବାଦୀଙ୍କ ଘରରେ ଗଚ୍ଛିତ ଥିବା ବିସ୍ଫୋରକ ସାମଗ୍ରୀ ବିସ୍ଫୋରଣ ହେବା ଫଳରେ ସେମାନଙ୍କ ଘର ଜଳିପୋଡ଼ି ନଷ୍ଟ ହୋଇଯାଇଛି ବୋଲି ଅଧିକାରୀମାନେ କହିଛନ୍ତି। ଗୁରୁବାର ଏବଂ ଶୁକ୍ରବାର ମଧ୍ୟବର୍ତ୍ତୀ ରାତିରେ ଏହି ଘଟଣା ଘଟିଥିଲା। ଯେତେବେଳେ ଦକ୍ଷିଣ କାଶ୍ମୀରର ବିଜବେହାରା ଏବଂ ତ୍ରାଲର ଗୁରି ଗ୍ରାମରେ ସୁରକ୍ଷା ବାହିନୀ ଦ୍ୱାରା ଆଦିଲ ହୁସେନ ଠୋକର ଏବଂ ଆସିଫ ଶେଖଙ୍କ ଘରେ ତଲାସ କରାଯାଉଥିଲା। ସେହି ତଲାସୀ ଅଭିଯାନ ସମୟରେ ସେମାନଙ୍କ ଘରେ ଥିବା ବିପୁଳ ପରିମାଣର ବିସ୍ଫୋରକ ସାମଗ୍ରୀ ମିଳିଥିଲା। ସର୍ଚ୍ଚ ଅପରେସନ ସମୟରେ ଘର ଭିତରେ ବିସ୍ଫୋରକ ସାମଗ୍ରୀ ମିଳିବା ପରେ ସୁରକ୍ଷା ବାହିନୀ ଘରର ବାସିନ୍ଦା ଏବଂ ପଡ଼ୋଶୀମାନଙ୍କୁ ନିରାପଦ ସ୍ଥାନକୁ ସ୍ଥାନାନ୍ତର କରିବାକୁ ବାଧ୍ୟ ହୋଇଥିଲା। ବିସ୍ଫୋରଣରେ ଉଭୟ ଘର କ୍ଷତିଗ୍ରସ୍ତ ହୋଇଥିଲା, ଯାହା ଫଳରେ ସେଗୁଡ଼ିକ ଧ୍ୱଂସ ହୋଇଯାଇଥିଲା ବୋଲି ଅଧିକାରୀମାନେ କହିଛନ୍ତି। ଦକ୍ଷିଣ କାଶ୍ମୀରର ଅନନ୍ତନାଗ ଜିଲ୍ଲାର ବାସିନ୍ଦା ଥୋକର ମଙ୍ଗଳବାର ପହଲଗାମ ହତ୍ୟାକାଣ୍ଡର ଜଣେ ପ୍ରମୁଖ ଅଭିଯୁକ୍ତ ପୁଲୱାମା ଜିଲାର ତ୍ରାଲର ବାସିନ୍ଦା ଶେଖ ଆକ୍ରମଣର ଷଡ଼ଯନ୍ତ୍ରରେ ସାମିଲ ଥିବା ସନ୍ଦେହ କରାଯାଉଛି।

## ନ୍ୟାସନାଲ ହେରାଲ୍ଡ ମାମଲାରେ ସୋନିଆ ଓ ରାହୁଲଙ୍କୁ ଆଶ୍ୱସ୍ତି

ନୂଆଦିଲ୍ଲୀ ୨୫।୪: ନ୍ୟାସନାଲ ହେରଲ୍ଡ ମାମଲାରେ ଦିଲ୍ଲୀର ଏକ କୋର୍ଟ ଶୁକ୍ରବାର ପ୍ରବର୍ତ୍ତନ ନିର୍ଦ୍ଦେଶାଳୟ (ଇଡି)କୁ ଝଟକା ଦେଇଛନ୍ତି। କୋର୍ଟ ସୋନିଆ ଗାନ୍ଧି ଓ ରାହୁଲ ଗାନ୍ଧିଙ୍କୁ ତତ୍କାଳ ନୋଟିସ୍ ଜାରି କରିବାକୁ ମନା କରିଦେଇଛନ୍ତି। ଏ ନେଇ ଇଡି ଏକ ପିଟିସନ ଦାୟର କରି କହିଥିଲେ ଯେ ଅଭିଯୁକ୍ତଙ୍କୁ ନ ଶୁଣି ଅଭିଯୋଗର ସଂଜ୍ଞାନ ନିଆଯାଇ ନପାରେ। ଏଣୁ ତଦନ୍ତକାରୀ ସଂସ୍ଥାନ ଉଭୟଙ୍କୁ ପଚରା ଉଚରା ନିମନ୍ତେ ନୋଟିସ୍ ଜାରି କରିବାକୁ କୋର୍ଟଙ୍କୁ ନିବେଦନ କରିଥିଲେ। ଇଡି ଆବେଦନରେ କୁହାଯାଇଥିଲା ଯେ ପିଏମଏଲଏର ପ୍ରାବଧାନ ଅନୁସାରେ ଅଭିଯୁକ୍ତଙ୍କୁ ନ ଶୁଣି ଅଭିଯୋଗର ସଂଜ୍ଞାନ ନିଆଯାଇ ପାରିବ ନାହିଁ। ଏଣୁ ଏଜେନ୍ସିର ଅଭିଯୋଗ ଫର୍ଦ୍ଦରେ ସୋନିଆ ଗାନ୍ଧି ଓ ରାହୁଲ ଗାନ୍ଧିଙ୍କୁ ଯଥାକ୍ରମେ ଅଭିଯୁକ୍ତ ନମ୍ବର ୧ ଓ ୨ କରାଯାଇଛି। ଇଡି କୋର୍ଟଙ୍କୁ କହିଥିଲେ ଯେ ଆମେ ଚାହୁଁନା ଏହି ମାମଲା ଦୀର୍ଘ ହେଉ। ଏଣୁ ସେମାନଙ୍କୁ ନୋଟିସ୍ ଜାରି କରାଯାଉ। ତେବେ ସ୍ୱତନ୍ତ୍ର ଜଜ୍ ବିଶାଳ ଗୋଗ୍ନେ କହିଛନ୍ତି ଯେ କୋର୍ଟ ଏ କଥାରେ ସନ୍ତୁଷ୍ଟ ନୁହନ୍ତି ଯେ ଅଭିଯୁକ୍ତଙ୍କୁ ନୋଟିସ୍ ଜାରି କରିବା ଜରୁରି। କୋର୍ଟଙ୍କୁ ଦେଖିବାର କଥା ଯେ ଏଜେନ୍ସିର ଅଭିଯୋଗ ଫର୍ଦ୍ଦରେ ଯେପରି କୌଣସି ଅଭାବ ନଥାଏ।

## ପାକିସ୍ତାନରେ ଭୟଙ୍କର ବିସ୍ଫୋରଣ; ୪ ଯବାନ ସହିଦ

ନୂଆଦିଲ୍ଲୀ,୨୫।୪: ପାକିସ୍ତାନର କ୍ୱେଟାର ମାର୍ଗେଟ୍ କ୍ଷେତ୍ରରେ ଭୟଙ୍କର ବିସ୍ଫୋରଣ । ଏହି ବ୍ଲାଷ୍ଟରେ ଫ୍ରଣ୍ଟିୟର କାଂଷ୍ଟେବୁଲାରୀର ୪ଜଣ ଯବାନ ସହିଦ ହୋଇଛନ୍ତି । ସେହିପରି ଏଥିରେ ୩ଜଣ ଗୁରୁତର ଭାବେ ଆହତ ହୋଇଛନ୍ତି । ସେମାନଙ୍କୁ ନିକଟସ୍ଥ ହସ୍ପିଟାଲରେ ଭର୍ତ୍ତି କରାଯାଇଛି । ଏହି ବିସ୍ଫୋରଣ ପାକିସ୍ତାନର ଏକ ସୁରକ୍ଷା ବାହାନ ନିକଟରେ ହୋଇଛି । ଏହାକୁ ଖୈବର ପଖତୁନଖ୍ୱା ଏବଂ ବେଲୁଚିସ୍ତାନ ଆତଙ୍କବାଦୀ ଗୋଷ୍ଠୀ କରିଥିବା ନେଇ କୁହାଯାଉଛି। ହନଡ୍ର ଉରକର ଏସଏଚଓ ନବୀଦ୍ ଅଖତର ପାକିସ୍ତାନୀ ନ୍ୟୁଜ୍ ପେପର ଡନ୍ କହିଛନ୍ତି, କ୍ୱେଟାର ମାର୍ଗେଟ୍ କ୍ଷେତ୍ରରେ ଏହି ଆକ୍ରମଣ ହୋଇଛି । ବମ୍ ନିରୋଧକ ଟିମ୍ ଗାଡ଼ିରେ ଯାଉଥିବା ବେଳେ ଆଇଇଡି ଦ୍ୱାରା ତାଙ୍କୁ ଟାର୍ଗେଟ୍ କରାଯାଇଥିଲା । ଏଥିରେ ୪ଜଣ ଯବାନଙ୍କ ମୃତ୍ୟୁ ହୋଇଛି । ତେବେ ଏହି ବିସ୍ଫୋରଣକୁ ଏଯାଏଁ କୌଣସି ସଂଗଠନ ନିଜ ଉପରକୁ ନେଇ ନାହାନ୍ତି । ହେଲେ ବେଲୁଚି ବିଚ୍ଛିନ୍ନତାବାଦୀଙ୍କୁ ବିସ୍ଫୋରଣ ନେଇ ସନ୍ଦେହ କରାଯାଉଛି । ବେଲୁଚି ବିଚ୍ଛିନ୍ନତାବାଦୀ ଦେଶ ବିଭିନ୍ନ ସ୍ଥାନରେ ବିଶେଷ କରି ସୁରକ୍ଷାବଳ ଓ ପାକିସ୍ତାନ ନାଗରିକଙ୍କୁ ଟାର୍ଗେଟ୍ କରୁଛନ୍ତି । ପାକିସ୍ତାନ ଗୃହମନ୍ତ୍ରୀ ମୋହସିନ୍ ନକବୀ ବୋମା ବିସ୍ଫୋରଣ ଘଟଣାକୁ ନିନ୍ଦା କରିଛନ୍ତି ଏବଂ ସହିଦ ହୋଇଥିବା ଯବାନଙ୍କୁ ଶ୍ରଦ୍ଧାଞ୍ଜଳି ଜଣାଇଛନ୍ତି । ଗୁରୁବାର ମଧ୍ୟ ବିସ୍ଫୋରଣ ହୋଇଥିଲା ।

### ଭାରତ-ପାକିସ୍ତାନକୁ ଜାତିସଂଘର ପରାମର୍ଶ

# ଅଧିକ କ୍ଷତି ହେବାକୁ ନ ଦେଇ ସଂଯମତା ରଖ



ନୂଆଦିଲ୍ଲୀ,୨୫।୪: ଭାରତ ଓ ପାକିସ୍ତାନ ମଧ୍ୟରେ ଟେନସନ ବଢୁଥିବା ବେଳେ ଚିନ୍ତା ପ୍ରକଟ କରିଛି ଜାତିସଂଘ। ଜାତିସଂଘର ସେକ୍ରେଟେରୀ ଜେନେରାଲ୍ ଆଣ୍ଟୋନିଓ ଗୁଟେରେସଙ୍କ ପକ୍ଷରୁ ଉଭୟ ଦେଶକୁ ସଂଯମତା ରକ୍ଷା କରିବାକୁ ପରାମର୍ଶ ଦିଆଯାଇଛି। ଏନେଇ ତାଙ୍କ ପ୍ରବକ୍ତା କହିଛନ୍ତି ଯେ ଅତି ନିକଟରୁ ଏବଂ ଅତ୍ୟନ୍ତ ଚିନ୍ତାର ସହିତ ଆମେ ନିବେଦନ କରୁଛି। ଉଭୟ ସରକାରଙ୍କୁ ଅଧିକରୁ ଅଧିକ ସଂଯମତା ଅବଲମ୍ବନ ଆହୁରି ଅବନତି ହେବାରୁ ଦୂରେଇ ରହିବାକୁ ଆମେ ନିବେଦନ କରୁଛୁ ବୋଲି ସେ କହିଛନ୍ତି। ତେବେ ପହଲଗାମ ଆତଙ୍କବାଦୀ ଘଟଣାକୁ ଗୁଟେରେସଙ୍କ ପ୍ରବକ୍ତା ଷ୍ଟିଫେନ ଡୁଜାରିକ କଡ଼ା ନିନ୍ଦା କରିଛନ୍ତି। ସେ କହିଛନ୍ତି "୨୨ ତାରିଖ ଦିନ ଜାମ୍ମୁ ଏବଂ କାଶ୍ମୀରରେ ଘଟିଥିବା ଆତଙ୍କବାଦୀ ଆକ୍ରମଣକୁ ଆମେ ସ୍ପଷ୍ଟ ନିନ୍ଦା କରୁଛୁ। ଏଥିରେ ବହୁ ସଂଖ୍ୟକ ସାଧାରଣ ନାଗରିକଙ୍କ ମୃତ୍ୟୁ ହୋଇଛି।" ଗୁରୁବାର ସାମ୍ବାଦିକ ସମ୍ମିଳନୀକୁ ସୂଚନା ଦେଇ ସେ ଏପରି କହିଛନ୍ତି। ପହଲଗାମ ଆତଙ୍କବାଦୀ ଆକ୍ରମଣରେ ୨୬ ଜଣ ସାଧାରଣ ନାଗରିକଙ୍କ ମୃତ୍ୟୁ ପରେ ବଢୁଥିବା ଉତ୍ତେଜନା ମଧ୍ୟରେ ଗୁଟେରେସ୍ ଭାରତ ଏବଂ ପାକିସ୍ତାନ ସରକାରଙ୍କ ସହିତ କୌଣସି ଯୋଗାଯୋଗ କରିଛନ୍ତି କି ନାହିଁ ବୋଲି ଡୁଜାରିକଙ୍କୁ ପ୍ରଶ୍ନ କରାଯାଇଥିଲା। ଉତ୍ତରରେ ସେ କହିଛନ୍ତି ଯେ ଗୁଟେରେସ୍ କୌଣସି ସିଧାସଳଖ ଯୋଗାଯୋଗ କରି ନାହାଁନ୍ତି, କିନ୍ତୁ ଘଟଣା ଉପରେ ବହୁତ ନିକଟରୁ ଏବଂ ବହୁତ ଚିନ୍ତାର ସହିତ ସେ ନଜର ରଖିଛନ୍ତି। ଏବଂ ଦୁଇ ଦେଶକୁ ସଂଯମତା ରକ୍ଷା କରି କରି ପରିସ୍ଥିତି ଖରାପ ନ କରିବାକୁ ପରାମର୍ଶ ଦେଇଛନ୍ତି। ଡୁଜାରିକ କହିଛନ୍ତି ଯେ 'ପାକିସ୍ତାନ ଏବଂ ଭାରତ ମଧ୍ୟରେ ଯେକୌଣସି ସମସ୍ୟା ଅର୍ଥପୂର୍ଣ୍ଣ ପାରସ୍ପରିକ ସମ୍ପର୍କ ମାଧ୍ୟମରେ ଶାନ୍ତିପୂର୍ଣ୍ଣ ଭାବରେ ସମାଧାନ ହୋଇପାରିବ ବୋଲି ଆମେ ବିଶ୍ୱାସ କରୁ। ଏବଂ ଏହା ହେବା ଉଚିତ।' ପାକିସ୍ତାନ ସହିତ ସିନ୍ଧୁ ଜଳ ଚୁକ୍ତିନାମାକୁ ସ୍ଥଗିତ ରଖିବାର ଭାରତର ନିଷ୍ପତ୍ତିକୁ ଡୁଜାରିକ୍ କହିଛନ୍ତି, 'ମୁଁ ଭାବୁଛି ଏହା ଆମର ଅପିଲ ମଧ୍ୟରେ ରହିବ ଯେ ଆମେ ଅଧିକରୁ ଅଧିକ ସଂଯମତା ରକ୍ଷା କରିବା, ଏମିତି କୌଣସି କାର୍ଯ୍ୟାନୁଷ୍ଠାନ ନେବା ନାହିଁ ଯେଉଁଥିରେ ସ୍ଥିତି ଆହୁରି ବଢ଼ିବ ଓ ଉତ୍ତେଜନାପୂର୍ଣ୍ଣ ସ୍ଥାନରେ ଉତ୍ତେଜନା ଆହୁରି ବଢ଼ିବ।' ଏହା ପୂର୍ବରୁ ପହଲଗାମ ଘଟଣାକୁ ଗୁଟେରେସ କଡ଼ା ନିନ୍ଦା ପ୍ରକାଶ କରିଥିଲେ। ଯେକୌଣସି ପରିସ୍ଥିତିରେ ସାଧାରଣ ନାଗରିକଙ୍କ ଉପରେ ଆକ୍ରମଣ ଗ୍ରହଣୀୟ ନୁହେଁ ବୋଲି କହିଥିଲେ।

## ପହଲଗାମ ଘଟଣାର ଅପରାଧୀଙ୍କୁ ଖୋଜିବାରେ ଆମେ ଭାରତ ସହ ଅଛୁ: ଆମେରିକା ଗୁଇନ୍ଦା ମୁଖ୍ୟ

ୱାଶିଂଟନ,୨୫।୪: ଆତଙ୍କବାଦୀଙ୍କୁ ଖୋଜି ଖୋଜି ଦଣ୍ଡ ଦେବୁ ବୋଲି ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଘୋଷଣା କରିବା ପରେ ଭାରତକୁ ସମର୍ଥନ ଜଣାଇଲା ଆମେରିକା। ଶୁକ୍ରବାର ଏନେଇ ଆମେରିକା ଗୁଇନ୍ଦା ମୁଖ୍ୟ ତୁଳସୀ ଗବାର୍ଡ ଘୋଷଣା କରିଛନ୍ତି। ଜାମ୍ମୁ ଓ କାଶ୍ମୀରର ପହଲଗାମରେ ୨୬ ଜଣ ନିର୍ଦ୍ଦୋଷ ପର୍ଯ୍ୟଟକଙ୍କୁ ହତ୍ୟା କରିଥିବା ପ୍ରତ୍ୟେକ ଆତଙ୍କବାଦୀ ଏବଂ ସେମାନଙ୍କ ସମର୍ଥକଙ୍କୁ ଭାରତ ଚିହ୍ନଟ କରିବ। ସେମାନଙ୍କୁ ଖୋଜିବାହାର କରି ଦଣ୍ଡ ଦେବ ବୋଲି ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ବିହାରର ଏକ ରାଲିରେ ଯୋଗ ଦେଇ ଘୋଷଣା କରିଥିଲେ। ଏହି ଘୋଷଣା ପରେ ଭାରତ ଓ ପାକିସ୍ତାନରେ ଟେନସନ ବଢ଼ିଯାଇଛି। ଏହାରି ଭିତରେ ଶୁକ୍ରବାର ଆମେରିକୀୟ ଗୁଇନ୍ଦା ମୁଖ୍ୟ ତୁଳସୀ ଗବାର୍ଡ ଇସଲାମବାଦୀ ଆତଙ୍କବାଦୀ ଆକ୍ରମଣକୁ ନିନ୍ଦା କରିଛନ୍ତି। ଏବଂ ଅପରାଧୀଙ୍କୁ ଖୋଜିବାରେ ଆମେରିକା ଭାରତକୁ ସମର୍ଥନ କରିବ ବୋଲି ତୁଳସୀ କହିଛନ୍ତି। ଏନେଇ



ତୁଳସୀ ଟ୍ୱିଟ୍ କରି କହିଛନ୍ତି 'ପହଲଗାମରେ ୨୬ ଜଣ ହିନ୍ଦୁଙ୍କୁ ଟାର୍ଗେଟ କରି ହତ୍ୟା କରାଯାଇଥିବା ଭୟଙ୍କର ଇସଲାମିକ ଆତଙ୍କବାଦୀ ଆକ୍ରମଣ ପରେ ଆମେ ଭାରତ ସହିତ ଏକ ହେଇ ଛିଡ଼ା ହୋଇଛୁ। ପ୍ରିୟଜନଙ୍କୁ ହରାଇଥିବା ପୀଡ଼ିତ ପରିବାର, ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଓ ଭାରତର ସମସ୍ତ ଲୋକଙ୍କ ପ୍ରତି ମୁଁ ଗଭୀର ସମବେଦନା ଜଣାଉଛି। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଏବଂ ଭାରତର ସମସ୍ତ ଲୋକଙ୍କ ସହିତ। ଏହି ଜଘନ୍ୟ ଆକ୍ରମଣ ପାଇଁ ଦାୟୀ ଲୋକଙ୍କୁ ଖୋଜି ବାହାର କରିବାରେ ଆମେ ଆପଣଙ୍କ ସହିତ ଅଛୁ ଏବଂ ଆପଣଙ୍କୁ ସମର୍ଥନ କରୁଛୁ।' ଏହା ପୂର୍ବରୁ ପହଲଗାମ ଆତଙ୍କବାଦୀ ଆକ୍ରମଣ ଘଟଣା ନେଇ ଜଣେ ପାକିସ୍ତାନୀ ସାମ୍ବାଦିକଙ୍କ ପ୍ରଶ୍ନର ଉତ୍ତର ଦେବାକୁ ମନା କରିଦେଇଥିଲେ ଆମେରିକା ବୈଦେଶିକ ମନ୍ତ୍ରଣାଳୟ ପ୍ରବକ୍ତା ଟମି ବ୍ରୁସ୍। ଏନେଇ ବ୍ରୁସ କହିଥିଲେ "ରାଷ୍ଟ୍ରପତି ଟ୍ରମ୍ପ ଏବଂ ବୈଦେଶିକ ମନ୍ତ୍ରୀ ମାର୍କୋ ରୁବିଓ ସ୍ପଷ୍ଟ କରିଛନ୍ତି ଯେ, ଆମେରିକା ଭାରତ ସହିତ ଠିଆ ହୋଇଛି, ସମସ୍ତ ଆତଙ୍କବାଦ କାର୍ଯ୍ୟର ଦୃଢ଼ ନିନ୍ଦା କରୁଛି। ପ୍ରାଣ ହରାଇଥିବା ଲୋକଙ୍କ ପାଇଁ ପ୍ରାର୍ଥନା କରୁଛୁ ଏବଂ ଆହତମାନଙ୍କ ଆରୋଗ୍ୟ କାମନା କରୁଛୁ। ଏହି ଘୃଣ୍ୟ କାର୍ଯ୍ୟ ଘଟାଇଥିବା ଦୋଷୀଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ପାଇଁ ଆହ୍ୱାନ କରୁଛୁ।"

## ଶ୍ରୀନଗରରେ ପହଲଗାମ ପୀଡ଼ିତଙ୍କୁ ଭେଟିଲେ ରାହୁଲ ସମାଜକୁ ଖଣ୍ଡ ଖଣ୍ଡ କରିବାକୁ ଚାହୁଁଛନ୍ତି ଆତଙ୍କବାଦୀ

ଶ୍ରୀନଗର ୨୫।୪: ପହଲଗାମରେ ଆତଙ୍କବାଦୀଙ୍କ ଗୁଳିକାଣ୍ଡ ପରେ ବିରୋଧୀଦଳ ନେତା ରାହୁଲ ଗାନ୍ଧି ଶୁକ୍ରବାର ଜାମ୍ମୁ-କାଶ୍ମୀର ଗସ୍ତ କରିଛନ୍ତି। ଏହି ଗସ୍ତ ଅବସରରେ ସେ ଗୁଳିକାଣ୍ଡ ପୀଡ଼ିତଙ୍କୁ ମଧ୍ୟ ଭେଟିଛନ୍ତି। ରାହୁଲ ଗାନ୍ଧି କହିଛନ୍ତି ଯେ ଆତଙ୍କବାଦୀଙ୍କ ଉଦ୍ଦେଶ୍ୟ ସମାଜକୁ ଭାଗଭାଗ କରିବା, ତେବେ ଆମେ ଆତଙ୍କବାଦୀଙ୍କୁ ସଫଳ ହେବାକୁ ଦେବାନି। ମୁଁ ସମସ୍ତଙ୍କୁ କହିବାକୁ ଚାହୁଁଛି ସାରା ଦେଶ ଏବେ ଏକାଠି ଛିଡା ହୋଇଛି। ଯାହା କିଛି ବି ହୋଇଛି ଏହା ପଛରେ ସମାଜକୁ ବାଣ୍ଟିବାର ଉଦ୍ଦେଶ୍ୟ ରହିଛି। ରାହୁଲ ଗାନ୍ଧି କହିଛନ୍ତି ଯେ ଏହା ଦେଖି ଦୁଃଖ ଲାଗୁଛି କିଛି ଲୋକେ ଜାମ୍ମୁ-କାଶ୍ମୀରରେ ଆମ ଭାଇ, ଭଉଣୀଙ୍କ ଉପରେ ଆକ୍ରମଣ କରୁଛନ୍ତି। ସେ କହିଛନ୍ତି ମୁଁ ଆହତଙ୍କ ମଧ୍ୟରୁ ଜଣେ ପୀଡ଼ିତଙ୍କୁ ଭେଟିଛି ଏହା ସହିତ ଜାମ୍ମୁ-କାଶ୍ମୀର ମୁଖ୍ୟମନ୍ତ୍ରୀ ଉମର ଅବଦୁଲ୍ଲା ଓ ଲେଫ୍ଟନାଣ୍ଟ ଗଭର୍ଣ୍ଣର ମନୋଜ ସିହ୍ନାଙ୍କୁ ଭେଟିଛି। ରାହୁଲ କହିଛନ୍ତି ଯେ ଯେଉଁମାନେ ଏହି ଘଟଣାରେ ନିଜ ପ୍ରିୟଜନମାନଙ୍କୁ ହରାଇଛନ୍ତି ସେମାନଙ୍କ ପାଇଁ ମୁଁ ଗଭୀର ସମବେଦନା ଜଣାଉଛି। ସେ କହିଛନ୍ତି ଯେ ଗତକାଲି



ସରକାରଙ୍କ ସହିତ ଆମର ବୈଠକ ହୋଇଥିଲା। ଏଥିରେ ସରକାର ଯାହା ବି ପଦକ୍ଷେପ ନେବେ ସେଥି ପାଇଁ ଆମେ ସମର୍ଥନ କରିବୁ ବୋଲି ପ୍ରତିଶ୍ରୁତି ଦେଇଛୁ। ତେବେ ରାହୁଲ କହିଛନ୍ତି ମୁଁ ଏଠାକୁ ଏହା ଜାଣିବାକୁ ଆସିଛି ଏଠାରେ ବାସ୍ତବରେ ହେଉଛି କ'ଣ ?ଜାମ୍ମୁ-କାଶ୍ମୀରର ସବୁ ଲୋକେ ଏହି ଘଟଣାକୁ ନିନ୍ଦା କରୁଛନ୍ତି ଓ ସେମାନଙ୍କୁ ପୂରା ଦେଶ ସମର୍ଥନ କରୁଛି। ମୁଁ ସମସ୍ତଙ୍କୁ କହିବାକୁ ଚାହୁଁଛି ଘଟଣାରେ ପୂରା ଦେଶ ଏକଜୁଟ ହୋଇ ଛିଡା ହୋଇଛି। ତେବେ ଏହା ବହୁତ ଗୁରୁତ୍ୱପୂର୍ଣ୍ଣ ଯେ ପ୍ରତ୍ୟେକ ଭାରତୀୟ ଏକଜୁଟ ହୁଅନ୍ତୁ, ଏକାଠି ଛିଡା ହୁଅନ୍ତୁ ଯାହା ଦ୍ୱାରା ଆତଙ୍କବାଦୀଙ୍କ ଦ୍ୱାରା କରାଯାଉଥିବା ପ୍ରୟାସକୁ ଆମେ ବିଫଳ କରିପାରିବା।

## ଭାରତ-ପାକିସ୍ତାନ ମଧ୍ୟରେ ମଧ୍ୟସ୍ଥତା କରିବାକୁ ପ୍ରସ୍ତାବ ଦେଲା ଇରାନ

ନୂଆଦିଲ୍ଲୀ,୨୫।୪: ପହଲଗାମ ଆତଙ୍କବାଦୀ ଆକ୍ରମଣ ଘଟଣା ପରେ ଭାରତ ଓ ପାକିସ୍ତାନ ମଧ୍ୟରେ ଉତ୍ତେଜନା ଚରମ ସୀମାରେ ପହଞ୍ଚିଛି। ଯୁଦ୍ଧ ଆସନ୍ନ ପ୍ରାୟ ମନେ କରି ସାରା ବିଶ୍ୱ ବର୍ତ୍ତମାନ ଭାରତ ଓ ପାକିସ୍ତାନ ଉପରେ ନଜର ରଖିଛି। ଟେନସନ କମ କରି ଯଥା ସମ୍ଭବ ସଂଯମତା ରକ୍ଷା କରିବାକୁ ଜାତି ସଂଘ ସାଧାରଣ ସମ୍ପାଦକ ଆଣ୍ଟୋନିଆ ଗୁଟେରେସ ଉଭୟ ଦେଶକୁ ପରାମର୍ଶ ଜାରି କରିଥିବା ବେଳେ ଆମେରିକା କିନ୍ତୁ ଭାରତକୁ ପୂର୍ଣ୍ଣ ସମର୍ଥନ ଘୋଷଣା କରିଛି। ଏମିତିକି ଆତଙ୍କବାଦୀଙ୍କୁ ଖୋଜି ବାହାର କରିବାକୁ ଭାରତ ଆମେରିକା ଭାରତକୁ ସହଯୋଗ କରିବ ବୋଲି ଏହାର ଗୁଇନ୍ଦା ମୁଖ୍ୟ ତୁଳସୀ ଗବାର୍ଡ ଘୋଷଣା କରିଛନ୍ତି। ଏହାରି ଭିତରେ ଯୁଦ୍ଧ ଆଶଙ୍କାକୁ ନେଇ ଇରାନ ମଧ୍ୟସ୍ଥତାର ପ୍ରସ୍ତାବ ଦେଇଛି। ଦୁଇ ଦେଶ ମଧ୍ୟରେ ଟେନସନକୁ ଦୂର କରିବାକୁ ଇରାନ ମଧ୍ୟସ୍ଥତା କରିବାକୁ ରାଜି ଅଛି ବୋଲି କହିଛି। ଏନେଇ ଶୁକ୍ରବାର ଇରାନ ବୈଦେଶିକ ମନ୍ତ୍ରୀ ସୈୟଦ ଆବାସ ଆରାଘଚି ଅଞ୍ଚଳରେ ଶାନ୍ତି ପ୍ରତିଷ୍ଠାକୁ ଗୁରୁତ୍ୱ ଦେଇଛନ୍ତି। ଭାରତ ଏବଂ ପାକିସ୍ତାନକୁ 'ଭ୍ରାତୃପଡ଼ୋଶୀ' ବୋଲି କହିବା ସହିଦ ଦୁଇ ଦେଶକୁ ତେହେରାନ ସର୍ବୋଚ୍ଚ ପ୍ରାଥମିକତା ଦିଏ ବୋଲି କହିଛନ୍ତି। ଏନେଇ ଆରଘଚି ଟ୍ୱିଟ୍ କରି ଲେଖିଛନ୍ତି "ଭାରତ ଏବଂ ପାକିସ୍ତାନ ଇରାନର ଭାଇଚାରା ଭଳି ପଡ଼ୋଶୀ, ଆମମାନଙ୍କ ମଧ୍ୟରେ ଶତାଧିକ ବର୍ଷ ପୁରୁଣା ସାଂସ୍କୃତିକ ଏବଂ ସଭ୍ୟତାଗତ ସମ୍ପର୍କ ରହିଛି। ଅନ୍ୟ ପଡ଼ୋଶୀମାନଙ୍କ ପରି, ଆମେ ସେମାନଙ୍କୁ ଆମର ସର୍ବୋପରି ପ୍ରାଥମିକତା ବୋଲି ମାନୁ। ତେଣୁ ତେହେରାନ ଏହି ଘଡ଼ସନ୍ଧି ମୁହୂର୍ତ୍ତରେ ବୁଝାମଣା କରାଇବା ପାଇଁ ପ୍ରସ୍ତୁତ ଅଛି।" ଏହାପରେ ଆରଘଚି ପାରସ୍ୟ କବି ସାଦିଙ୍କର କିଛି କୋଟକୁ ଉଦ୍ଧୃତ କରିଥିଲେ। ଯେଉଁଥିରେ ସେ ମାନବୀୟ ସଂଯୋଗ, ସହାନୁଭୂତି, ସଂହତି ଏବଂ କରୁଣାର ବାର୍ତ୍ତା ଦେବାକୁ ଚେଷ୍ଟା କରିଥିଲେ।

## ବିଏସ୍ଏଫ ଯବାନଙ୍କୁ ମୁକୁଳାଇବା ପାଇଁ ଉଦ୍ୟମ କେନ୍ଦ୍ର ଗୃହ ସଚିବଙ୍କୁ ଭେଟିଲେ ବିଏସଏଫ ଡିଜି

ନୂଆଦିଲ୍ଲୀ,୨୫।୪: ପହଲଗାମ ଆତଙ୍କୀ ଆକ୍ରମଣ ପରେ, ଭାରତ ସରକାର ଆକ୍ସନ ମୋଡରେ ଅଛନ୍ତି। ଏପରିକି ପାକିସ୍ତାନୀ ରେଞ୍ଜର୍ସଙ୍କ ଦ୍ୱାରା ଅଟକ ବିଏସଏଫ ଯବାନଙ୍କୁ ମୁକୁଳାଇବାକୁ ଭାରତ ସରକାରଙ୍କ ପକ୍ଷରୁ ଉଦ୍ୟମ ଜାରି ରହିଛି। ପାକିସ୍ତାନୀ ରେଞ୍ଜର୍ସଙ୍କ ସହ ବିଏସଏଫର ତୃତୀୟ ଫ୍ଲାଗ ବୈଠକ ଅନୁଷ୍ଠିତ ହୋଇଯାଇଛି। ଏପରିକି ବିଏସ୍ଏଫ ଡିଜି କେନ୍ଦ୍ର ଗୃହ



ସଚିବଙ୍କୁ ଭେଟିଛନ୍ତି। ଅନ୍ୟପକ୍ଷେ ଭାରତୀୟ ସେନା ମୁଖ୍ୟ ଜେନେରାଲ ଉପେନ୍ଦ୍ର ଦ୍ୱିବେଦୀ ସୁରକ୍ଷା ପରିସ୍ଥିତି ସମୀକ୍ଷା କରିବା ପାଇଁ ଶୁକ୍ରବାର ଶ୍ରୀନଗରରେ ପହଞ୍ଚିଛନ୍ତି। ସେନାର ଶୀର୍ଷ କମାଣ୍ଡର ତାଙ୍କୁ ଘାଟି ଏବଂ ନିୟନ୍ତ୍ରଣ ରେଖାରେ ସୁରକ୍ଷାବାହିନୀ ଦ୍ୱାରା ନିଆଯାଇଥିବା ଆତଙ୍କବାଦ ବିରୋଧୀ ପଦକ୍ଷେପ ବିଷୟରେ ଅବଗତ କରାଇଛନ୍ତି। ସୂଚନାଯୋଗ୍ୟ, ମଙ୍ଗଳବାର ପ୍ରତିରକ୍ଷା ମନ୍ତ୍ରୀ ରାଜନାଥ ସିଂହ ଦେଶର ସୁରକ୍ଷା ପରିସ୍ଥିତି ସମୀକ୍ଷା କରିବା ପାଇଁ ପ୍ରତିରକ୍ଷା ମୁଖ୍ୟ , ତିନି ସେନା ମୁଖ୍ୟ ଏବଂ ଜାତୀୟ ସୁରକ୍ଷା ପରାମର୍ଶଦାତା ଅଜିତ ଡୋଭାଲଙ୍କ ସହିତ ଏକ ଗୁରୁତ୍ୱପୂର୍ଣ୍ଣ ବୈଠକ କରିଥିଲେ। ସେନା ମୁଖ୍ୟ ଜେନେରାଲ ଉପେନ୍ଦ୍ର ଦ୍ୱିବେଦୀ ଏବଂ ନୌସେନା ମୁଖ୍ୟ ଆଡମିରାଲ ଦିନେଶ ତ୍ରିପାଠି ପହଲଗାମ ଏବଂ ସମଗ୍ର ଜମ୍ମୁ କଶ୍ମୀରର ସୁରକ୍ଷା ପରିସ୍ଥିତି ବିଷୟରେ ପ୍ରତିରକ୍ଷା ମନ୍ତ୍ରୀଙ୍କୁ ଅବଗତ କରାଇଥିଲେ। ସେ କହିଛନ୍ତି ଯେ ସୁରକ୍ଷା ବାହିନୀକୁ ସତର୍କ କରାଯାଇଛି ଏବଂ ଆତଙ୍କବାଦୀଙ୍କୁ ଧରିବା ପାଇଁ ସର୍ଚ୍ଚ ଅପରେସନ ଜାରି ରହିଛି।

## ଦିଲ୍ଲୀରେ ବିଜେପିର ଟ୍ରିପଲ୍ ଇଞ୍ଜିନ୍ ସରକାର: ରାଜା ଇକବାଲ୍ ସିଂହ ନୂଆ ମେୟର

ନୂଆଦିଲ୍ଲୀ,୨୫।୪: ଦିଲ୍ଲୀରେ ଏବେ ବିଜେପିର ଟ୍ରିପଲ୍ ଇଞ୍ଜିନ ସରକାର ହୋଇଛି । ବିଜେପି କର୍ପୋରେଟର ରାଜା ଇକବାଲ୍ ସିଂହ ମେୟର ନିର୍ବାଚନରେ ବିଜୟୀ ହୋଇଛି । ୧୩୩ ଭୋଟ ପାଇ ରାଜା ଇକବାଲ୍ ସିଂହ ଦିଲ୍ଲୀ ନଗର ନିଗମ ମେୟର ହୋଇଛନ୍ତି । ଅନ୍ୟପଟେ କଂଗ୍ରେସ ପ୍ରାର୍ଥୀଙ୍କୁ କେବଳ ୮ ଭୋଟ ମିଳିଥିଲା । ମୋଟ ୧୪୨ ମଧ୍ୟରୁ ୧୪୧ ଭୋଟ ଗଣତି ହୋଇଥିଲା, ଗୋଟିଏ ଭୋଟ ଅବୈଧ ଘୋଷିତ ହୋଇଥିଲା । ଚଳିତ ଥର ନିର୍ବାଚନ ଅତ୍ୟନ୍ତ ରୋଚକ ଥିଲା, କାରଣ ପୂର୍ବରୁ କ୍ଷମତାରେ ଥିବା ଆପ୍ ଏହି ପଦ ପାଇଁ ନାମାଙ୍କନ ଭରିନଥିଲା । ଏହାସହ ନିର୍ବାଚନ ପ୍ରକ୍ରିୟାକୁ ମଧ୍ୟ ବହିଷ୍କାର କରିଥିଲା । ଦୁଇ ପଦ ପାଇଁ ବିଜେପି ଓ କଂଗ୍ରେସ ପ୍ରାର୍ଥୀଙ୍କ ମଧ୍ୟରେ ଲଢେଇ ହୋଇଥିଲା ।

## ସୁପ୍ରିମକୋର୍ଟଙ୍କୁ କହିଲେ ସରକାର ୱାକଫ୍ ସମ୍ପତ୍ତି କେବଳ ମୁସଲମାନଙ୍କ ମଧ୍ୟରେ ସୀମିତ ନୁହେଁ



ନୂଆଦିଲ୍ଲୀ,୨୫।୪: କେନ୍ଦ୍ର ସରକାର ଶୁକ୍ରବାର ସୁପ୍ରିମକୋର୍ଟଙ୍କୁ କହିଛନ୍ତି ଯେ ଅନେକ ୱାକଫ ସମ୍ପତ୍ତି କେବଳ ମୁସଲମାନମାନଙ୍କ ମଧ୍ୟରେ ସୀମିତ ନୁହେଁ ବରଂ ଏଥିରେ ଅନ୍ୟ ସମ୍ପ୍ରଦାୟର ଅଧିକାର ଏବଂ ଦାବି ମଧ୍ୟ ଜଡିତ। ସରକାରଙ୍କ ପକ୍ଷରୁ ଏହା ମଧ୍ୟ କୁହାଯାଇଛି ଯେ ଏହି ସମ୍ପତ୍ତିଗୁଡ଼ିକୁ ନିୟନ୍ତ୍ରଣ କରିବା ଏକ ସାର୍ବଜନୀନ ଶୃଙ୍ଖଳା ସମସ୍ୟା ହୋଇପାରେ କାରଣ ଏପରି ବିବାଦର ବ୍ୟାପକ ପରିଣାମ ହୋଇପାରେ। କେନ୍ଦ୍ର ସରକାର ସୁପ୍ରିମକୋର୍ଟଙ୍କୁ ଅନୁରୋଧ କରି କହିଥିଲେ ଯେ 'ସାମ୍ବିଧାନିକତାର ଧାରଣା' ଏହା ସପକ୍ଷରେ ଥିବାରୁ ଏହି ଆଇନକୁ ସମ୍ପୂର୍ଣ୍ଣ ନିଷିଦ୍ଧ କରାଯାଇପାରିବ ନାହିଁ। ସୁପ୍ରିମକୋର୍ଟରେ ଦାଖଲ ହୋଇଥିବା ଏହାର ୧୩୩୨ ପୃଷ୍ଠାର ପ୍ରାରମ୍ଭିକ କାଉଣ୍ଟର-ଆଫିଡାଭିଟରେ, ସରକାର ବିବାଦୀୟ ଆଇନକୁ ସମର୍ଥନ କରି କହିଛନ୍ତି ଯେ ଏହା ଆଶ୍ଚର୍ଯ୍ୟର ବିଷୟ ଯେ ୨୦୧୩ ପରେ, ୱାକଫ ଜମିରେ ୨୦,୯୨,୦୭୨.୫୩୬ ହେକ୍ଟର (୨୦ ଲକ୍ଷ ହେକ୍ଟରରୁ ଅଧିକ) ବୃଦ୍ଧି ଘଟିଛି। ଏହି ସତ୍ୟପାଠରେ କୁହାଯାଇଛି ଯେ ମୋଗଲ-ପୂର୍ବ, ସ୍ୱାଧୀନତା ପୂର୍ବ ଏବଂ ସ୍ୱାଧୀନତା ପରବର୍ତ୍ତୀ ସମୟରେ ଭାରତରେ ମୋଟ ୧୮,୨୯,୧୬୩.୮୯୬ ଏକର ୱାକଫ ଜମି ଥିଲା। ବ୍ୟକ୍ତିଗତ ଏବଂ ସରକାରୀ ସମ୍ପତ୍ତିକୁ ଜବରଦଖଲ କରିବା ପାଇଁ ପୂର୍ବ ବ୍ୟବସ୍ଥାର 'ଅପବ୍ୟବହାର' ଅଭିଯୋଗ କରାଯାଇଥିବା ସତ୍ୟପାଠରେ ଦର୍ଶାଯାଇଛି।

## ରାହୁଲ ଗାନ୍ଧୀଙ୍କୁ ସୁପ୍ରିମକୋର୍ଟଙ୍କ ଭର୍ତ୍ସନା ସ୍ୱାଧୀନତା ସଂଗ୍ରାମୀଙ୍କ ଉପରେ ମନ୍ତବ୍ୟରୁ ବିରତ ରହିବାକୁ ନିର୍ଦ୍ଦେଶ



ନୂଆଦିଲ୍ଲୀ,୨୫।୪: ସୁପ୍ରିମକୋର୍ଟ ଶୁକ୍ରବାର କଂଗ୍ରେସ ନେତା ତଥା ଲୋକସଭାରେ ବିରୋଧୀ ଦଳର ନେତା ରାହୁଲ ଗାନ୍ଧୀଙ୍କୁ ସ୍ୱାଧୀନତା ସଂଗ୍ରାମୀ ବୀର ସାଭରକରଙ୍କ ବିଷୟରେ ଦିଆଯାଇଥିବା ମନ୍ତବ୍ୟ ପାଇଁ କଡ଼ା ଭର୍ତ୍ସନା କରିଛନ୍ତି। ଅଦାଲତ ଏହାକୁ "ଦାୟିତ୍ୱହୀନ" ମନ୍ତବ୍ୟ ବୋଲି ଅଭିହିତ କରି ରାହୁଲ ଗାନ୍ଧୀଙ୍କୁ ଭବିଷ୍ୟତରେ ଏଭଳି ବୟାନ ଦେବାରୁ ବିରତ ରହିବାକୁ ଚେତାବନୀ ଦେଇଛନ୍ତି। ଅଦାଲତ ଆହୁରି କହିଛନ୍ତି ଯେ ଏଭଳି ମନ୍ତବ୍ୟ ଜାରି ରହିଲେ ସେ ନିଜ ପକ୍ଷରୁ ମାମଲା ଗ୍ରହଣ କରିପାରନ୍ତି। ରାହୁଲ ଗାନ୍ଧୀଙ୍କ ବିରୁଦ୍ଧରେ ଅଭିଯୋଗ ରହିଛି ଯେ ସେ ବିଭିନ୍ନ ଜନସଭା ଏବଂ ବୟାନରେ ବୀର ସାଭରକରଙ୍କ ସ୍ୱାଧୀନତା ସଂଗ୍ରାମରେ ଭୂମିକା ଉପରେ ପ୍ରଶ୍ନ ଉଠାଇଛନ୍ତି। ସେ ଅଭିଯୋଗ କରିଛନ୍ତି ଯେ ସାଭରକର ବ୍ରିଟିଶ ସରକାରଙ୍କୁ ଦୟାଯାଚନା ପତ୍ର ଲେଖିଥିଲେ ଏବଂ ସେମାନଙ୍କ ସହ ସହଯୋଗ କରିଥିଲେ। ଏହି ବୟାନକୁ ନେଇ ସାଭରକରଙ୍କ ପରିବାର ଏବଂ ଅନେକ ରାଜନୈତିକ ଗୋଷ୍ଠୀ ଆପତ୍ତି ଉଠାଇଥିଲେ। ସାଭରକରଙ୍କ ନାତୁଣୀ ସତ୍ୟାକୀ ସାଭରକର ପୁଣେର ଏକ ଅଦାଲତରେ କହିଥିଲେ ଯେ ରାହୁଲଙ୍କ ମନ୍ତବ୍ୟର ସାଭରକରଙ୍କ ସ୍ୱାଧୀନତା ସଂଗ୍ରାମରେ ଯୋଗଦାନ ସହ କୌଣସି ସମ୍ପର୍କ ନାହିଁ। ଏହା ବ୍ୟତୀତ, ସାଭରକରଙ୍କ ପରିବାର ରାହୁଲଙ୍କ ବିରୁଦ୍ଧରେ ମାନହାନି ମାମଲା ଦାୟର କରିଥିଲେ। ଶୁକ୍ରବାର ଏକ ଶୁଣାଣି ସମୟରେ ସୁପ୍ରିମକୋର୍ଟ ରାହୁଲ ଗାନ୍ଧୀଙ୍କ ମନ୍ତବ୍ୟକୁ "ଅନୁଚିତ" ଏବଂ "ସ୍ୱାଧୀନତା ସଂଗ୍ରାମୀମାନଙ୍କୁ ଅବମାନନା" ବୋଲି ଅଭିହିତ କରିଛନ୍ତି। ଅଦାଲତ କହିଛନ୍ତି, "ଆମେ ଆମର ସ୍ୱାଧୀନତା ସଂଗ୍ରାମୀମାନଙ୍କୁ ଅବମାନନା କରିବାକୁ ଦେଇପାରିବୁ ନାହିଁ। ଏହା ଦେଶର ଇତିହାସ ଏବଂ ସମ୍ମାନର ପ୍ରଶ୍ନ।" ଅଦାଲତ ରାହୁଲଙ୍କୁ ଚେତାବନୀ ଦେଇ କହିଛନ୍ତି ଯେ ଭବିଷ୍ୟତରେ ଏଭଳି ମନ୍ତବ୍ୟ ଦେଲେ କଡ଼ା କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇପାରେ।

CMYK



## କୋଇଲା ଗାଡି ଜବତ: ଡ୍ରାଇଭର ଧରାପଡ଼ିଲା



ଧାମନଗର(ନିପ୍ର): ଧାମନଗର ଅଞ୍ଚଳରେ ଏବେ ବିଭିନ୍ନ ସମୟରେ ଅସାମାଜିକ କାର୍ଯ୍ୟ ସହ ଚୋରି ଓ ଧର୍ଷଣ ବଢିବାରେ ଲାଗିଛି । ବିଶେଷ କରି ଚୋରମାନେ ଏବେ ଧାମନଗରକୁ ନିଜକୁ ସୁରକ୍ଷିତ ଭାବି ଏହି ଚୋରା କାରବାରରେ ଲିପ୍ତ ରହୁଛନ୍ତି । ବିଭିନ୍ନ ସମୟରେ ବଡବଡ ଟ୍ରକ, କାରକୁ ଆଣି କବାଡିଆ ଦୋକାନୀ ମାନେ ବିକି ଲାଲେଲାଲ ହେଉଥିବା ବେଳେ ଏବେ ଚୋରା କୋଇଲା ବେପାର ବଢ଼ି ଚାଲିଛି । ଧାମରା ଅଞ୍ଚଳରୁ ଚୋରା କୋଇଲା ଚାଲାଣ ଧାମନଗରକୁ ଆସୁଥିବା ବେଳେ ନିକଟରେ ଧାମନଗର ପୋଲିସ ଜବତ କରିଥିବା ବେଳେ ଗୁରୁବାର ବିଳମ୍ବିତ ରାତିରେ ଧାମନଗର ପୋଲିସ ଆଉ ଗୋଟିଏ ଚୋରା କୋଇଲା ଗାଡି ଧରିବାରେ ସଫଳ ହୋଇଛି । ସୂଚନା ଥାଉକି ୧୬ ନମ୍ବର ଜାତୀୟ ରାଜପଥ ଧାମନଗର ଛକ ନିକଟରୁ ଗୁରୁବାର ରାତିରେ ପୋଲିସ ପାଟ୍ରୋଲିଂ ବେଳେ ଧାମନଗର ପୁଲିସ ଏକ ୧୬ ଚକିଆ ଟ୍ରକରେ ପାଖାପାଖି ୨୫ ଟନ୍‌ରୁ ଉର୍ଦ୍ଧ୍ୱ କୋଇଲା ଥିବା ଆନୁମାନିକ ଜବତ କରାଯାଇଥିଲା ବେଳେ ଯାହାର ମୂଲ୍ୟ ୧୦ ଲକ୍ଷ ଟଙ୍କା ହେବ । ଜବତ ଗାଡିଟିର ନମ୍ବର ଓଡ଼ି୩୫ଡି୪୫୧୯ ହୋଇଥିଲା ବେଳେ ଧାମନଗର ପୁଲିସ ଗାଡିକୁ ଜବତ କରି ଥାନାକୁ ଆଣିଛନ୍ତି । ତେବେ କୋଇଲା ଟ୍ରକଟି ଭଦ୍ରକ ଆଡୁ କଟକ ଅଭିମୁଖେ ଯାଉଥିବାବେଳେ ପୋଲିସ ପାଟ୍ରୋଲିଂରେ ଧାମନଗର ଥାନାର ଏସଆଇ ରାଜେଶ ସେଠୀ ଉକ୍ତ ଟ୍ରକକୁ ଅଟକାଇ କାଗଜପତ୍ର ଦେଖିଥିଲେ । ତଦନ୍ତକାରୀ ଅଧିକାରୀ ଶ୍ରୀ ସେଠୀ ଡ୍ରାଇଭର ରଞ୍ଜନ ବେହେରାକୁ ଗିରଫ କରିବା ସହ କେସ ନମ୍ବର ୧୪୪/୨୪ରେ ଏକ ମାମଲା ରୁଜୁ କରିଛନ୍ତି ।

### ସିଡ଼ିପିଓଙ୍କ ବିରୁଦ୍ଧରେ କାର୍ଯ୍ୟାନୁଷ୍ଠାନ ଦାବି

## ତୃତୀୟ ଦିନରେ ଅଙ୍ଗନୱାଡ଼ି କର୍ମୀଙ୍କ ଆନ୍ଦୋଳନ



କଟକ(ନିପ୍ର): ସିଡ଼ିପିଓଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଦାବିରେ କଟକରେ ଅଙ୍ଗନୱାଡ଼ି କର୍ମୀମାନେ କରୁଥିବା ଆନ୍ଦୋଳନ ତୃତୀୟ ଦିନରେ ପହଞ୍ଚିଛି । ସିଡ଼ିପିଓଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଦାବି କରି ରାସ୍ତାକୁ ଓହ୍ଲାଇଥିବା ଶହଶହ ଅଙ୍ଗନବାଡ଼ି କର୍ମୀ କଟକ ସିଡ଼ିପିଓ ଦୁର୍ନୀତିରେ ଲିପ୍ତ ଅଛନ୍ତି ବୋଲି ଅଭିଯୋଗ କରିଛନ୍ତି । ତାଙ୍କ ବିରୋଧରେ ଶୃଙ୍ଖଳାଗତ କାର୍ଯ୍ୟାନୁଷ୍ଠାନ ପାଇଁ ନିର୍ଦ୍ଦେଶ ମଧ୍ୟ ହୋଇସାରିଛି । କିନ୍ତୁ ତାହା କାର୍ଯ୍ୟକାରୀ ହେଉନାହିଁ ବୋଲି ଧାରଣାରତ କର୍ମୀମାନେ ଅଭିଯୋଗ କରିଛନ୍ତି । ସୂଚନାଯୋଗ୍ୟ, ଏହା ପୂର୍ବରୁ ମଧ୍ୟ ଅଙ୍ଗନୱାଡ଼ି କେନ୍ଦ୍ରଗୁଡ଼ିକୁ ବନ୍ଦ ରଖି ସିଏମସି କାର୍ଯ୍ୟାଳୟ ସମ୍ମୁଖରେ କର୍ମୀମାନେ ବିକ୍ଷୋଭ ପ୍ରଦର୍ଶନ କରିଥିଲେ । ହେଲେ କୌଣସି ସୁଫଳ ନ ମିଳିବାରୁ ଆନ୍ଦୋଳନରତ ଅଙ୍ଗନୱାଡ଼ି କର୍ମୀମାନେ ଜିଲ୍ଲାପାଳଙ୍କୁ ଫେରାଦ ହୋଇଛନ୍ତି । ସିଡ଼ିପିଓଙ୍କ ବିରୋଧରେ ଦୁର୍ନୀତିର ଅଭିଯୋଗ ଆସିଛି । ସେ ଅଙ୍ଗନୱାଡ଼ି କର୍ମୀମାନଙ୍କୁ ଦୁର୍ବ୍ୟବହାର ପ୍ରଦର୍ଶନ କରୁଥିବାର ଏକାଧିକ ଅଭିଯୋଗ ରହିଛି । ତେଣୁ ତାଙ୍କର ବଦଳି ନହେବା ଯାଏ କୌଣସି କର୍ମୀ କାର୍ଯ୍ୟରେ ଯୋଗ ଦେବେ ନାହିଁ ବୋଲି ସଂଘ ପକ୍ଷରୁ ଚେତାବନୀ ଦିଆଯାଇଛି ।

### ଖଣି ବିଭାଗ ଓ ପୋଲିସର ଘନଘନ ଚଢାଉ ସତ୍ତ୍ୱେ

## ଲଘୁ ଖଣିଜ ସଂପଦ ଲୁଟ୍‌କୁ ରୋକିପାରୁନି ପ୍ରଶାସନ

ଖଣ୍ଡପଡା(ନିପ୍ର): ଲଘୁ ଖଣିଜ ସଂପଦରେ ଭରପୁର ଖଣ୍ଡପଡା ତହସିଲ ଅଂଚଳର ବିଭିନ୍ନ ଇଲାକାରେ ମାଫିଆମାନେ ବର୍ଷ ବର୍ଷ ଧରି ରାଜ ଚଳାଇଛନ୍ତି । ମହାନଦୀର ବିସ୍ତିର୍ଣ୍ଣ ବାଲୁକା ଶଯ୍ୟାଠାରୁ ଆରମ୍ଭ କରି ପଥର ଖଣି ଖାଦାନ, ମୋରମ ଖଣିରେ ମାଫିଆମାନେ କଳେ ବଳେ କୌଶଳେ ଲଘୁ ଖଣିଜ ସଂପଦ ଲୁଟ କରି ଚାଲିଛନ୍ତି । ଫଳରେ ରାଜ୍ୟ ସରକାର ପ୍ରତିବର୍ଷ ବିପୁଳ ପରିମାଣର ରାଜସ୍ୱ ହରାଉଥିବା ଜଣାପଡିଛି । ଗତ ୨ମାସ ଧରି ପୋଲିସ ଓ ଖଣି ବିଭାଗ ପକ୍ଷରୁ ବିଭିନ୍ନ ସ୍ଥାନରେ ଚଢାଉ କରାଯାଇ ଲଘୁ ଖଣିଜ ସଂପଦ ଚାଲାଣ କରୁଥିବା ହାଇୱାଗୁଡିକୁ ଜବତ କରାଯାଇ ଜୋରିମାନା ବାବଦରେ ଅର୍ଥ ଆଦାୟ କରାଯାଇଥିବା ତହସିଲ ପ୍ରଶାସନ ସୁତ୍ରରୁ ଜଣାପଡିଛି । ତେବେ ପ୍ରଶାସନ ପକ୍ଷରୁ ଘନ ଘନ ଚଢାଉ ସତ୍ତ୍ୱେ ମଧ୍ୟ ଲଘୁ ଖଣିଜ ସଂପଦର ଅବାଧ ଲୁଟ୍‌କୁ ରୋକିବାରେ ପ୍ରଶାସନ ବିଫଳ ହୋଇଥିବା ଜଣାପଡିଛି । ପ୍ରଶାସନକୁ ଚ୍ୟାଲେଞ୍ଜ କରି ମାଫିଆମାନେ ଅସଦ ଉପାୟରେ ଲଘୁ ଖଣିଜ ସଂପଦ ଲୁଟ୍ କରିବାରେ ସଫଳ ହେବା ଘଟଣା ଏବେ ସାଧାରଣରେ ଚର୍ଚ୍ଚାର ବିଷୟ ପାଲଟିଛି । ଖଣ୍ଡପଡା ତହସିଲ ଅଧୀନ ବିଭିନ୍ନ ଉତ୍ସରୁ ମାଫିଆମାନେ ଲଘୁ ଖଣିଜ ସଂପଦ ଲୁଟ କରିବା ପଛରେ କିଛି ଦୁର୍ନୀତିଖୋର୍ ପ୍ରଶାସକ ଅଧିକାରୀମାନଙ୍କ ପ୍ରଚ୍ଛନ୍ନ ହାତ ଥିବା ନେଇ ବୁଦ୍ଧିଜୀବୀ ମହଲରେ ମତ ପ୍ରକାଶ ପାଇଛି । ଲଘୁ ଖଣିଜ ସଂପଦ ଲୁଟ କରୁଥିବା ମାଫିଆ ମାନଙ୍କ କାର୍ଯ୍ୟକଳାପ ପ୍ରତି ରାଜସ୍ୱ ବିଭାଗ ଓ ଖଣି ବିଭାଗ ଉଚ୍ଚ କର୍ତ୍ତୃପକ୍ଷ ଦୃଷ୍ଟି ଦେବାକୁ ଦାବି ହେଉଛି ।

# ଦମ୍ପତିଙ୍କୁ ମରଣାନ୍ତକ ଆକ୍ରମଣ: ଦୁଇ ଗିରଫ

ଭୁବନେଶ୍ୱର(ନିପ୍ର): କ୍ରିକେଟ୍ ବଲ ବାଜିବାରୁ ଯୁବକଙ୍କୁ ଦମ୍ପତିଙ୍କ ମରଣାନ୍ତକ ଆକ୍ରମଣ କରିବା ଘଟଣାରେ ମୈତ୍ରୀବିହାର ଥାନା ପୁଲିସ ଦୁଇ ଜଣଙ୍କୁ ଗିରଫ କରିଛି । ଗିରଫ ଦୁଇ ସାଲିଆସାହିର ଦିଗାମ୍ବର ନାୟକ(୪୭) ଓ ସୁଷମା ନାୟକ(୪୨) । ଦୁହିଁଙ୍କୁ ଶୁକ୍ରବାର ଦିନ କୋର୍ଟ ଚାଲାଣ କରାଯାଇଛି । ଅଭିଯୋଗକାରୀ ଶ୍ରୀ କୁଳମଣି ସାହୁଙ୍କ ଲିଖିତ ଅଭିଯୋଗ ଆଧାରରେ ମୈତ୍ରୀବିହାର ଥାନା ପୁଲିସ ଉପରୋକ୍ତ ମାମଲାର ତଦନ୍ତ କରିବା ସହ ଅଭିଯୁକ୍ତଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛନ୍ତି । ସୂଚନାଯୋଗ୍ୟ ଯେ, ଅଭିଯୋଗକାରୀ ଜଣକ ପରିବାର ସହ ସାଲିଆ ସାହି ଅନ୍ତର୍ଗତ ଲକ୍ଷ୍ମୀନଗର ଅଞ୍ଚଳରେ ରୁହନ୍ତି । ଶୁକ୍ରବାର ସକାଳେ ତାଙ୍କ ପୁଅ ଶମ୍ଭୁ ସାଙ୍ଗ ମାନଙ୍କ ସହ କମ୍ୟୁନିଟି ହଲ ନିକଟରେ ଟେନିସ ବଲରେ କ୍ରିକେଟ ଖେଳୁଥିବା ସମୟରେ ଦୁର୍ଘଟଣା ବଶତଃ ଘର ସମୁଖରେ ବଜୁରିଗୋଡି ସଂଗ୍ରହ କରୁଥିବା ସୁଷମା ନାୟକ ନାମକ ଜଣେ ମହିଳାଙ୍କ ଦେହରେ ବଲ ବାଜିଥିଲା । ଶମ୍ଭୁ ବଲ ଆଣିବାକୁ ଯାଇଥିବା ବେଳେ, ସୁଷମା ତାକୁ ଠେଲି ତଳେ ପକାଇଦେବା ସହ ମାଡ଼ ମାରିଥିଲେ । ସେହି ସମୟରେ ସୁଷମାଙ୍କ ସ୍ୱାମୀ ଦିଗମ୍ବର ମଧ୍ୟ ଶମ୍ଭୁକୁ ଏକ ଲୁହା ସାମଗ୍ରୀ ସାହାଯ୍ୟରେ ମରଣାନ୍ତକ ଆକ୍ରମଣ କରିଥିଲେ । ଯାହାଫଳରେ ଶମ୍ଭୁଙ୍କ ମୁଣ୍ଡ ଫାଟିଯାଇ ରକ୍ତସ୍ରାବ ହୋଇଥିଲା । ଅଭିଯୋଗକାରୀଙ୍କ ପତ୍ନୀ ଘଟଣା ସମ୍ପର୍କରେ ଉଭୟଙ୍କୁ ପ୍ରଶ୍ନ କରିବାରୁ, ଉଭୟ ତାଙ୍କୁ ଅଶ୍ରାବ୍ୟ ଭାଷାରେ ଗାଳିଗୁଲଜ କରିବା ସହ ତାଙ୍କ ପୁତ୍ରଙ୍କୁ ଜୀବନରୁ ମାରିଦେବାର ଧମକ ମଧ୍ୟ ଦେଇଥିଲେ । ଅଭିଯୋଗ ଆଧାରରେ ପୁଲିସ ମାମଲାର ଛାନଭିନ କରିବା ସହ ଅଭିଯୁକ୍ତ ସ୍ୱାମୀ-ସ୍ତ୍ରୀ ଙ୍କୁ ଗିରଫ କରିଥିବା ବେଳେ, ଘଟଣାରେ ବ୍ୟବହୃତ ସମ୍ପର୍କିତ ଲୁହା ସାମଗ୍ରୀକୁ ମଧ୍ୟ ଜବତ କରିଥିଲେ । ପଚରାଉଚରା ବେଳେ, ଉଭୟ ନିଜ ଅପରାଧ ସ୍ୱୀକାର କରିଥିଲେ । ବର୍ତ୍ତମାନ ଏହି ମାମଲାର ଅଧିକ ତଦନ୍ତ ଚାଲୁ ରହିଛି ।

## ଲୁଟେରାକୁ କାବୁ କଲା ପୁଲିସ

ଭୁବନେଶ୍ୱର(ନିପ୍ର): ଭରତପୁର ଥାନା ଅଞ୍ଚଳରୁ ଚୋରି ମୋବାଇଲ ଆଣି ବିକ୍ରି ପାଇଁ ଉଦ୍ୟମ କରୁଥିବା ଜଣେ ଲୁଟେରାକୁ କାବୁ କରିବାରେ ସଫଳ ହୋଇଛି ଭରତପୁର ଥାନା ପୁଲିସ । ଗିରଫ ଲୁଟେରା ଜଣଙ୍କ ହେଲେ ଜଗତସିଂହପୁର ଜିଲ୍ଲା ବାଲୁଗାଁର ପିଣ୍ଟୁ ଦାସ(୨୩) । ଭରତପୁର ଥାନା ପୁଲିସ ଉପରୋକ୍ତ ମାମଲାରେ ସମ୍ପୃକ୍ତ ଥିବା ଅଭିଯୋଗରେ ନିମ୍ନୋକ୍ତ ଅଭିଯୁକ୍ତଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛନ୍ତି । ସୂଚନାଯୋଗ୍ୟ ଯେ,ଭରତପୁର ଥାନାଧିକାରୀଙ୍କ ନିର୍ଦ୍ଦେଶମତେ ସମ୍ପୃକ୍ତ ଥାନାର ଏକ ପାଟ୍ରୋଲିଂ ଟିମ ନିଜ ଅଞ୍ଚଳରେ ପାଟ୍ରୋଲିଂ କରୁଥିବା ବେଳେ ନିମ୍ନୋକ୍ତ ଅଭିଯୁକ୍ତ ଜଣକ ବରମୁଣ୍ଡା ବସ-ଷ୍ଟାଣ୍ଡ ନିକଟରେ କେତେଗୁଡିଏ ଚୋରା ମୋବାଇଲ ଫୋନ କମ ଦମରେ ବିକ୍ରି କରିବା ଲାଗି ଗ୍ରାହକ ମାନଙ୍କ ସହ ଯୋଗାଯୋଗ କରୁଥିବା ନେଇ, ବିଶ୍ୱସ୍ତ ସୂତ୍ରରୁ ସୂଚନା ପାଇଥିଲେ ।ଜ ମିଳିଥିବା ଏହି ସୂଚନା ଆଧାରରେ ପେଟ୍ରୋଲିଙ୍ଗ ଟିମ ଘଟଣା ସ୍ଥଳରେ ଅତର୍କିତ ଚଢଉ କରି ଅଭିଯୁକ୍ତଙ୍କୁ କାବୁ କରିବାରେ ସକ୍ଷମ ହୋଇଥିବା ବେଳେ, ତାଙ୍କ ହେପାଜତରୁ ଦୁଇଟି ଚୋରା ମୋବାଇଲ ଫୋନ ଜବତ କରିଥିଲେ । ପଚରାଉଚରା ବେଳେ, ଅଭିଯୁକ୍ତ ଜଣକ ଏହି ମୋବାଇଲ ଫୋନ ଦୁଇଟିକୁ ରେଲୱେ ଷ୍ଟେସନ ଏବଂ ବସ-ଷ୍ଟାଣ୍ଡ ନିକଟସ୍ଥ ବିଭିନ୍ନ ଯାତ୍ରୀଙ୍କ ନିକଟରୁ ଚୋରୀକରି ଆଣିଥିବା ସ୍ୱୀକାର କରିଥିଲେ । ବର୍ତ୍ତମାନ ଏହି ମାମଲାର ତଦନ୍ତ ପ୍ରକ୍ରିୟା ଚାଲୁ ରହିଛି ।

## ମହିଳାଙ୍କୁ ରାସ୍ତାରେ ଆକ୍ରମଣ କରି ବନ୍ଧା ହେଲେ ଯୁବକ

ଭୁବନେଶ୍ୱର(ନିପ୍ର): ମହିଳାଙ୍କୁ ରାସ୍ତାରେ ଅଟକାଇ ମରଣାନ୍ତକ ଆକ୍ରମଣ କରିବା ସହ ଅଶାଳୀନ ମନ୍ତବ୍ୟ ଦେବା ଘଟଣାରେ ବାଲିଅନ୍ତା ଥାନା ପୁଲିସ ଅଭିଯୁକ୍ତକୁ ଗିରଫ କରିଛି । ଗିରଫ ଅଭିଯୁକ୍ତ ଜଣଙ୍କ ହେଲେ ବାଲିଅନ୍ତା ଥାନା ଅଞ୍ଚଳରେ ରହୁଥିବା ସଂଜୟ ଦାସ(୪୦) । ଅଭିଯୋଗକାରୀ ସତ୍ୟଜିତ ଦାସଙ୍କ ଅଭିଯୋଗ କ୍ରମେ ବାଲିଅନ୍ତା ଥାନା ପୁଲିସ ଉପରୋକ୍ତ ମାମଲାର ତଦନ୍ତ କରିବା ସହ ନିମ୍ନୋକ୍ତ ଅଭିଯୁକ୍ତଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛନ୍ତି । ସୂଚନା ଯୋଗ୍ୟ ଯେ, ଅଭିଯୁକ୍ତ ଜଣକ ନିଆଳି ଅଞ୍ଚଳର ହୋଇଥିବା ବେଳେ, ଗତ ଦୁଇ ବର୍ଷ ହେବ ବାଲିଅନ୍ତା ଥାନା ଅନ୍ତର୍ଗତ ବେଣ୍ଟପୁର ଗ୍ରାମରେ ଥିବା ନିଜ ସମ୍ପର୍କୀୟଙ୍କ ଘରେ ରହିଆସୁଥିଲେ । ଅଭିଯୋଗକାରୀଙ୍କ ସମ୍ପର୍କୀୟା ମହିଳାଙ୍କୁ ସେ ନୟମିତ ଭାବେ ମନ୍ଦ ଉଦ୍ଦେଶ୍ୟ ରଖି ତାଙ୍କର ପିଛା କରୁଥିଲେ । ଗତ କାଲି ସକାଳେ ସମ୍ପର୍କୀୟା ମହିଳା ଜଣକ ଗ୍ରାମ ପୋଖରୀରୁ ଘରକୁ ଫେରୁଥିବା ବେଳେ, ଅଭିଯୁକ୍ତ ଜଣକ ତାଙ୍କୁ ରାସ୍ତାରେ ଅଟକାଇ ଅଶ୍ରାବ୍ୟ ଭାଷାରେ ଗାଳିଗୁଲଜ କରିବା ସହିତ ଖରାପ ସମ୍ପର୍କ ରଖିବା ଲାଗି ବାଧ୍ୟ କରିଥିଲେ ଏବଂ ଅଶ୍ଳୀଳ ଇଙ୍ଗିତ ମଧ୍ୟ ପ୍ରଦର୍ଶନ କରିଥିଲେ । ଏହା ଦେଖିପାରି ଅଭିଯୋଗକାରୀ ଜଣକ ଅଭିଯୁକ୍ତଙ୍କର ବିରୋଧ କରିଥିଲେ । ଏଥିରେ ଉତକ୍ଷିପ୍ତ ହୋଇ ଅଭିଯୁକ୍ତ ଜଣକ ଅଭିଯୋଗକାରୀଙ୍କୁ ଅଶ୍ରାବ୍ୟ ଭାଷାରେ ଗାଳିଗୁଲଜ କରିବା ସହ ଏକ ମାରଣାସ୍ତ୍ର ସାହାଯ୍ୟରେ ତାଙ୍କୁ ମରଣାନ୍ତକ ଆକ୍ରମଣ କରିଥିଲେ । ଯାହାଫଳରେ ଅଭିଯୋଗକାରୀଙ୍କ ହାତରେ ଗୁରୁତର ଆଘାତ ଲାଗି ପ୍ରବଳ ରକ୍ତସ୍ରାବ ହୋଇଥିଲା । ଘଟଣାର ଅଭିଯୋଗ ପରେ, ପୁଲିସ ମାମଲାର ତଦନ୍ତ କରିବା ସହ ଅଭିଯୁକ୍ତଙ୍କୁ ଗିରଫ କରି ଘଟଣାରେ ବ୍ୟବହୃତ ମାରଣାସ୍ତ୍ର କୁ ମଧ୍ୟ ଜବତ କରିଥିଲେ । ପଚରାଉଚରା ବେଳେ ଅଭିଯୁକ୍ତ ଜଣକ ନିଜ ଦୋଷ ସ୍ୱୀକାର କରିଥିଲେ । ବର୍ତ୍ତମାନ ଏହି ମାମଲାର ଅଧିକ ତଦନ୍ତ ଚାଲୁ ରହିଛି ।

## ପତ୍ନୀ ହତ୍ୟା ଅଭିଯୋଗରେ ସ୍ୱାମୀକୁ ଜେଲ୍

ଭାପୁର(ନିପ୍ର): ବିବାହର ଏକ ବର୍ଷ ନ ପୂରୁଣୁ ଶାଶୁଘର ପକ୍ଷରୁ ବୋହୂକୁ ଅଧିକ ଯୌତୁକ ଦାବିକରି ନିର୍ଯାତନା ଦେବା ଫଳରେ ବୋହୂଟି ଆତ୍ମହତ୍ୟା କରିବା ଘଟଣା ଭାପୁର ବ୍ଲକ କେନ୍ଦୁପଲ୍ଲି ଗ୍ରାମରେ ଗତ ମଙ୍ଗଳବାର ଘଟିଯାଇଥିଲା । ମୃତକଙ୍କ ସ୍ୱାମୀ ସୁବାସ ବସନ୍ତରା ଫତେଗଡ ଥାନାରେ ଅଟକ ରହିଥିବାବେଳେ ପୋଲିସ କୋର୍ଟ ଫରୱାର୍ଡ କରି ଜେଲକୁ ପଠେଇ ଦେଇଥିବା ଥାନା ସୂତ୍ରରୁ ପ୍ରକାଶ ।

# କଟକରେ ଏଆର୍‌ସି ସେଣ୍ଟର କେବେ ?

## ଦିବ୍ୟାଙ୍ଗ ରୋଗୀଙ୍କୁ ମିଳିବ ବିଦେଶୀ ଶୈଳୀର ମାଗଣା ଚିକିତ୍ସା

କଟକ(ନିପ୍ର): ସବୁ ଯୋଜନା ଥାଇ କଟକ ବାଦ ପଡ଼ିଛି । ଦିବ୍ୟାଙ୍ଗଙ୍କ ପାଇଁ କଟକ ସିଡ଼ିଏରେ ଇଣ୍ଟିଗ୍ରେଟେଡ଼ ଇନଫ୍ରାଷ୍ଟ୍ରକଚର କମ୍ପ୍ଲେକ୍ସ ରହିଛି । ହେଲେ ଆଡ଼ଭାନ୍ସ ରିହାବିଲିଟେସନ ସେଣ୍ଟର (ଏଆରସି) ନାହିଁ । ଫଳରେ ବହୁ ଦିବ୍ୟାଙ୍ଗ ରୋଗୀ ୟୁରୋପିଆନ ଶୈଳୀର ଫିଜିଓଥୋରାପି ଚିକିତ୍ସା ପାଇବାକୁ ବଂଚିତ ହେଉଛନ୍ତି । ରାଜ୍ୟର ମୟୁରଭଞ୍ଜ, କୋରାପୁଟ, ନବରଙ୍ଗପୁର, ଗଂଜାମ, କନ୍ଧମାଳ, ସମ୍ବଲପୁର ଓ କଳାହାଣ୍ଡିରେ ଏଆରସି ସ୍ଥାପନ ହୋଇଥିବା ବେଳେ କଟକ ଏଥିରୁ ବାଦ ପଡ଼ିଛି । କଟକକୁ ରାଜ୍ୟର ସ୍ୱାସ୍ଥ୍ୟ ରାଜଧାନୀ କୁହାଯାଉଥିବାବେଳେ ପ୍ରତିଦିନ ଶହଶହ ଦିବ୍ୟାଙ୍ଗ ରୋଗୀ ଚିକିତ୍ସା ପାଇଁ ଏଠାକୁ ଆସୁଛନ୍ତି । ହେଲେ ଏଆରସି ନଥିବାରୁ ୟୁରୋପିଆନ ଢ଼ାଞ୍ଚାର ଫିଜିଓଥୋରାପି ଚିକିତ୍ସା ସେବା ପାଇବାକୁ ଦିବ୍ୟାଙ୍ଗ ରୋଗୀମାନେ ବଂଚିତ ହେଉଛନ୍ତି । ଏଆରସି ଗତ କିଛିଦିନ ତଳେ ମୟୁରଭଞ୍ଜରେ ଉଦଘାଟିତ ହେବା ସହ ୬୦୦ରୁ ଅଧିକ ରୋଗୀ ଚିକିତ୍ସିତ ହୋଇସାରିଛନ୍ତି । ଏହି ଆଧୁନିକ ପୁନଃ ସ୍ଥାପନ କେନ୍ଦ୍ରରେ ରୋବଟିକ ଫିଜିଓଥୋରାପି ସୁବିଧା ରହିଛି । ଯାହା ପକ୍ଷଘାତ ରୋଗୀ, ମଜ୍ଜାହାନି ରୋଗୀ, ଅର୍ଥପେଡ଼ିକ ସମସ୍ୟା ଥିବା ବ୍ୟକ୍ତି ଏବଂ ବିକାଶ ଜନିତ ବିକଳାଙ୍ଗତା ଥିବା ଶିଶୁମାନଙ୍କ ପାଇଁ ବହୁ ଉପକାରୀ ସାବ୍ୟସ୍ତ ହେଉଛି । ଓଡ଼ିଶା ସରକାରଙ୍କ ସମାଜ ସୁରକ୍ଷା ଏବଂ ପ୍ରତିବନ୍ଧତା ସଶକ୍ତିକରଣ ବିଭାଗ ଦ୍ୱାରା ଏହି କେନ୍ଦ୍ର ସ୍ଥାପନ କରାଯାଇଥିବାବେଳେ ରୋଗୀମାନଙ୍କୁ ବିଶ୍ୱସ୍ତରୀୟ ଫିଜିଓଥୋରାପି ଚିକିତ୍ସା ଯୋଗାଇ ଦିଆଯାଉଛି । ଆର୍ଥିକ ଓ ଯାତାୟତ ପାଇଁ ସମସ୍ୟା ଥିବା ଦିବ୍ୟାଙ୍ଗ ରୋଗୀଙ୍କ ପାଇଁ କଟକରେ ଏହି ଏଆରସି ସେଣ୍ଟର କରିବାକୁ ଦାବି ହେଉଛି । ଏହା କାର୍ଯ୍ୟକାରୀ ହେଲେ ଦିବ୍ୟାଙ୍ଗ ରୋଗୀ ମାଗଣାରେ ଅତ୍ୟାଧୁନିକ ଓ ଉନ୍ନତମାନର ଫିଜିଓଥୋରାପି ଚିକିତ୍ସା ପାଇପାରନ୍ତେ ବୋଲି କୁହାଯାଉଛି ।

## ମହିଳାଙ୍କ ବେକ କାଟି ଅଳଙ୍କାର ଲୁଟ୍ ଘଟଣା: ଅଭିଯୁକ୍ତ ଗିରଫ




ଟାଙ୍ଗୀ-ଚୌଦ୍ୱାର(ନିପ୍ର): ଟାଙ୍ଗୀ-ଚୌଦ୍ୱାର ବ୍ଲକ୍ ଅନ୍ତର୍ଗତ ଆଗ୍ରାହାଟ ପଞ୍ଚାୟତର ବ୍ରାହ୍ମଣସାହିରେ ଜଣେ ମହିଳାଙ୍କ ଘରେ ଦୁଇଜଣ ଦୁର୍ବୃତ୍ତ ପଶି ତାଙ୍କ ଗଳାକାଟି ସୁନା ଅଳଙ୍କାର ଲୁଟ୍ କରିଥିବା ଘଟଣାରେ ମହିଳାଙ୍କ ଶଶୁର ଶରତ କୁମାର ସାହୁ ଥାନାରେ ଏକ ଲିଖିତ ଅଭିଯୋଗ କରିଥିଲେ । ଏହାର ତଦନ୍ତ କରି ଚୌଦ୍ୱାର ଥାନା ଅଧିକାରୀ ବିଶ୍ୱରଂଜନ ସାହୁ ଏକ ସ୍ପେଶାଲ ସ୍କ୍ୱାଡ୍ ଗଠନ କରି ଏହି ଘଟଣାର ଅଭିଯୁକ୍ତ ବାଲିଚନ୍ଦ୍ରପୁର ଜନକ ଗ୍ରାମର ଆଶୁତୋଷ ଜେନାକୁ ଗିରଫ କରିବା ସହ ଚୋରି ହୋଇଥିବା ଅଳଙ୍କାରକୁ ତରଳାଇ ରଖିଥିବା ବାଲିଚନ୍ଦ୍ରପୁରର ପ୍ରକାଶ ଚନ୍ଦ୍ର ସାହୁଙ୍କୁ ଗିରଫ କରିବା ସହ କୋର୍ଟ ଚାଲାଣ କରାଯାଇଥିବା ଜଣାପଡ଼ିଛି । ଗିରଫ ହୋଇଥିବା ଅଭିଯୁକ୍ତ ଜଣକ ମହିଳାଙ୍କର ସମ୍ପର୍କୀୟ ହୋଇଥିବା ନେଇ ଥାନା ଅଧିକାରୀ ଶ୍ରୀସାହୁ ପ୍ରକାଶ କରିଥିବାବେଳେ ଫେରାର ଅନ୍ୟ ଜଣେ ଅଭିଯୁକ୍ତକୁ ଯଥାଶୀଘ୍ର ଗିରଫ କରାଯିବ ବୋଲି ସେ ପ୍ରକାଶ କରିଛନ୍ତି ।

## 'କମ୍ପାନୀ ବିରୋଧରେ ଆଣିଥିବା ଅଭିଯୋଗ ଭିତ୍ତିହୀନ'



ପାରାଦ୍ୱୀପ(ନିପ୍ର): ପାରାଦ୍ୱୀପ ଇଣ୍ଟରନ୍ୟାସୀନାଲ କାରଗୋ ଟର୍ମିନା (ପିଆଇସିଟି)ରେ କାର୍ଯ୍ୟରତ ଆଉଟ ସୋରସିଂ କମ୍ପାନୀ ଇଣ୍ଡୋ ଗ୍ଲୋବାଲ ଏଚଆର ସଲ୍ୟୁସନ କମ୍ପାନୀ ବିରୋଧରେ ମିଥ୍ୟା ଅଭିଯୋଗ କରିବା ସହିତ ଗଣମାଧ୍ୟମରେ ପ୍ରକାଶ ପାଇଥିଲା । ଯାହାର କୌଣସି ଆଧାର ନାହିଁ ବୋଲି ଏହି କମ୍ପାନୀରେ କାର୍ଯ୍ୟ କରୁଥିବା ୫୦/୬୦ ଜଣ ଶ୍ରମିକ ମାନେ ଶୁକ୍ରବାର ହୋଟେଲ ପାରାଦ୍ୱୀପ ଇଣ୍ଟରନ୍ୟାସନାଲରେ ଆୟୋଜିତ ସାମ୍ବାଦିକ ସମ୍ମିଳନୀରେ ସୂଚନା ଦେଇଛନ୍ତି । ସେମାନେ ସୂଚନା ଦେଇ କହିଛନ୍ତି ଯେ, ଇଣ୍ଡୋ ଗ୍ଲୋବାଲ ଏଚଆର ସଲ୍ୟୁସନ କମ୍ପାନୀ ଠିକ ସମୟରେ ନିୟମିତ ମଜୁରି ପ୍ରଦାନ କରୁଛି, ଯେହେତୁ ଶ୍ରମିକମାନଙ୍କ ଚୁକ୍ତି ଅନୁଯାୟୀ କାମ ନାହିଁ ତ ମଜୁରି ନାହିଁ ନୀତିରେ କାର୍ଯ୍ୟ କରୁଛନ୍ତି । ପ୍ରତି ମାସରେ ୨୦/୨୫ ଦିନ କାମ ମିଳୁଛି ଏବଂ ପ୍ରତି ମାସର ୧୦ ତାରିଖ ମଧ୍ୟରେ ନିୟମିତ ମଜୁରି ମିଳୁଛି । କିନ୍ତୁ ଫେବୃଆରୀ ଓ ମାର୍ଚ୍ଚ ମାସରେ ଜାହାଜ ବୋଝେଇ ଓ ଖଲାସ କାର୍ଯ୍ୟ କମ ହେବାରୁ ମାସିକ ୧୦/୧୫ ଦିନ କାମ ମିଳୁଛି । ପରବର୍ତ୍ତୀ ସମୟରେ ଅଧିକ କାମ ମିଳିବ ବୋଲି ଉପସ୍ଥିତ ଶ୍ରମିକ କହିଛନ୍ତି । ଏହି କମ୍ପାନୀ ବିରୋଧରେ ଶ୍ରମ ଆୟୋଗ ଓ ଗଣମାଧ୍ୟମରେ ଯେଉଁ ଖବର ପ୍ରକାଶ ପାଇଛି ତାହା ସମ୍ପୂର୍ଣ୍ଣ ମିଥ୍ୟା ବୋଲି କହିଛନ୍ତି । ୪/୫ ଜଣ ଶ୍ରମିକ ରାଜନୈତିକ ଉଦ୍ଦେଶ୍ୟ ରଖି କମ୍ପାନୀ ମାଲିକ ଓ ତାଙ୍କ ପତ୍ନୀଙ୍କ ବିରୋଧରେ ଅଭିଯୋଗ କରିଛନ୍ତି । ସେମାନେ ପରବର୍ତ୍ତୀ ସମୟରେ ନିଜ ନିଜର ଭୁଲ ବୁଝି ପାରିଛନ୍ତି ଏବଂ ସେମାନେ ଖୁବଶୀଘ୍ର କାମରେ ଯୋଗ ଦେବାକୁ କହିଛନ୍ତି । ଏଠାରେ ସୂଚନାଯୋଗ୍ୟ ଯେ ଏହି ଶ୍ରମିକମାନେ କୌଣସି ଶ୍ରମିକ ୟୁନିୟନ ଅନ୍ତର୍ଭୁକ୍ତ ହୋଇନାହାନ୍ତି । ତେଣୁ କିଛି ଶ୍ରମିକ ନେତା ସେମାନଙ୍କୁ ନିଜ ୟୁନିୟନକୁ ଆଣିବା ପାଇଁ ଏଭଳି ଖବର ପ୍ରଚାର କରୁଛନ୍ତି ବୋଲି ସେମାନେ କହିଛନ୍ତି ।

## ଖଣ୍ଡପଡା ବ୍ଲକର ୨ ଗ୍ରାମକୁ ଟ୍ୟାଙ୍କର ଯୋଗେ ଜଳ ଯୋଗାଣ

ଖଣ୍ଡପଡା(ନି.ପ୍ର) ପ୍ରଚଣ୍ଡ ରୌଦ୍ରତାପ ଓ ଗ୍ରୀଷ୍ମ ପ୍ରବାହକୁ ଦୃଷ୍ଟିରେ ରଖି ଖଣ୍ଡପଡା ଗ୍ରାମ୍ୟ ଜଳ ଯୋଗାଣ ଓ ପରିମଳ ବିଭାଗ ପକ୍ଷରୁ ଖଣ୍ଡପଡା ବ୍ଲକର ସିଧାମୂଳା ପଂଚାୟତ ଅଧିନ ଘୋଡାମାରୀଦ୍ୱାର ଗ୍ରାମ ସମେତ ନିକଟସ୍ଥ ଖଳିସାହି ଗ୍ରାମର ପୃଷ୍ଟିସାହି, ବଡସାହି, କୋଟପୋଖରୀ ବାସିନ୍ଦା ଟ୍ୟାଙ୍କର ଯୋଗେ ପାନୀୟ ଜଳ ଯୋଗାଣ ଆରମ୍ଭ ହୋଇଛି । ଉକ୍ତ ୨ଟି ଗ୍ରାମର ବାସିନ୍ଦା ପାନୀୟ ଜଳ ମୁନ୍ଦେ ସଂଗ୍ରହ ନିମନ୍ତେ ଅସୁବିଧାର ସମ୍ମୁଖିନ ହେଉଥିବା ନେଇ ଜଣାପଡିବା ପରେ ଟ୍ୟାଙ୍କର ଯୋଗେ ଜଳ ଯୋଗାଣ ଆରମ୍ଭ ହୋଇଥିବା ବିଭାଗୀୟ କନିଷ୍ଠଯନ୍ତ୍ରୀ ପ୍ରତିଭା ମଂଜରୀ ବାରିକଙ୍କ ଠାରୁ ପ୍ରକାଶ । ସେହିପରି କିଆଝର ପଂଚାୟତ ଅଧିନ ଗୋଛାବାରୀ ଗ୍ରାମର ବାସିନ୍ଦା ପାନୀୟ ଜଳ ମୁନ୍ଦେ ସଂଗ୍ରହ ନିମନ୍ତେ ବହୁ ଅସୁବିଧାର ସମ୍ମୁଖିନ ହେଉଥିବାରୁ ଉକ୍ତ ଗ୍ରାମବାସୀଙ୍କୁ ଟ୍ୟାଙ୍କର ଯୋଗେ ପାନୀୟ ଜଳ ଯୋଗାଇ ଦେବାକୁ ଗ୍ରାମବାସୀ ଦାବି କରିଛନ୍ତି ।

# ୧୦ ଦିନିଆ ଲାଇଫ ଗାର୍ଡ ପ୍ରଶିକ୍ଷଣ ଆରମ୍ଭ




କୋଣାର୍କ(ନିପ୍ର): କୋଣାର୍କ ଥାନା ଅଧିନସ୍ଥ ଚନ୍ଦ୍ରଭାଗା ବହୁମୁଖୀ ବାତ୍ୟା ଆଶ୍ରୟସ୍ଥଳୀ ଠାରେ ରାଜ୍ୟ ସରକାରଙ୍କ ପର୍ଯ୍ୟଟନ ବିଭାଗ ଓ ଭାରତୀୟ ପର୍ଯ୍ୟଟନ ପ୍ରତିଷ୍ଠାନ ଟ୍ରାଭେଲ ମ୍ୟାନେଜମେଣ୍ଟ, ଭୁବନେଶ୍ୱର ମିଳିତ ଆନୁକୂଲ୍ୟରେ ଚନ୍ଦ୍ରଭାଗା ସମୁଦ୍ର କୂଳରେ ପର୍ଯ୍ୟଟନ ମାନଙ୍କ ସୁରକ୍ଷା ନିମନ୍ତେ ସ୍ଥାନୀୟ ଅଂଚଳର ୧୦୦ ଜଣ ଯୁବ ସ୍ୱେଚ୍ଛାସେବୀ ମାନଙ୍କୁ ନେଇ ଏକ ୧୦ ଦିନିଆ ଲାଇଫ ଗାର୍ଡ ସାର୍ଟିଫିକେଟ ପ୍ରଶିକ୍ଷଣ ଶିବିର ଶୁକ୍ରବାର ଉଦ୍‌ଘାଟିତ ହୋଇଯାଇଛି । ଏହି ଉଦଘାଟନୀ ସମାରୋହରେ ଅତିଥି ଭାବରେ ଭାରତୀୟ ପର୍ଯ୍ୟଟନ ପ୍ରତିଷ୍ଠାନ ଓ ଟ୍ରାଭେଲ ମ୍ୟାନେଜମେଣ୍ଟ ପ୍ରତିଷ୍ଠାନର ବରିଷ୍ଠ ସହ ପ୍ରାଧାପକ ଡକ୍ଟର ସ୍ୱଜନ ଶ୍ରୀୟନ, ପ୍ରତିଷ୍ଠାନର ବରିଷ୍ଠ ପ୍ରଧ୍ୟାପିକା ସରିତା ପ୍ରଧାନ, କୋଣାର୍କ ପର୍ଯ୍ୟଟନ ଅଧିକାରୀ ଅମିୟ ରଞ୍ଜନ ସେଠୀ, କୋଣାର୍କ ଏନଏସି ନିର୍ବାହୀ ଅଧିକାରୀ ପ୍ରଣବ କୁମାର ଚାନ୍ଦ, ବରିଷ୍ଠ ସମାଜସେବୀ ରାମକୃଷ୍ଣ ମହାନ୍ତି, କୋଣାର୍କ ସାହିତ୍ୟ ସଂସଦ କ୍ଷର ସଂପାଦନ ରବିନ୍ଦ୍ର ନାଥ ବାହିନୀପତି, ଏନସିସି ଅଧିକାରୀ ବିନୟ ଭୂଷଣ ମହାନ୍ତି ପ୍ରମୁଖ ଯୋଗଦେଇ ପ୍ରଶିକ୍ଷଣ ଶିବିରରେ ଯୋଗଦାନ କରିଥିବା ଯୁବ ସ୍ୱେଚ୍ଛାସେବୀମାନଙ୍କୁ ଉତ୍ସାହିତ କରିଥିଲେ । ଚନ୍ଦ୍ରଭାଗା ସମୁଦ୍ର କୂଳରେ ପର୍ଯ୍ୟଟନମାନଙ୍କ ସୁରକ୍ଷା ପାଇଁ ପର୍ଯ୍ୟଟନ ବିଭାଗ ପକ୍ଷରୁ ଆୟୋଜିତ ଏହି ତାଲିମ ଶିବିର ଯୁବ ସ୍ୱେଚ୍ଛାସେବୀ ମାନଙ୍କୁ ସମାଜସେବାର ଏକ ପ୍ରଶସ୍ତ ମାର୍ଗ ଦେଖାଇବା ସହ ପ୍ରତ୍ୟକ୍ଷ ସମାଜସେବୀ ଭାବେ ଗଢି ତୋଳିବା ଦିଗରେ ବିଶେଷ ସହାୟକ ହେବ ବୋଲି ଅତିଥିମାନେ ମତବ୍ୟକ୍ତ କରିଥିଲେ । ଏହି ପ୍ରଶିକ୍ଷଣ ଶିବିରରେ ସ୍ଥାନୀୟ ଅଂଚଳର ୧୦୦ ଯୁବ ସ୍ୱେଚ୍ଛାସେବୀ ଅଂଶଗ୍ରହଣ କରିଥିଲା ବେଳେ ପ୍ରଶିକ୍ଷକ ଭାବେ ଓଡିଶା ରାଜ୍ୟ ବିପର୍ଯ୍ୟୟ ପରିଚାଳନା କର୍ତ୍ତୃପକ୍ଷଙ୍କ ମାଷ୍ଟର ଟ୍ରେନର ବାଇଧର ପ୍ରଧାନ, ପର୍ଯ୍ୟଟନ ବିଭାଗ ସ୍ୱୀକୃତି ପ୍ରାପ୍ତ ଗାଇଡ ବିରଂଚି ନାରାୟଣ ରଥ, ରାଜ୍ୟ ସ୍ତରୀୟ ଭଲିବଲ କୋଚ ସୁକାନ୍ତ କୁମାର ମିଶ୍ର ପ୍ରମୁଖ ଉପସ୍ଥିତ ରହି ପ୍ରଶିକ୍ଷଣ ପ୍ରଦାନ କରିଥିଲେ ।

# ହିନ୍ଦୁ ବିରୋଧୀ ହିଂସା ପ୍ରତିବାଦରେ ରାଷ୍ଟ୍ରପତିଙ୍କୁ ଦାବିପତ୍ର



କୁଚିଣ୍ଡା(ନିପ୍ର): ସମ୍ବଲପୁର ଜିଲ୍ଲା କୁଚିଣ୍ଡା ହିନ୍ଦୁ ସୁରକ୍ଷା ମଞ୍ଚ ଓ ହିନ୍ଦୁ ସମାଜ ପକ୍ଷରୁ ଜମ୍ମୁକାଶ୍ମୀରଠାରେ ଆତଙ୍କବାଦୀଙ୍କ ଦ୍ୱାରା ଘଟିଥିବା ବର୍ବରୋଚିତ ଘଟଣାକୁ ତୀବ୍ର ନିନ୍ଦା କରିବା ସହିତ ପ୍ରତିବାଦ କରାଯାଇଛି । କୁଚିଣ୍ଡା ପୂର୍ତ୍ତବିଭାଗ ଡାକ ବଙ୍ଗଳାଠାରୁ ଶୁକ୍ରବାର ହିନ୍ଦୁ ସୁରକ୍ଷା ମଞ୍ଚ ଓ ହିନ୍ଦୁ ସମାଜ ପକ୍ଷରୁ ଏକ ବିରାଟ ଶୋଭାଯାତ୍ରାରେ ବାହାରି ଉପଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ବିକ୍ଷୋଭ ପ୍ରଦର୍ଶନ କରାଯାଇଥିଲା । ହିନ୍ଦୁ ବିରୋଧି ହିଂସା ବନ୍ଦ କରିବା ଦାବିରେ ବିଭିନ୍ନ ସ୍ଲୋଗାନ ଦେଇ କର୍ମକର୍ତ୍ତା ମାନେ ବିକ୍ଷୋଭ ପ୍ରଦର୍ଶନ କରିଥିଲେ । ପରେ ରାଷ୍ଟ୍ରପତିଙ୍କ ଉଦ୍ଦେଶ୍ୟରେ ଉପଜିଲ୍ଲାପାଳଙ୍କୁ ଏକ ଦାବିପତ୍ର ପ୍ରଦାନ କରାଯାଇଥିଲା । ଉପଜିଲ୍ଲାପାଳଙ୍କ ଅନୁପସ୍ଥିତିରେ ଡେପୁଟି କଲେକ୍ଟର ସରିତା ଓରାମ ଦାବିପତ୍ର ଗ୍ରହଣ କରିଥିଲେ । ଜମ୍ମୁକାଶ୍ମୀରର ପର୍ଯ୍ୟଟନସ୍ଥଳ ପହଲଗାଓରେ ଆତଙ୍କବାଦୀ ମାନେ ସ୍ୱଷ୍ଟ ଦିବାଲୋକରେ ଧାର୍ମିକ ପରିଚୟରେ ନିରୀହ ହିନ୍ଦୁ ମାନଙ୍କୁ ଯେଉଁଳି ଭାବେ ହତ୍ୟା କରି ନାରକୀୟ କାଣ୍ଡ ରଚିଲେ ଏଥିରେ ଭାରତର ଅଖଣ୍ଡତା ଓ ସାର୍ବଭୌମତ୍ୱ ଉପରେ କୁଠାରଘାତ ହୋଇଛି । ଆତଙ୍କବାଦୀଙ୍କ ନାରକୀୟ ଘଟଣା ଦେଶର ଅସ୍ଥିରତା ଓ ବିଦ୍ୱେଶ ସୃଷ୍ଟିର ଘୃଣ୍ୟ ପ୍ରୟାସ ପ୍ରତିପାଦିତ ହୋଇଛି । ଏହାରି ଯୋଗୁଁ ସଭ୍ୟ ସମାଜର ଧର୍ମୀୟ ଭାବନାରେ କୁଠାରଘାତ ହେବା ସହ ଜନମାନସକୁ ଏକ ଚାଲେଞ୍ଜ ସୃଷ୍ଟି ହୋଇଥିବା ଦାବିପତ୍ରରେ ଉଲ୍ଲେଖ କରାଯାଇଛି । ତେଣୁ ବର୍ବରକାଣ୍ଡ ଘଟାଇଥିବା ଆତଙ୍କବାଦୀ ଓ ଘଟଣାକୁ ପ୍ରୋତ୍ସାହିତ କରୁଥିବା ଆତଙ୍କୀ ସଂଗଠନର ଚିହ୍ନଟ ପୂର୍ବକ ସମୂଳେ ବିନାଶ ପାଇଁ ହିନ୍ଦୁ ସମାଜ ଦୃଢ ଦାବି ଜଣାଇଛି । ଏହି କାର୍ଯ୍ୟକ୍ରମରେ ହିନ୍ଦୁ ସୁରକ୍ଷା ମଞ୍ଚ ଓ ହିନ୍ଦୁ ସମାଜର ପ୍ରଭାତ ଶର୍ମାଙ୍କ ସମେତ ବହୁ ସଂଖ୍ୟକ ହିନ୍ଦୁ ପୁରୁଷ ମହିଳା ସାମିଲ ହୋଇଥିଲେ ।

## ମଣ୍ଡି ଜରିଆରେ ଚିନାବାଦାମ କିଣିବାକୁ ଚାଷୀଙ୍କ ଦାବି

କୃଷ୍ଣପ୍ରସାଦ(ନିପ୍ର): ପୁରୀ ଜିଲ୍ଲା ଅନ୍ତର୍ଗତ କୃଷ୍ଣପ୍ରସାଦ ବ୍ଲକ ଅଞ୍ଚଳର ଶହ ଶହ ଚାଷୀ ଚିନାବାଦାମ ଚାଷକରି ପରିବାର ପ୍ରତିପୋଷଣ କରିଥାନ୍ତି । ମାତ୍ର ଦୁଃଖର ବିଷୟ ଚଳିତ ବର୍ଷ ଅଦିନିଆ ଲଗାଣ ବର୍ଷା ଯୋଗୁ ଚାଷୀମାନେ ବିଶେଷ ଭାବେ କ୍ଷତିଗ୍ରସ୍ତ ହୋଇଛନ୍ତି । ଏବେ ଚାଷୀମାନେ ଅମଳ ଚିନାବାଦାମକୁ ସରକାର ଧାର୍ଯ୍ୟ କରିଥିବା ଉଚିତ ମୂଲ୍ୟରେ ବିକ୍ରୟ କରିପାରୁନାହାନ୍ତି । ଯଦି କୃଷି ବିଭାଗ କିମ୍ବା ସେବା ସମବାୟ ସମିତି ପକ୍ଷରୁ ବ୍ଲକ ଅଞ୍ଚଳରେ ମଣ୍ଡି ଖୋଲାଯାଇ ଚାଷୀମାନଙ୍କଠାରୁ ସରକାର ଚିନାବାଦାମ କ୍ରୟ କରନ୍ତେ ତାହା ହେଲେ ଏ ଅଞ୍ଚଳର ଚାଷୀମାନେ ବିଶେଷ ଭାବେ ଉପକୃତ ହେବା ସହ ଅଭାବୀ ଚିନାବାଦାମ ବିକ୍ରୀର ଶିକାର ହୁଅନ୍ତେ ନାହିଁ ବୋଲି କୁହାଯାଉଛି । ସରକାରଙ୍କ ପକ୍ଷରୁ ଚିନାବାଦାମ କ୍ରୟ ନିମନ୍ତେ ସେଭଳି କୌଣସି ବ୍ୟବସ୍ଥା ନଥିବାରୁ କୃଷ୍ଣପ୍ରସାଦ ବ୍ଲକ ଅଞ୍ଚଳର ଚାଷୀମାନେ ବାଧ ହୋଇ ଶାଗମାଛ ଦରରେ ଦଲାଲମାନଙ୍କୁ ଚିନାବାଦାମ ବିକ୍ରୟ କରୁଥିବା ଜଣାପଡିଛି । ଫଳରେ ଚିନାବାଦାମ ଚାଷୀମାନେ ପରିଶ୍ରମ ବଦଳରେ ଉପଯୁକ୍ତ ପାରିଶ୍ରମିକ ପାଇବାରୁ ବଞ୍ଚିତ ହେଉଛନ୍ତି । ତେଣୁ ଚିନାବାଦାମ ଚାଷୀମାନଙ୍କ ସ୍ୱାର୍ଥକୁ ଦୃଷ୍ଟିରେ ରଖି ସରକାର ମଣ୍ଡି ଜରିଆରେ ଚାଷୀମାନଙ୍କ ଠାରୁ ଉଚିତ ମୂଲ୍ୟରେ ଚିନାବାଦାମ କ୍ରୟ କରିବାକୁ କୃଷକ ନେତା ଦୀପକ କୁମାର ଜେନା ଏବଂ ଅଞ୍ଚଳବାସୀ ଦାବି କରିଛନ୍ତି । ଏଥିପ୍ରତି ବ୍ଲକ କୃଷି ଅଧିକାରୀ, ମଣ୍ଡଳ ଉନ୍ନୟନ ଅଧିକାରୀ, ଜିଲ୍ଲା କୃଷି ଅଧିକାରୀ ଓ ଜିଲ୍ଲାପାଳ ଦୃଷ୍ଟି ଦେବାକୁ ଦାବି ହେଉଛି ।

CMYK

# ବାସ୍କେଟ୍ ବଲ କ୍ରୀଡ଼ା ଉତ୍ସବ: ସାମିଲ ହେଲେ ୧୨ ବିଦ୍ୟାଳୟ



ସମ୍ବଲପୁର,୨୫।୪: ଭୁବନେଶ୍ୱର କେନ୍ଦ୍ରୀୟ ବିଦ୍ୟାଳୟ ସଙ୍ଗଠନର ସମ୍ଭାଗସ୍ତରୀୟ ତିନିଦିନିଆ ବାସ୍କେଟ୍ ବଲ କ୍ରୀଡ଼ା ଉତ୍ସବ ସମ୍ବଲପୁରସ୍ଥିତ ପିଏମ୍‌ଶ୍ରୀ କେନ୍ଦ୍ରୀୟ ବିଦ୍ୟାଳୟ ପରିସରରେ ଶୁକ୍ରବାର ଶୁଭାରମ୍ଭ ହୋଇଯାଇଛି। ବିଦ୍ୟାଳୟ ଅଧକ୍ଷ ରଣରଞ୍ଜୟ ସିଂହଙ୍କ ସଭାପତିତ୍ୱରେ ଉତ୍ସବ ଅନୁଷ୍ଠିତ ହୋଇଥିଲା। ବିଦ୍ୟାଳୟର ଉପାଧକ୍ଷ ବଳରାମ ମିଶ୍ର, ପ୍ରଧାନ ଶିକ୍ଷକ ଚକ୍ରଧର ଦେହୁରୀ, ସେକେଣ୍ଡାରୀ ବିଭାଗର ଖେଳ ପ୍ରଭାରୀ ସୋନାଲି କିସ୍କୋଟ୍ଟା, ପବନ କୁମାର ନୌଟିୟାଲ, ପ୍ରାଥମିକ ବିଭାଗର ଖେଳ ପ୍ରଭାରୀ ସୁଦାମ ଚରଣ ଭୋଇ ଏବଂ ସମସ୍ତ ପ୍ରାଥମିକ ଶିକ୍ଷୟିତ୍ରୀ ଓ ଶିକ୍ଷକମାନେ ଯୋଗ ଦେଇଥିଲେ। ଶିକ୍ଷକ ଦିଲୀପ କୁମାର ପୂଜାରୀ, ମଣ୍ଟୁ ସାହୁ, ଅରକ୍ଷିତ କୁମାର, ଖୁଦିରାମ ବେହେରା, ଅବିନାଶ ଦାସ, ଶଙ୍କର ନାଇକ ଉତ୍ସବ ପରିଚାଳନାରେ ସହଯୋଗ କରିଥିଲେ। ଏହି ଅବସରରେ ଭୁବନେଶ୍ୱର ସମ୍ଭାଗର ୧୨ଟି କେନ୍ଦ୍ରୀୟ ବିଦ୍ୟାଳୟରୁ ୧୫୪ କ୍ରୀଡା ପ୍ରତିଭାଗୀଙ୍କ ସମେତ ୧୭ଜଣ ଗାଇଡ୍ ଶିକ୍ଷକ ଅଂଶଗ୍ରହଣ କରିଥିଲେ। ରାଉରକେଲା, କଟକ, ଭୁବନେଶ୍ୱରରୁ ଆସିଥିବା ବିଏଫଆଇବି ପେନାଲ ରେଫରୀ ସୁକାନ୍ତ ଧର, ସଙ୍ଗମ ନାୟକ, ଭି. ନାଗେଶ୍ୱର ରାଓ ଓ ଗୌତମ ଗଜପତି, ଆରିୟନ ସିଂହ ଓ ଚିରଞ୍ଜିତ କରନ ଖେଳ ପରିଚାଳନା କରିଥିଲେ। ପ୍ରଥମେ ବିଦ୍ୟାଳୟର ଅଧକ୍ଷ ସିଂହ ଫିତା କାଟି ଖେଳ ପ୍ରତିଯୋଗିତା ଆରମ୍ଭ କରିଥିଲେ। ପରେ ୧୭ ବର୍ଷରୁ କମ ଦଳ ଶ୍ରେଣୀରେ କେନ୍ଦ୍ରୀୟ ବିଦ୍ୟାଳୟ ଭୁବନେଶ୍ୱର-୨ ଓ ପୁରୀ ବାଳକ, ଗୋପାଳପୁର ଓ କଟକ-୧ ବାଳକ ଏବଂ ସମ୍ବଲପୁର -୧ ଓ ପୁରୀ ବାଳିକା ବାସ୍କେଟ ବଲ ଲିଗ ମ୍ୟାଚ ହୋଇଥିଲା। ସେହିପରି ସନ୍ଧ୍ୟାରେ ୧୪ ବର୍ଷରୁ କମ ଦଳ ଶ୍ରେଣୀରେ କେନ୍ଦ୍ରୀୟ ବିଦ୍ୟାଳୟ ବ୍ରହ୍ମପୁର ଓ ଭୁବନେଶ୍ୱର-୨ ବାଳକ, ବ୍ରହ୍ମପୁର ଓ ସମ୍ବଲପୁର-୧ ବାଳକ ଏବଂ ସମ୍ବଲପୁର-୧ ଓ ୨ ବାଳିକା ଖେଳାଳିମାନଙ୍କ ବାସ୍କେଟ ବଲ ଲିଗ ମ୍ୟାଚ ହୋଇଥିଲା। ପିଏମ୍ ଶ୍ରୀ କେନ୍ଦ୍ରୀୟ ବିଦ୍ୟାଳୟ ନଂ-୧ ସମ୍ବଲପୁରଠାରେ ସମସ୍ତ ଖେଳାଳି ଓ ରେଫରିଙ୍କ ପାଇଁ ରହିବା ଖାଇବାର ବ୍ୟବସ୍ଥା କରାଯାଇଛି ।

# ରାୟଗଡ଼ା ଜିଲ୍ଲାରେ ୩୦୭ ଗ୍ରାମକୁ ନାହିଁ ପକ୍କା ରାସ୍ତା

ରାୟଗଡା,୨୫/୪(ନିପ୍ର): ଗୋଟିଏ ଗାଁକୁ ଦରକାର ପ୍ରଥମେ ପାନୀୟ ଜଳ, ଆଉ ରାସ୍ତା। ରାସ୍ତା ବିନା ଯାତାୟାତରେ ନାହିଁ ନ ଥିବା ଅସୁବିଧାର ସମ୍ମୁଖୀନ ହୋଇଥାନ୍ତି ଗ୍ରାମବାସୀ। ରାସ୍ତା ନ ଥିବାରୁ ରୋଗୀ, ଗର୍ଭବତୀ ମହିଳା ଖଟିଆରେ ବୁହାହୁଅନ୍ତି ଅନେକ ବାଟ। ତାପରେ ଆମ୍ବୁଲାନ୍ସରେ ବୁହାହୋଇ ଯାଇଥାନ୍ତି ମେଡିକାଲକୁ। ବାଟରେ, ବୁଦା ଆଢୁଆଳରେ ଛୁଆ ଜନ୍ମ ଦେଇଥିବା ଘଟଣା ଜିଲ୍ଲାରେ ଅନେକ ରହିଛି। ଏହି ରାସ୍ତା ଖଣ୍ଡେ ନଥିବାରୁ ବିଳମ୍ବ ଯୋଗୁଁ ଅନେକ ରୋଗୀ ଠିକ୍ ସମୟରେ ଚିକିତ୍ସା ନପାଇ ମୃତ୍ୟୁ ମୁଖରେ ପଡ଼ିଥିବା ନଜିର ରହିଛି। ତଥାପି ସରକାର କିଛି ପଦକ୍ଷେପ ନେଉନଥିବା ଦୁଃଖ ଆଉ ପରିତାପର ବିଷୟ। ଖବରରୁ ପ୍ରକାଶ ଯେ ରାୟଗଡା ଜିଲ୍ଲାରେ ୩୦୭ଟି ଗ୍ରାମକୁ ପକ୍କା ରାସ୍ତା ନଥିବା ଯୋଗୁଁ ଲୋକେ ଭରସା କରନ୍ତି ଜଙ୍ଗଲିଆ ଆଉ ପାହାଡିଆ ଚଲାବାଟ ଉପରେ । କେବଳ ସରକାରଙ୍କର ଇଚ୍ଛାଶକ୍ତିର ଅଭାବ ଯୋଗୁଁ ଲୋକେ ନାନା ପ୍ରକାର ଅସୁବିଧା ଭୋଗୁଛନ୍ତି। ସମ୍ପ୍ରତି ରାସ୍ତା ନ ଥିବା ଜିଲ୍ଲା ଭାବେ ରାୟଗଡା ଶୀର୍ଷରେ ରହିଛି। ଏହି ତଥ୍ୟଟି ବିଧାନସଭାରେ ସୂଚିତ ମଧ କରାଯାଇଛି। ସରକାରୀ ପ୍ରଦତ୍ତ ତଥ୍ୟ ପ୍ରକାରେ ୩୦୭ ଗ୍ରାମକୁ ପକ୍କା ରାସ୍ତା ନଥିବା ଜଣାପଡିଛି। କିନ୍ତୁ ଏଠାକାର ଜନପ୍ରତିନିଧି ଦର୍ଶାଉଥିବା ତଥ୍ୟ ପ୍ରକାରେ ୬୧୧ ଗାଁ କୁ ପକ୍କା ରାସ୍ତା ନଥିବା ଅଭିଯୋଗ ହୋଇଛି। ବିଭିନ୍ନ ଜିଲ୍ଲା ପରିଷଦ ବୈଠକରେ ଏ ବିଷୟରେ ଆଲୋଚନା ହୋଇଛି। ରାସ୍ତା ନିର୍ମାଣ କାର୍ଯ୍ୟ ପୂର୍ତ୍ତ ଓ ରାଜପଥ ବିଭଗର ଦାୟୀତ୍ୱ। ଗ୍ରାମାଞ୍ଚଳରେ ମୌଳିକ ସୁବିଧା ଉପଲବ୍ଧ କରାଇବା ପାଇଁ ଗ୍ରାମ୍ୟ ଉନ୍ନୟନ ବିଭାଗ, ବ୍ଲକ ଏବଂ ପଞ୍ଚାୟତ ଉପରେ ଦାୟିତ୍ୱ ନ୍ୟସ୍ତ କରାଯାଇଅଛି। ସରକାରୀ ନିୟମ ଅନୁସାରେ ୨୦୦ ଜନସଂଖ୍ୟା ବିଶିଷ୍ଟ ଗ୍ରାମକୁ ପ୍ରଧାନମନ୍ତ୍ରୀ ଗ୍ରାମ୍ୟ ସଡ଼କ ଯୋଜନା ଏବଂ ୧୦୦ ଜନସଂଖ୍ୟା ବିଶିଷ୍ଟ ଗ୍ରାମକୁ ମୁଖ୍ୟମନ୍ତ୍ରୀ ସଡ଼କ ଯୋଜନାରେ ଅନ୍ତର୍ଭୁକ୍ତ କରାଯାଇ କୋଟିକୋଟି ଟଙ୍କା ଖର୍ଚ୍ଚ କରାଯାଉଛି। ଏହା ବ୍ୟତୀତ ମନରେଗା, ବିଜୁ କେବିକେ, ସିସି ରାସ୍ତା ଭଳି କାମ ପଞ୍ଚାୟତ ସମିତି ପକ୍ଷରୁ କରାଯାଉଛି। ଜିଲ୍ଲାର ମୁଖ୍ୟ ସଡ଼କ ପଥ ସହ ଗ୍ରାମକୁ ଯୋଡିବା ପାଇଁ ସରକାରୀ ପ୍ରୟାସ ଜାରି ରହିଛି। ସମନ୍ୱିତ ଆଦିବାସୀ ଉନ୍ନୟନ ସଂସ୍ଥା ଓ ବନ ବିଭାଗ ଜଙ୍ଗଲ ରାସ୍ତା ନିର୍ମାଣ କରିଥାନ୍ତ। ରାସ୍ତା ନିର୍ମାଣ ସକାଶେ ବିଧାୟକ ଓ ସାଂସଦ ଉନ୍ନୟନ ପାଣ୍ଠି ମଧ ବିନିଯୋଗ କରାଯାଉଛି। ପୁଣି ଏସବୁକୁ କାର୍ଯ୍ୟକାରୀ କରିବା ପାଇଁ ରହିଛି ଯୋଜନା ବୋର୍ଡ ଏବଂ କାର୍ଯ୍ୟ ସବୁକୁ ଉଚ୍ଚସ୍ତରୀୟ ବୈଠକ ଜରିଆରେ ପାରିତ କରାଯାଇଥାଏ। ଜିଲ୍ଲା ଗଠନ ହୋଇ ଇତି ମଧରେ ୩୩ ବର୍ଷ ବିତିଗଲା ହେଲେ ଜିଲ୍ଲାରେ ଶହଶହ ଗ୍ରାମ ଏବେବି ପକ୍କା ରାସ୍ତା ଖଣ୍ଡିଏରୁ ବଞ୍ଚିତ। ପ୍ରଶାସନିକ ସର୍ଭେରୁ ଜଣାପଡିଥିବା ତଥ୍ୟ ଅନୁସାରେ କାଶୀପୁର ବ୍ଲକର ୯୬ ରାଜସ୍ୱ ଓ ପଡା ଗ୍ରାମକୁ ରାସ୍ତା ନଥିବା ଜଣା ପଡିଛି। ସେହିପରି ମୁନିଗୁଡା ବ୍ଲକର ୮୧, କଲ୍ୟାଣସିଂହପୁର ବ୍ଲକ ର ୭୨, ଗୁଣପୁର ବ୍ଲକର ୭୦, ଚନ୍ଦ୍ରପୁର ୭୭, ଗୁଡ଼ାରୀ ୬୧, ବିଷମକଟକ ୪୭, ପଦ୍ମପୁର ୩୪, ରାମନଗୁଡା ୨୭, କୋଲନାରା ୨୪ଟି ଗ୍ରାମକୁ ରାସ୍ତା ନଥିବା ଜଣା ପଡିଛି। ସବୁଠାରୁ ଆଶ୍ଚର୍ଯ୍ୟର କଥା ରାୟଗଡା ବ୍ଲକର ୬୦ ଗ୍ରାମକୁ ରାସ୍ତା ନିର୍ମାଣ ହୋଇପାରିନାହିଁ। ରାୟଗଡା ବ୍ଲକ ସ୍ଥିତ ତାଡମା ପଂଚାୟତର ଅର୍ଜୁନଗୁଡା ଗାଁ, ଯେଉଁଠି ବସବାସ କରନ୍ତି ୨୪ ପରିବାର, ଜନସଂଖ୍ୟା ୧୨୫ ରୁ ସାମାନ୍ୟ ଅଧୀକ, ମାତ୍ର ୭ କି. ମି ଦୂରରେ ରହିଛି ହେଲେ ପକ୍କା ରାସ୍ତା ଟିଏ ନାହିଁ। ଆଉ କେତେଦିନ ଏପରି ଅସୁବିଧା ଭୋଗିବାକୁ ପଡିବ ବୋଲି କାଶୀପୁର ବ୍ଲକର ଭ୍ରମରଯୋଡ, ବିଚ୍ଛାପିଣ୍ଡା, ବାରୀଗୁଡା, ତାଳଗୁମ୍ଫା, ପୁତୁଳିମାଳୀ, ହିଂଗେରଗୁଡା, କଦଳିଖୋଲ, ଡ଼ଙ୍ଗାସିଲ, ଅମ୍ୱାବାଲି ଡ଼େରାକଣା ଆଦି ଗ୍ରାମର ଲୋକେ ପ୍ରଶ୍ନ କରିଛନ୍ତି। ନିୟମଗିରି ଅଂଚଳର କଥା କାହାକୁ ବା ଅଗୋଚର, ଏଠାକାର ୧୨୦ ଗ୍ରାମକୁ ରାସ୍ତା ନାହିଁ। ଲୋକେ ଯେତେଥର ହାକିମଙ୍କୁ ଗୁହାରି କରିଛନ୍ତି, ଫଳ ଶୂନ ବୋଲି ସ୍ଥାନୀୟ ଲୋକେ କହିଛନ୍ତି।

# ଟାଟାଷ୍ଟିଲ୍ ମେରାମଣ୍ଡଳୀ ପକ୍ଷରୁ ଜରୁରୀକାଳୀନ ମକ୍‌ଡ୍ରିଲ୍




**ମେରାମଣ୍ଡଳୀ, ୨୫/୪(ନିପ୍ର):** ଟାଟା ଷ୍ଟିଲ୍ ମେରାମଣ୍ଡଳୀ (ଟିଏସ୍‌ଏମ୍) ପକ୍ଷରୁ ଏହାର ପ୍ଲାଣ୍ଟର ବିଟିଏକ୍ସ କ୍ଷେତ୍ର, କୋକ୍ ଓଭେନ୍ -୨ରେ ଏକ ଜରୁରୀକାଳୀନ ମକ୍ ଡ୍ରିଲ୍ ସଫଳତାର ସହ ଆୟୋଜିତ କରାଯାଇଛି । ଏଥିରେ ନିଆଁ ଲାଗିବା ଭଳି ଏକ କୃତ୍ରିମ ପରିସ୍ଥିତି ସୃଷ୍ଟି କରାଯାଇ ତାହାକୁ ନିୟନ୍ତ୍ରଣ କରିବା ତଥା ପ୍ଲାଣ୍ଟର ଜରୁରିକାଳୀନ ପ୍ରସ୍ତୁତିକୁ ପରୀକ୍ଷା ଓ ଏହାକୁ ଆହୁରି ସୁଦୃଢ କରିବା ଉପରେ ମକ୍ ଡ୍ରିଲ କରାଯାଇଥିଲା। ଏହି ଡ୍ରିଲରେ ଢେଙ୍କାନାଳ ଜୋନର କାରଖାନା ଏବଂ ବଏଲର ସହକାରୀ ନିର୍ଦ୍ଦେଶକ ଇ. ପୁଷ୍ପମିତ୍ରା ଜେନା, ଢେଙ୍କାନାଳ ଜିଲ୍ଲା ଅଗ୍ନିଶମ ଅଧିକାରୀ ପ୍ରଶାନ୍ତ ଧଳ ଏବଂ ଢେଙ୍କାନାଳ ଜିଲ୍ଲା କ୍ରାଇସିସ ଗ୍ରୁପ, ଏବଂ ଜିଏମଆର, ନବ ଲିମିଟେଡ୍, ରିମଝିମ୍ ଆଦି ସ୍ଥାନୀୟ ଉଦ୍ୟୋଗର ପ୍ରତିନିଧିମାନେ ଉପସ୍ଥିତ ଥିଲେ। ଟିଏସଏମର ସୁରକ୍ଷା ମୁଖ୍ୟ, ବିଳାସ ଏନ୍ ଗାଏକ୍ୱାଡ, କୋକ ପ୍ଲାଣ୍ଟ ମୁଖ୍ୟ ବିରେନ୍ଦ୍ର ସିଂହ, ପ୍ରୋସେସ ସେଫ୍ଟି ମୁଖ୍ୟ କୁମାର ବରୁଣଙ୍କ ସମେତ ଅନ୍ୟ ବରିଷ୍ଠ ଅଧିକାରୀମାନେ କାର୍ଯ୍ୟକ୍ରମରେ ସକ୍ରିୟ ଅଂଶଗ୍ରହଣ କରିଥିଲେ। ଡ୍ରିଲ୍ ପରେ ସାଇଟ୍ ଇନ୍‌ସିଡେଣ୍ଟ୍ କଣ୍ଟ୍ରୋଲର, କମ୍ୱାଟ୍ ଟିମ୍ ଲିଡର, ଉଦ୍ଧାରକାରୀ ଦଳର ଲିଡର ଓ ଅକ୍‌ଜିଲାରି ଦଳର ଲିଡର୍ ସମ୍ପୂର୍ଣ୍ଣ ବିବରଣୀ ଉପସ୍ଥାପନ କରିଥିଲେ।

# ଏମସିଏଲ୍‌ର ଦ୍ୱିତୀୟ ଏଚ୍‌ଆର/ ଆଇଆର୍ କନକ୍ଲେଭ ଆୟୋଜନ




**ଭୁବନେଶ୍ୱର,୨୫/୪(ନିପ୍ର):** ମହାନଦୀ କୋଲଫିଲ୍ଡସ୍ ଲିମିଟେଡ୍ (ଏମସିଏଲ) ଦ୍ୱାରା ଆୟୋଜିତ କୋଲ୍ ଇଣ୍ଡିଆ ଲିମିଟେଡର ଦ୍ୱିତୀୟ ଏଚ୍‌ଆର/ଆଇଆର କନକ୍ଲେଭ ୨୦୨୫ ଭୁବନେଶ୍ୱରରେ ଆରମ୍ଭ ହୋଇଛି। ଏହି ଦୁଇଦିନିଆ କାର୍ଯ୍ୟକ୍ରମରେ କୋଲ୍ ଇଣ୍ଡିଆ ଏବଂ ଏହାର ସହାୟକ କମ୍ପାନୀଗୁଡ଼ିକର ନିର୍ଦ୍ଦେଶକ (ଏଚ୍‌ଆର)ଏବଂ ବରିଷ୍ଠ ଏଚ୍‌ଆର୍ ବୃତ୍ତିଗତମାନେ ମାନବସମ୍ବଳ ରଣନୀତି, ଶିଳ୍ପ ସମନ୍ୱୟ ଏବଂ କର୍ମକ୍ଷେତ୍ର ପରିବର୍ତ୍ତନ ଉପରେ ଆଲୋଚନାରେ ସାମିଲ ହୋଇଛନ୍ତି। ଶ୍ରୀ ପ୍ରସାଦ କୋଲ୍ ଇଣ୍ଡିଆରେ ମାନବ ସମ୍ବଳ ବୃତ୍ତିଗତଙ୍କ ଭୂମିକା ଏବଂ ସିଏସଆର ଅଧୀନରେ ଲୋକଙ୍କ ଜୀବନରେ, ବିଶେଷକରି ଦୂରବର୍ତ୍ତୀ କାର୍ଯ୍ୟକ୍ଷମ ଅଞ୍ଚଳରେ, ସକାରାତ୍ମକ ପରିବର୍ତ୍ତନ ଆଣିବାରେ କମ୍ପାନୀର ଅବଦାନକୁ ପ୍ରଶଂସା କରିଥିଲେ।

# ୨୯ ଯାଏଁ ତାତି, ଆଶ୍ୱସ୍ତି ଆଣିପାରେ କାଳବୈଶାଖୀ

ଭୁବନେଶ୍ୱର ୨୫।୪: ଆହୁରି ୫ ଦିନ ଯାଏଁ ଓଡ଼ିଶା ସିଝିବ। ମଝିରେ ମଝିରେ କାଳବୈଶାଖୀ ଆଶ୍ୱସ୍ତି ଆଣିପାରେ । ଭୁବନେଶ୍ୱର ଆଞ୍ଚଳିକ ପାଣିପାଗ ବିଜ୍ଞାନ କେନ୍ଦ୍ର ଏପରି ଆକଳନ କରିଛି । ସେହିପରି ଶନିବାର ପ୍ରବଳ ତାତି ନେଇ ଝାରସୁଗୁଡା, ସମ୍ବଲପୁର, ବୌଦ୍ଧ ଓ ବଲାଙ୍ଗୀର ୪ ଜିଲ୍ଲାକୁ ୟେଲୋ ୱାର୍ଣ୍ଣିଂ ଜାରି କରାଯାଇଛି । ସେହିଦିନ ରାଜ୍ୟରେ କାଳବୈଶାଖୀ ବର୍ଷା ସମ୍ଭାବନା ଥିବା ବେଳେ ମାଲକାନଗିରି, ଗଞ୍ଜାମ, କୋରାପୁଟ ମୟୂରଭଞ୍ଜରେ ବିଜୁଳି,ଘଡଘଡି ବର୍ଷା ସହ ୩୦ରୁ ୪୦ କିମିର ଝଡ ପବନ ସମ୍ଭାବନାକୁ ନେଇ ୟେଲୋ ୱାର୍ଣ୍ଣିଂ ଜାରି କରାଯାଇଛି । ୨୯ ଯାଏଁ ପ୍ରବଳ ତାତି ସହ କାଳବୈଶାଖୀ ବର୍ଷା ମଧ୍ୟ ଜାରି ରହିବ ।

# ଶିମିଳିପାଳରେ ବଢୁଛି ମହାବଳ ବଂଶ

ବାରିପଦା,୨୫।୪:ଶିମିଳିପାଳରେ ମହାବଳ ବାଘ ବଂଶ ବଢୁଥିବା ନେଇ ବନ୍ୟପ୍ରାଣୀ ପିସିସିଏଫ ପ୍ରେମ କୁମାର ଝା ସୂଚନା ଦେଇଛନ୍ତି । ସେ କହିଛନ୍ତି ,ଜିନତ ଓ ଯମୁନାକୁ ମିଶାଇ ୪୦ ମହାବଳ ବାଘ ଅଛନ୍ତି । ୪୦ରୁ ୬ଟି ବାଘ ଶାବକ, ୧୮ଟି କଳା ମହାବଳ । ଚଳିତବର୍ଷ କ୍ୟାମେରା ଟ୍ରାପରୁ ଏହା ସ୍ପଷ୍ଟ ହୋଇଛି ।

# ମଣପ୍ପୁରମ ସୁନା ଲୁଟ୍ ଘଟଣା: ଆଉ ୪ ଗିରଫ

ସମ୍ବଲପୁର,୨୫।୪: ସମ୍ବଲପୁର ମଣପ୍ପୁରମ ସୁନା ଲୁଟ ଘଟଣାରେ ଏକ ନୂଆ ଦିଗ ଉନ୍ମୋଚିତ ହୋଇଛି। ଲୁଟ ସୁନା ବିକି ପାକିସ୍ତାନରୁ ସଂପୃକ୍ତ ଡକାୟତମାନେ ମାରଣାସ୍ତ୍ର କିଣିଛନ୍ତି । ଦିଲ୍ଲୀ ପୋଲିସ ସହାୟତାରେ ପୁଣି ୪ ଡକାୟତଙ୍କୁ ପୋଲିସ ଧରିବା ପରେ ଏହା ଜଣାପଡ଼ିଛି। ଏଥିସହ ସେମାନଙ୍କ ଠାରୁ ପାକିସ୍ତାନ ତିଆରି ୧୪ଟି ବନ୍ଧୁକ ଜବତ କରାଯାଇଛି। ପୂର୍ବରୁ ମାଷ୍ଟର ମାଇଣ୍ଡ ସୁବୋଧ ସିଂ ସହ ୪ ଗିରଫ ହୋଇଥିଲେ । ଏବେ ଗିରଫଦାରି ସଂଖ୍ୟା ୮ରେ ପହଞ୍ଚିଥିବା ସମ୍ବଲପୁର ଏସ୍‌ପି ସୂଚନା ଦେଇଛନ୍ତି। ଏହି ଡକାୟତମାନେ କଟନୀରୁ ୧୭ କେଜି, ଉଦୟପୁରରୁ ୨୫ କେଜି ସୁନା ଲୁଟ କରିଥିଲେ। ସୂଚନାଥାଉକି, ଗତ ଜାନୁଆରୀ ୩ ତାରିଖରେ ସମ୍ବଲପୁର ସହରର ବୁଢ଼ାରଜା ସ୍ଥିତ ମଣପୁରମ ଫାଇନାନ୍ସ ଲିମିଟେଡରେ ସଶସ୍ତ୍ର ଡକାୟତି ଡକାୟତି ହୋଇଥିଲା ।

# ନବଜାତ ଶିଶୁର ଜୀବନ ବଞ୍ଚାଇବାରେ ସଫଳ ହେଲେ ସମ୍ ଡାକ୍ତରୀ ଟିମ୍



**ଭୁବନେଶ୍ୱର,୨୫/୪(ନିପ୍ର):** ଜଟିଳ ଜନ୍ମଗତ ତ୍ରୁଟି ସହ ନିର୍ଦ୍ଧାରିତ ସମୟ ପୂର୍ବରୁ ଜନ୍ମ ଗ୍ରହଣ କରିଥିବା ମାତ୍ର ଦେଢ଼ କେଜି ଓଜନର ଏକ ଶିଶୁର ଉଚ୍ଚକୋଟୀର ଚିକିତ୍ସା ଦ୍ୱାରା ଜୀବନ ରକ୍ଷା କରିବାରେ ସଫଳ ହୋଇଛନ୍ତି ସମ୍ ଅଲ୍ଟିମେଟ ମେଡିକେୟାର (ସମ୍ମମ୍)ର ଡାକ୍ତରୀ ଟିମ୍। ଗର୍ଭଧାରଣର ମାତ୍ର ୩୩ ସପ୍ତାହରେ ଜନ୍ମ ଗ୍ରହଣ କରିଥିବା ଏହି ଶିଶୁଟିର ବିରଳ ସମସ୍ୟା ଯାହାକୁ 'ପାଇରେ ରୋବିନ୍ ସିକ୍ୱେନ୍ସ' କୁହାଯାଏ ସେଥିରେ ପୀଡ଼ିତ ଥିବାର ଜଣାପଡ଼ିଥିଲା। ଏହି ସମସ୍ୟା ଜନ୍ମଗ୍ରହଣ କରୁଥିବା ୧୪ ହଜାର ଶିଶୁଙ୍କ ମଧ୍ୟରୁ ଜଣକ ଠାରେ ଦେଖାଯାଇଥାଏ। ଶିଶୁଟିର ତଳପାଟି ଖୁବ୍ ଛୋଟ ରହିଥିବା ବେଳେ ଜିଭଟି ମଧ୍ୟ ଠିକ୍ ସ୍ଥାନରେ ରହି ନଥିଲା। ଯାହା ଦ୍ୱାରା ତାର ନିଃଶ୍ୱାସ ନେବାରେ ଅସୁବିଧା ହେବା ସହ ତା'ର ଜୀବନ ପ୍ରତି ବିପଦ ଥିଲା। ଏହା ଛଡ଼ା ଶିଶୁର ତାଳୁ ବିଭକ୍ତ ଥିବାରୁ ସେ ଠିକ୍ ଭାବେ ଖାଦ୍ୟ ଗ୍ରହଣ କରିବା ସମ୍ଭବ ହେଉ ନଥିଲା। ଶିଶୁର ପାଟି ଖୁବ୍ ଛୋଟ ଥିବାରୁ ଇନ୍‌ଟ୍ୟୁବେସନ୍ କିମ୍ବା ଭେଂଟିଲେସନ୍ କରିବା ସମ୍ଭବ ନଥିଲା। ତେଣୁ ଡାକ୍ତରମାନେ ଓଡ଼ିଶାରେ ପ୍ରଥମ ଥର ପାଇଁ ଶିଶୁଟିର ଜୀବନ ବଂଚାଇବା ପାଇଁ ଏକ ନୂତନ ପ୍ରକ୍ରିୟା ଆପଣାଇଥିଲେ। ଏକ ଟ୍ରାକିଓଟୋମି ମାଧ୍ୟମରେ ତଣ୍ଟିରେ ଛୋଟ ଛିଦ୍ର ମାଧ୍ୟମରେ ଟ୍ୟୁବ୍ ଭର୍ତ୍ତି କରାଯାଇଥିଲା ଯାହା ଦ୍ୱାରା ଶିଶୁଟି ନିଃଶ୍ୱାସ ନେବା ସମ୍ଭବ ହୋଇପାରିଥିଲା।

# ଆସନ୍ତା ପହିଲାରୁ ୨୦ ଜିଲ୍ଲାରେ ଧାନକିଣା

## ୧୪ ଲକ୍ଷ ମେଟ୍ରିକ ଟନ୍ ସଂଗ୍ରହ ପାଇଁ ଲକ୍ଷ୍ୟଧାର୍ଯ୍ୟ

**ଭୁବନେଶ୍ୱର,୨୫/୪(ନିପ୍ର):** ଚଳିତ ରବି ଋତୁରେ ଚାଷୀମାନଙ୍କଠାରୁ ଧାନ କିଣିବା ନିମନ୍ତେ ବ୍ୟାପକ ପ୍ରସ୍ତୁତି ଚୂଡ଼ାନ୍ତ ହୋଇଛି । ମୁଖ୍ୟ ଶାସନ ସଚିବ ମନୋଜ ଆହୁଜାଙ୍କ ଅଧ୍ୟକ୍ଷତାରେ ଲୋକସେବା ଭବନସ୍ଥିତ ଦ୍ୱିତୀୟ ମହଲା ସମ୍ମିଳନୀ କକ୍ଷରେ ରାଜ୍ୟସ୍ତରୀୟ ଧାନ ସଂଗ୍ରହ କମିଟି ବୈଠକ ଅନୁଷ୍ଠିତ ହୋଇଛି । ଭିଡିଓ କନ୍‌ଫରେନ୍‌ସିଂ ମାଧ୍ୟମରେ ସଂପୃକ୍ତ ଜିଲ୍ଲାପାଳ ଓ ଯୋଗାଣ ଅଧିକାରୀ ଯୋଗ ଦେଇଥିବାବେଳେ ଖାଦ୍ୟ ଯୋଗାଣ ଓ ଖାଉଟି କଲ୍ୟାଣ ପ୍ରମୁଖ ଶାସନ ସଚିବ ଶ୍ରୀ ସଂଜୟ କୁମାର ସିଂ ଧାନକିଣା ପାଇଁ ପ୍ରଶାସନିକ ଓ ବୈଷୟିକ ପ୍ରସ୍ତୁତି ସଂକ୍ରାନ୍ତରେ ଆଲୋଚନା ପାଇଁ ଉପସ୍ଥାପନ କରିଥିଲେ । ପ୍ରାରମ୍ଭରେ ଶ୍ରୀ ସିଂ କହିଲେ ଯେ, ଗତ ଖରିଫ୍ ଋତୁରେ ପ୍ରାୟ ୧୬ ଲକ୍ଷ ୬୦ ହଜାର ଚାଷୀଙ୍କଠାରୁ ପ୍ରାୟ ୭୩ ଲକ୍ଷ ୪୫ ହଜାର ମେଟ୍ରିକ୍ ଟନ୍ ଧାନ ସଂଗ୍ରହ କରାଯାଇଥିଲା । ଏଥିନିମନ୍ତେ ଚାଷୀମାନଙ୍କୁ ସର୍ବନିମ୍ନ ସହାୟକ ମୂଲ୍ୟ ବାବଦକୁ ୧୬ ହଜାର ୮୫୩ କୋଟି ଏବଂ ଇନ୍‌ପୁଟ୍ ସହାୟତା ବାବଦକୁ ୫୮୬୨ କୋଟି ଟଙ୍କା ପ୍ରଦାନ କରାଯାଇଥିଲା । ସେହିଭଳି ଚଳିତ ରବି ଋତୁ ପାଇଁ ଆସନ୍ତା ମଇ ୧ ତାରିଖରୁ ଜୁନ୍ ୩୦ ତାରିଖ ପର୍ଯ୍ୟନ୍ତ ଧାନକିଣା ଆରମ୍ଭ ହେବ । ଚଳିତ ଋତୁରେ ୧୪ ଲକ୍ଷ ମେଟ୍ରିକ୍ ଟନ୍ ଧାନ ସଂଗ୍ରହ ପାଇଁ ଲକ୍ଷ୍ୟଧାର୍ଯ୍ୟ କରାଯିବା ପାଇଁ ବୈଠକରେ ନିଷ୍ପତ୍ତି ନିଆଯାଇଛି । ଏଥିନିମନ୍ତେ ପ୍ରାୟ ୩ ଲକ୍ଷ ୩୭ ହଜାର ଚାଷୀ ପଞ୍ଜୀକରଣ କରିଛନ୍ତି । ଯାହା ଗତବର୍ଷ ତୁଳନାରେ ପ୍ରାୟ ୧୨୨ ପ୍ରତିଶତ ଅଧିକ ରହିଛି । ଚଳିତ ବର୍ଷ କନ୍ଧମାଳ, ସୁନ୍ଦରଗଡ଼ ଓ ଭଦ୍ରକ ଜିଲ୍ଲାରୁ ନୂତନ ଭାବେ ଧାନକିଣା ଆରମ୍ଭ ହେଉଥିବାବେଳେ ରବି ଋତୁରେ ମୋଟ୍ ୨୦ଟି ଜିଲ୍ଲାରେ ୯୬୫ଟି ପ୍ରାଥମିକ କୃଷି ସମବାୟ ସମିତି ମାଧ୍ୟମରେ ଧାନକିଣା ହେବ । ଏଥିରେ ମଧ ୨୦୦ଟି ସ୍ୱୟଂ ସହାୟକ ଗୋଷ୍ଠୀ ଏହି ପ୍ରକ୍ରିୟାରେ ସାମିଲ ହୋଇଛନ୍ତି । ଯେଭଳି ଯୋଗ୍ୟ ଚାଷୀ ଧାନକିଣାରୁ ବଞ୍ଚିତ ନହୁଅନ୍ତି ଏଥିପ୍ରତି ଯଥେଷ୍ଟ ଧ୍ୟାନ ଦେବା ପାଇଁ ମୁଖ୍ୟ ଶାସନ ସଚିବ ମନୋଜ ଆହୁଜା ବିଭାଗୀୟ ଅଧିକାରୀ ଏବଂ ଜିଲ୍ଲାପାଳମାନଙ୍କୁ ନିର୍ଦ୍ଦେଶ ଦେଇଛନ୍ତି ।

# ବର୍ଷାଙ୍କୁ ଅନୁଭବଙ୍କ ତରଫରୁ ମିଳିବନି ଭରଣପୋଷଣ

**ଜେଏମଏଫସି କୋର୍ଟ ଶୁଣାଇଲେ ରାୟ**

**କଟକ, ୨୫/୪(ନିପ୍ର):** ଘରୋଇ ହିଂସା ଅଭିଯୋଗ ମାମଲାରୁ ମୁକ୍ତ ହେଲେ ସିନେ ଷ୍ଟାର ଅନୁଭବ ମହାନ୍ତି । ଅନୁଭବଙ୍କ ବିରୁଦ୍ଧରେ ତାଙ୍କ ପୂର୍ବ ପତ୍ନୀ ବର୍ଷା, ଘରୋଇ ହିଂସା ସମେତ ଅନ୍ୟ ଯେଉଁ ସବୁ ଅଭିଯୋଗ ଆଣି ଅଦାଲତଙ୍କ ଦ୍ୱାରସ୍ଥ ହୋଇଥିଲେ ତାହା ଖାରଜ ହୋଇଛି । ଯେହେତୁ ମାମଲା ଯୋଗ୍ୟ ପ୍ରମାଣ କୋର୍ଟରେ ଦାଖଲ କରାଯାଇପାରିଲା ନାହିଁ, ତେଣୁ ବର୍ଷାଙ୍କୁ କ୍ଷତି ପୂରଣ ଅବା ଭରଣପୋଷଣ ଲାଗି ଅନୁଭବଙ୍କୁ କିଛି ଦେବାକୁ ହେବ ନାହିଁ ବୋଲି ଜେଏମ୍‌ଏଫ୍‌ସି କୋର୍ଟ କଟକ ତାଙ୍କ ରାୟରେ ଉଲ୍ଲେଖ କରିଛନ୍ତି । ୨୦୨୨ ମସିହାରେ ବର୍ଷା ଅନୁଭବ ଏବଂ ତାଙ୍କ ପରିବାର ବିରୁଦ୍ଧରେ ଆଣିଥିଲେ ସଂଗୀନ ଅଭିଯୋଗ । ଶାଶୁଘରେ ତାଙ୍କୁ ପାରିବାରିକ ହିଂସାର ଶିକାର ହେବାକୁ ପଡୁଛି ବୋଲି ବର୍ଷା ଅଭିଯୋଗ କରି ଜେଏମ୍‌ଏଫ୍‌ସି କୋର୍ଟଙ୍କ ଦ୍ୱାରସ୍ଥ ହୋଇଥିଲେ । ତାଙ୍କୁ ମାନସିକ ଏବଂ ଶାରୀରିକ ନିର୍ଯାତନା ଦିଆଯାଉଛି, ତେଣୁ କ୍ଷତିପୂରଣ ବାବଦରେ ଏକ ନିର୍ଦ୍ଦିଷ୍ଟ ଅର୍ଥରାଶି ଦେବା ସହିତ ଭରଣପୋଷଣ ଲାଗି ଦାବି କରିଥିଲେ ବର୍ଷା । ଯାହାର ରାୟ ଆଜି ପ୍ରକାଶ କରିବା ସହିତ ବର୍ଷଙ୍କ ଆବେଦନକୁ ଖାରଜ କରିଛନ୍ତି କୋର୍ଟ । ସୂଚନାଯୋଗ୍ୟ, ବର୍ଷକ ପୂର୍ବରୁ ବର୍ଷା ଓ ଅନୁଭବଙ୍କ ମଧ୍ୟରେ ଛାଡ଼ପତ୍ର ହୋଇଥିଲା । ୨୦୨୪ ଫେବ୍ରୁଆରୀ ୮ରେ ସୋସିଆଲ୍ ମିଡିଆ ପ୍ଲାଟଫର୍ମ ଏକ୍ସରେ ପୋଷ୍ଟ କରି ବର୍ଷାଙ୍କ ସହ ଛାଡ଼ପତ୍ର ହୋଇଥିବା ଅନୁଭବ ଘୋଷଣା କରିଥିଲେ । ଏହି ଷ୍ଟାର ଦମ୍ପତିଙ୍କ ପାରିବାରିକ ବିବାଦର ମୂଳ ମାମଲା ୨୦୨୦ ଜୁଲାଇ ୬ରେ ଅନୁଭବ ମହାନ୍ତିଙ୍କ ଦ୍ୱାରା ଦିଲ୍ଲୀର ପଟିଆଲା ହାଉସ ପରିବାର ଅଦାଲତରେ ରୁଜୁ ହୋଇଥିଲା । ଏହାପରେ ଏହି ମାମଲାକୁ କଟକ ପରିବାର ଅଦାଲତକୁ ସ୍ଥାନାନ୍ତରିତ କରିବା ପାଇଁ ବର୍ଷା ସୁପ୍ରିମକୋର୍ଟଙ୍କ ଦ୍ୱାରସ୍ଥ ହୋଇଥିଲେ ।

# ଅଗ୍ନିବୀର ନିଯୁକ୍ତିରେ ଠକେଇ ଅଭିଯୋଗ; ୫ ଗିରଫ



**ଭୁବନେଶ୍ୱର,୨୫/୪(ନିପ୍ର):** ଆଇଏନଏସ ଅଗ୍ନିବୀର ନିଯୁକ୍ତି ପ୍ରକ୍ରିୟାରେ ବଡ଼ ଧରଣର ଦୁର୍ନୀତି ଅଭିଯୋଗ ହୋଇଛି । ଏହି ଘଟଣାରେ ୫ଜଣଙ୍କୁ ଗିରଫ କରାଯାଇଥିବା କହିଛନ୍ତି ଖୋର୍ଦ୍ଧା ଏସପି ସାଗରିକା ନାଥ । ଅଗ୍ନିବୀର ନିଯୁକ୍ତିରେ ଏହି ଅଭିଯୁକ୍ତମାନେ ଦୁର୍ନୀତି କରୁଥିଲେ । ତେଣୁ ନୌବାହିନୀର ୫ ଅଧିକାରୀଙ୍କୁ ଗିରଫ କରିଛି ଖୋର୍ଦ୍ଧା ପୋଲିସ୍ । ପୋଲିସ୍ ୧୨ଟି ବ୍ୟାଙ୍କ ଆକାଉଣ୍ଟ ଓ ବହୁ ମୋବାଇଲ୍ ଫୋନ୍ ସିଜ୍ କରିଛି । ଏମାନଙ୍କ ଠକେଇର ଷ୍ଟାଇଲ୍ ଥିଲା ଅଲଗା ପ୍ରକାରର । ଅଗ୍ନିବୀର ପଦବୀ ପାଇଁ ହେଉଥିବା ନିଯୁକ୍ତି ସହ ଏମାନେ ସଂପୃକ୍ତ ଥିଲେ । କେଉଁ କେଉଁ ପିଲା ସିଲେକ୍ଟ ହେଉଛନ୍ତି, ତାହା ଏମାନେ ଆଗରୁ ଜାଣିଯାଉଥିଲେ । ଏହି ପିଲାମାନଙ୍କୁ ସେମାନେ ଫୋନରେ ଯୋଗାଯୋଗ କରୁଥିଲେ । ତୁମେ ଟଙ୍କା ଦେଲେ ତୁମର ଚାକିରି ହୋଇଯିବ ବୋଲି କହୁଥିଲେ । ଚାକିରି ଆଶାୟୀଙ୍କଠାରୁ ଏମାନେ ଏହି ଭଳି ଟଙ୍କା ଆଦାୟ କରୁଥିଲେ । କାହା ଠାରୁ ଲକ୍ଷାଧିକ ଟଙ୍କା ଆଦାୟ କରୁଥିଲେ ତ ଗରିବ ପିଲାଙ୍କ ଠାରୁ କମ୍ ଟଙ୍କା ଆଦାୟ କରୁଥିଲେ । ବାସ୍ତବରେ ଏମାନେ ସିଲେକ୍ସନରେ କିଛି ହେରଫେର୍ କରୁନଥିଲେ । କିନ୍ତୁ କୃତକାର୍ଯ୍ୟ ହୋଇଥିବା ପିଲାଙ୍କ ଠାରୁ ନିଯୁକ୍ତି ପୂର୍ବରୁ ଟଙ୍କା ଆଦାୟ କରୁଥିଲେ । କେବଳ ଓଡ଼ିଶାର ଆଇଏନଏସ ଚିଲିକା ନୁହେଁ ଆଣ୍ଡାମାନର ଆଇଏନଏସ କେଶରୀର ଅଧିକାରୀ ମଧ ଏଥିରେ ସଂପୃକ୍ତ ଥିଲେ । ଗିରଫ ୫ ଜଣଙ୍କ ମଧ୍ୟରୁ ୩ ଜଣ ଆଇଏନଏସ ଚିଲିକାର ଓ ୨ ଜଣ ଆଇଏନଏସ କେଶରୀର କର୍ମଚାରୀ । ସେମାନଙ୍କୁ ଫୋନ୍ କରି ଟଙ୍କା ଦେଲେ ଚାକିରି ହୋଇଯିବ ବୋଲି କହୁଥିଲେ । ଟଙ୍କା ଦେଲେ ଚାକିରି ପକ୍କା ବୋଲି ଆଶାୟୀମାନଙ୍କୁ କହୁଥିଲେ । ହ୍ୱାଟସଆପ୍ ଗ୍ରୁପ କରି ଟଙ୍କା ଆଦାୟ କରୁଥିଲେ । ପୋଲିସ ତଦନ୍ତ ବେଳେ ଜାଣିବାକୁ ପାଇଛି ଯେ, କେତେକ ବ୍ୟାଙ୍କ ଆକାଉଣ୍ଟକୁ ମଧ ଟଙ୍କା ପଠାଯାଇଛି । ଗତ ୧୯ ତାରିଖରେ ରୁଜୁ ହୋଇଥିବା ଏକ କେଶର ତଦନ୍ତ ବେଳେ ଏହା ଜଣାପଡିଛି । ନିର୍ଦ୍ଦିଷ୍ଟ ଭାବେ କେତେଜଣ ଚାକିରି ଆଶାୟୀ ଠକାମିର ଶିକାର ହୋଇଛନ୍ତି, ତାହା ଜଣାପଡି ନଥିବା ଏକ ସୂତ୍ରରୁ ପ୍ରକାଶ।

# ଅବ୍ୟବସ୍ଥା ମଧ୍ୟରେ ଅସ୍ତରଙ୍ଗ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର

## ଆରୋଗ୍ୟ କେନ୍ଦ୍ର ପାଲଟିଛି ରୋଗର ପେଣ୍ଠସ୍ଥଳୀ !



**କାକଟପୁର,୨୫/୪(ନିପ୍ର):** ଉତ୍ତମ ସ୍ୱାସ୍ଥ୍ୟ ସେବା ଯୋଗାଇ ଦେବା ପାଇଁ ସରକାର ଆଣିଛନ୍ତି ଅନେକ ଯୋଜନା, ପଞ୍ଚାୟତ ସ୍ତରରେ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ସହିତ ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ରକୁ ମଧ ଦିଆଯାଉଛି ଗୁରୁତ୍ୱ। ମାତ୍ର ପୁରୀ ଜିଲ୍ଲା ଅସ୍ତରଙ୍ଗ ବ୍ଲକରେ ଥିବା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ସମ୍ପୂର୍ଣ୍ଣ ଅବ୍ୟବସ୍ଥା। ଏଠି ରୋଗରୁ ଉପଶମ ପାଇବାକୁ ଆସୁଥିବା ରୋଗୀ ବାସ୍ତବରେ ବା ପରୋକ୍ଷରେ କେତେ ରୋଗ କିଣୁଛି ତାହା ଆପଣ ଜାଣିଲେ ନିହାତି ଭାବେ ଆଶ୍ଚର୍ଯ୍ୟ ହେବେ। ଏ କଥା ଆମେ କହୁନୁ କହୁଛି ଆମ କ୍ୟାମେରା। ଆଉ ଯାହା କଏଦ ହୋଇଛି ତାହା ଯେ କେହି ନିଜେ ଦେଖିଲେ ଜାଣି ପାରିବେ। କେବଳ ସେତିକି ନୁହେଁ ବରିଷ୍ଠ ବୁଦ୍ଧିଜୀବୀ ଓ ସମାଜସେବୀ ଏ ବାବଦରେ ଉଠାଇଛନ୍ତି ସଙ୍ଗୀନ ଅଭିଯୋଗ। ରାଜ୍ୟରେ ଗ୍ରୀଷ୍ମପ୍ରବାହ ଜାରି ରହିଛି। ଇଣ୍ଡୋର ୱାର୍ଡ ଭିତରେ ରୋଗୀଙ୍କ ପାଇଁଥିବା ପାନୀୟ ଜଳ ଫ୍ରିଜରର ଅବସ୍ଥା ଦେଖିଲେ ଜଣେ ସୁସ୍ଥରୋଗୀ ବି ଅସୁସ୍ଥ ହୋଇଯିବ। ପାନଛେପରେ ସମ୍ପୂର୍ଣ୍ଣ ଆସ୍ତରଣ ଜମିଛି। ପିଇବା ପାଇଁ ଗୋଟେ ପ୍ଲାଷ୍ଟିକ ଗ୍ଲାସ। ଗୋଟେ ପଟେ ସରକାର ପ୍ଲାଷ୍ଟିକ ମୁକ୍ତ ପାଇଁ ପରାମର୍ଶ ଦେଉଛନ୍ତି ଅନ୍ୟପଟେ ଯେଉଁ ପ୍ଲାଷ୍ଟିକ ଗ୍ଲାସ ରହିଛି ତାହା ବି ସମ୍ପୂର୍ଣ୍ଣ ଅପରିଷ୍କାର। କେବଳ ସେତିକି ନୁହେଁ ନୋଭେଲାଇଜର ଟେବୁଲ ନିକଟରେ ରୋଗୀ ଓ ରୋଗୀମାନଙ୍କ ଲୋକ ପାଇଁ ବସିବାକୁ ବ୍ୟବସ୍ଥା ହୋଇଛି ସତ ମାତ୍ର ସେହି ସ୍ଥାନରେ ରୋଗୀଙ୍କ ପାଇଁ ବ୍ୟବହୃତ ହେଉଥିବା ତୁଳା ଫିଙ୍ଗା ଯାଇଛି। ଡାକ୍ତରଙ୍କ ଦେଖା ନାହିଁ। ବେସିନ ବି ଅବ୍ୟବସ୍ଥା। ଯଦି ସରକାର କାୟାକଳ୍ପ ହେଉ କି ଅନ୍ୟ କୌଣସି ପ୍ରକଳ୍ପରେ ଅର୍ଥ ମଞ୍ଜୁର କରୁଛନ୍ତି ତାହେଲେ ଏହି ଅର୍ଥ କେଉଁଠି ଆଉ କାହା ଉଦ୍ଦେଶ୍ୟରେ ଖର୍ଚ୍ଚ ହେଉଛି ତାହାକୁ ନେଇ ସୃଷ୍ଟି ହୋଇଛି ସନ୍ଦେହ। ଏହିପରି ରାତ୍ର ସମୟରେ ଜଣେ କୀଡ୍‌ନୀ ଅସୁସ୍ଥ ରୋଗୀଙ୍କର ଅକ୍ସିଜେନ୍‌ର ଆବଶ୍ୟକତା ହୋଇଥିଲା। ତାଙ୍କ ଘର ଲୋକ ଅଟୋ ମାଧ୍ୟମରେ ହସ୍ପିଟାଲ ଆଣିଲେ ସତ ମାତ୍ର ରୋଗୀ ଜଣେ ସମ୍ପୂର୍ଣ୍ଣ ପକ୍ଷାଘାତ ହୋଇଥିବାରୁ ସେ ହସ୍ପିଟାଲ ୱାର୍ଡ ଭିତରକୁ ଯିବା ପାଇଁ ଅପେକ୍ଷା କରି ବସିଥିଲେ ଆସିନଥିଲେ କୌଣସି କର୍ମଚାରୀ। ଡାକ୍ତର ସେଇଠି ଉପସ୍ଥିତ ଅଛନ୍ତି, ହ୍ୱିଲ୍ ଚେୟାର ଅଛି ମାତ୍ର ରୋଗୀକୁ ନେବା ପାଇଁ ନାହାନ୍ତି କର୍ମଚାରୀ। ଶେଷରେ ଉପସ୍ଥିତ ତାଙ୍କ ଘର ଲୋକ ରୋଗୀଙ୍କୁ ଉଠାଇ ଖଟିଆରେ ଶୁଆଇଥିଲେ। ଥରେ ଚିନ୍ତା କରନ୍ତୁ ଯଦି ସେହି ସମୟ ରୋଗୀଜଣକ, ପଡିଯାଇ ଥାନ୍ତେ ତାହେଲେ ସେଥିପାଇଁ ଦାୟୀ କିଏ ହୋଇଥାନ୍ତା ବୋଲି ସାଧାରଣରେ କୁହାଯାଉଛି। ବିଭିନ୍ନ ମହଲରୁ ଅସ୍ତରଙ୍ଗ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରର ଦୂଷିତ ପରିବେଶ ଆଉ ଅବ୍ୟବସ୍ଥା ଉପରେ କାର୍ଯ୍ୟାନୁଷ୍ଠାନ ନେବାକୁ ନେଇ ରାଜ୍ୟ ସରକାର ଓ ଜିଲ୍ଲା ସ୍ୱାସ୍ଥ୍ୟ ଅଧିକାରୀଙ୍କ ଠାରେ ଦାବି କରାଯାଇଛି।

**AFFIDAVIT**

By virtue of an affidavit sworn before Executive Magistrate, Nimapara, dtd.24.04.2025,I, Mister Chance, S/o Sanatan Sahu, Resident of Vill-Ratilo Melaksahi, Po-Ratilo, Ps-Nimapara, Dist-Puri, Odisha-752114, declare that I have changed my name from Mr Chance to Mister Chance. Henceforth I shall be known as Mister Chance for all purposes.
Sd/-MISTER CHANCE

**AFFIDAVIT**

By virtue of an affidavit sworn before The Executive Magistrate , Banpur dtd.22.04.2025. I Prashant Behera S/o Fakir Behera, At-Narandeipur, Po-Tumuraputsasan Ps-Banpur, Dist-Khordha, Odisha-752031 declare that, I have changed my name Behera Prashant to Prashant Behera . Henceforth I shall be known as Prashant Behera for all purposes.
PRASHANT BEHERA

**AFFIDAVIT**

By virtue of an affidavit sworn before The Executive Magistrate, Talcher on 17.03.2025. I Manamohini Prusty D/o Judhisthir Gountia, W/o Sarat Chandra Prusty, At-Susuba, Po-Podagarh, Ps-Rengali Dam Site, Dist-Angul declare that, I have changed my name from Subhashree Prusty (OLD) to Manamohini Prusty. Subhashree Prusty & Manamohini Prusty are one & the same person. Henceforth I shall be known as Manamohini Prusty for all purposes.
MANAMOHINI PRUSTY

Printed and Published by **Arun Kumar Dash** on behalf of **M/s SURYO MEDIA PVT. LIMITED** and Printed at **M/s SURYO MEDIA PVT. LIMITED,** Published at «DINALIPI BHAWAN« A-54/1 & A-55/1, Nayapalli, P.O. Baramunda, Bhubaneswar - 751 003, Phone No. 8114386934 (News Desk), 8114386935,(Office) Fax - 2564487, e.mail : dinalipinews@gmail.com / suryomedia@gmail.com
ସମ୍ପାଦକ : ଅନ୍ନପୂର୍ଣ୍ଣା ଦାଶ
ମୁଖ୍ୟ ସମ୍ପାଦକ : ବଟକୃଷ୍ଣ ତ୍ରିପାଠୀ